## ଅଲ୍ଲାଃତାଲାଙ୍କ ବାଣୀ

اَلَّذِيْنَ يُنْفِقُوْنَ اَمْوَالَهُمْ فِيْ سَبِيْلِ اللّٰهِ ثُمَّ لَا يُتْبِعُوْنَ مَآ اَنْفَقُوْا مَنًّا وَّلَآ اَذًى ۙ لَّهُمْ اَجْرُهُمْ عِنْدَ رَبِّهِمْ ۚ وَلَا خَوْفٌ عَلَيْهِمْ وَلَا هُمْ يَحْزَنُوْنَ ○

(سورۃ البقرۃ :263)

**ଅନୁବାଦ** - ଯେଉଁମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର ଧନ ବ୍ୟୟ କରନ୍ତି ଏବଂ ବ୍ୟୟ କରିବା ପରେ କୌଣସି ପ୍ରକାରରେ (ନିଜ) ଉପକାର ବଖାଣନ୍ତି ନାହିଁ ବା କୌଣସି ପ୍ରକାର କଷ୍ଟ ଦିଅନ୍ତି ନାହିଁ ସେମାନଙ୍କ ପାଇଁ ସେମାନଙ୍କ ପାଳନକର୍ତ୍ତାଙ୍କ ନିକଟରେ (ସେମାନଙ୍କ କର୍ମର) ପ୍ରତିଫଳ ଗଚ୍ଛିତ ଅଛି । ସେମାନଙ୍କର କୌଣସି ଭୟନାହିଁ କି ସେମାନେ ଦୁଃଖିତ ହେବେ ନାହିଁ ।

(ବକ୍ରାଃ : ୨୬୩)


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 33

ସାପ୍ତାହିକ ବଦର

The Weekly BADAR Qadian କାଦିଆନ

ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

16 ଅଗଷ୍ଟ 2018 16 ଜହୁର୍ 1397 ହି.ଶ 04 ଜୁଲ୍‌ହଜା 1439 ହି.କ


## ଅହମଦୀୟା ଖାବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫିଁ'ଉମ୍‌ରିହି ୱ ଅମ୍‌ରିହି ॥**

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ପାହାଡ ଓ ଭୂପୃଷ୍ଠର ଅଣୁ ଅଣୁ ଏବଂ ନଦୀ ଓ ସମୁଦ୍ରର ବିନ୍ଦୁ ବିନ୍ଦୁ ଏବଂ ବୃକ୍ଷଲତା ଗୁଡିକର ପତ୍ର ପତ୍ର ଓ ତାର ସମସ୍ତ ଅଂଶ ଏବଂ ମନୁଷ୍ୟ ଓ ପଶୁମାନଙ୍କର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଇଶ୍ୱରଙ୍କୁ ଚିହ୍ନୁଛନ୍ତି ଏବଂ ତାର ଇତାଅତ୍ (ଆଜ୍ଞାପାଳନ) କରୁଛନ୍ତି । ବାଦଲ ହେଉ, ପବନ ହେଉ, ନିଆଁ ହେଉ ବା ପୃଥିବୀ ସମସ୍ତେ ଇଶ୍ୱରଙ୍କ ଇତାଅତ୍ ଏବଂ (ତା) ପ୍ରଶଂସା ଓ ଗୁଣଗାନରେ ମଗ୍ନ ଅଛନ୍ତି

### କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ସେହିପରି ଇଞ୍ଜିଲ୍‌ରେ କୁହାଯାଇଛି କି ତୁମେ ନିଜର ପୁଣ୍ୟ କର୍ମକୁ ଲୋକମାନଙ୍କ ସମ୍ମୁଖରେ ଦେଖେଇ ହୋଇ କରନାହିଁ । କିନ୍ତୁ ପବିତ୍ର କୋରାନ୍ କହୁଛି କି ତୁମେ ଏପରି କରନାହିଁ କି ନିଜର ସମସ୍ତ କାର୍ଯ୍ୟକୁ ଲୋକଙ୍କ ଠାରୁ ଲୁଚାଇ ରଖ ବରଂ ତୁମେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଜର କିଛି ପୁଣ୍ୟ କର୍ମକୁ ଲୁଚାଇ କରି କର ଯେବେ ତୁମେ ଏହା ଜାଣ କି ଏ କାର୍ଯ୍ୟକୁ ଲୁଚାଇ କରିବା ତୁମପାଇଁ ଉଚିତ୍ । ଏବଂ କିଛି କର୍ମ ଦେଖାଇକରି ମଧ୍ୟ କର, ଯେବେ ତୁମେ ଏହା ଦେଖକି ଦେଖାଇବାରେ ସାଧାରଣ ଲୋକଙ୍କର ହିତ ଅଛି । ଏହାଦ୍ୱାରା ତୁମକୁ ଦୁଇଗୋଟିଏ ପ୍ରତିବଦଳ ମିଳିବ । ଯେଉଁ ଦୁର୍ବଳ ଲୋକମାନେ ପୁଣ୍ୟ କାର୍ଯ୍ୟ କରିବା ପାଇଁ ସାହସ ବାନ୍ଧିପାରୁନଥିଲେ ଏହାଦ୍ୱାରା ସେମାନେ ମଧ୍ୟ ତୁମର ଅନୁସରଣ କରି ସେହି ପୁଣ୍ୟକାର୍ଯ୍ୟକୁ କରିବେ । ସୁତରାଂ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି *ସିର୍‌ରଉଁ ୱ ଅଲାନିୟାଃ* ଅର୍ଥାତ୍ ଲୁଚାଇକରି ମଧ୍ୟ ପୁଣ୍ୟ କର ଓ ଦେଖାଇକରି ମଧ୍ୟ କର । ଏହି ନିର୍ଦ୍ଦେଶର ହିକ୍‌ମତ୍ (କାରଣ) ଅଲ୍ଲାଃ ନିଜେ କହିଦେଇଛନ୍ତି । ଯାହାର ଅର୍ଥ ହେଉଛି କି ନା କେବଳ କଥାରେ ଲୋକମାନଙ୍କୁ ବୁଝାଓ ବରଂ କାର୍ଯ୍ୟଦ୍ୱାରା ପ୍ରୋତ୍ସାହିତ କର । କାରଣ ପ୍ରତ୍ୟେକ ସ୍ଥାନରେ କଥା କହିବାର ପ୍ରଭାବ ପଡେନାହିଁ ବରଂ ଅଧିକାଂଶ ସ୍ଥାନରେ ନମୁନା (ଦୃଷ୍ଟାନ୍ତ)ର ବହୁତ ପ୍ରଭାବ ପଡ଼ିଥାଏ ।

ସେହିପରି ଇଞ୍ଜିଲ୍‌ରେ ଲେଖାଅଛି କି ଯେବେ ତୁମେ ଦୁଆ (ପ୍ରାର୍ଥନା) ମାଗିବାକୁ ଚାହଁ ତେବେ ନିଜ କୋଠରୀ ଭିତରେ ଯାଇ (ମାଗ) । କିନ୍ତୁ ପବିତ୍ର କୋରାନ୍ ଏ ଶିକ୍ଷା ଦେଉଛି କି ନିଜ ପ୍ରାର୍ଥନାକୁ ପ୍ରତ୍ୟେକ ମୌକାରେ ଲୁଚାଇ ରଖନାହିଁ । ବରଂ ତୁମେ ଲୋକମାନଙ୍କ ସମ୍ମୁଖରେ ନିଜ ଭାଇମାନଙ୍କ ଗହଣରେ ଖୋଲାଖୋଲି ରୂପେ ଦୁଆକର । ଫଳତଃ ଯଦି କୌଣସି ପ୍ରାର୍ଥନା ଗ୍ରହଣୀୟ ହେବ ତାହା ଉକ୍ତ ଲୋକମାନଙ୍କ ଇମାନ୍ (ବିଶ୍ୱାସ)ରେ ଉନ୍ନତିର କାରଣ ହେବ ଓ ଏହାଦ୍ୱାରା ଅନ୍ୟ ଲୋକମାନେ ମଧ୍ୟ ଦୁଆ କରିବା ପ୍ରତି ଆକୃଷ୍ଟ ହେବେ ।

ସେହିପରି ଇଞ୍ଜିଲ୍‌ରେ ଅଛି କି ତୁମେ ଏପରି ଦୁଆକର କି ହେ ମୋର ବାପା ଯିଏ ଆକାଶରେ ଅଛ (ଅର୍ଥାତ୍ ମୋ ପ୍ରଭୁ) ତୁମ ନାମର ପବିତ୍ର ଗୁଣଗାନ ହେଉ, ତୁମ ସାମ୍ରାଜ୍ୟ (ପ୍ରତିଷ୍ଠା) ହେଉ । ତୁମର ଇଛା ଯେଉଁପରି ଆକାଶରେ ଅଛି ସେହିପରି ପୃଥିବୀରେ (ପ୍ରକାଶ) ହେଉ । ଆମର ପ୍ରତ୍ୟେକ ଦିନର ରୁଟି (ଖାଦ୍ୟ) ସେହିଦିନ ଆମକୁ ପ୍ରଦାନ କର ଓ ଯେପରି ଆମେ ଆମ କରଜଦାର୍‌ଙ୍କୁ କ୍ଷମା ଦେଉଛୁ ସେହିପରି ତୁମେ ଆମ କରଜକୁ ଆମଠାରୁ କ୍ଷମା କରିଦିଅ ଓ ଆମକୁ ପରୀକ୍ଷାରେ ପକାଓନାହିଁ ବରଂ କୁକର୍ମ କରିବାରୁ ବଂଚାଓ କାରଣ ସାମ୍ରାଜ୍ୟ, କୁଦ୍‌ରତ୍ (ଶକ୍ତି) ଓ ପ୍ରତାପ ସଦାସର୍ବଦା ହେଉଛି ତୁମର । କିନ୍ତୁ ପବିତ୍ର କୋରାନ୍ କହୁଛି କି ଏପରି ନୁହେଁ ଯେ ପୃଥିବୀ (ଇଶ୍ୱରଙ୍କ) ପବିତ୍ର ଗୁଣଗାନ ଓ ପ୍ରଶଂସା କରୁନାହିଁ ବୋଲି । ବରଂ ପୃଥିବୀରେ ମଧ୍ୟ ଇଶ୍ୱରଙ୍କ ପବିତ୍ରୀକରଣ (ପ୍ରତିଷ୍ଠା ଅବତୀର୍ଣ୍ଣ) ହେଉଅଛି ନା କେବଳ ଆକାଶରେ । ଯେପରିକି ସେ (ଅଲ୍ଲାଃ) କହୁଛନ୍ତି:-*ୱ ଇମ୍ ମିନ୍ ଶୈଇନ୍ ଇଲ୍ଲା ୟୁସବ୍‌ବିହୁ ବିହମ୍‌ଦିହି* (ବନି ଇସ୍‌ରାଇଲ:୪୫) *ୟୁସବ୍‌ବିହୁ ଲିଲ୍ଲାହି ମା ଫିସ୍ ସମାୱାତି ୱମା ଫିଲ୍ ଅର୍‌ଜ୍* (ଜୁମା:୨) ଅର୍ଥାତ୍ ପୃଥିବୀ ଓ ଆକାଶର ପ୍ରତ୍ୟେକ ବସ୍ତୁ ଇଶ୍ୱରଙ୍କ ପ୍ରଶଂସା ଓ ଗୁଣ ଗାନ କରୁଛନ୍ତି । ଯାହା କିଛି ତାଙ୍କ ମଧ୍ୟରେ ଅଛି ସେ ସବୁ ତାହାର ପ୍ରଶଂସା ଓ ଗୁଣଗାନରେ ଲାଗି ରହିଛନ୍ତି । ପାହାଡ ତା ଗୁଣଗାନରେ ଲାଗିରହିଛି । ନଦୀ ତାର ପ୍ରଶଂସାରେ ଲାଗିରହିଛି । ବୃକ୍ଷଲତା ତା ପ୍ରଶଂସା କରୁଛନ୍ତି ଏବଂ ଅନେକ ସତ୍ୟନିଷ୍ଠ ଓ ସତ୍ୟବାଦୀ ତାହାର ଗୁଣଗାନରେ ମଜ୍ଜି ରହିଛନ୍ତି ଓ ଯେଉଁବ୍ୟକ୍ତି ମୌଖିକ ରୂପେ ଓ ସହୃଦୟତାର ସହିତ ତାଙ୍କ ପ୍ରଶଂସାରେ ମଗ୍ନ ନାହିଁ ଓ ଇଶ୍ୱରଙ୍କ ସମ୍ମୁଖରେ ନମ୍ରତା ଓ ଶିଷ୍ଟାଚାର ଦେଖାଉନାହିଁ, ତା ସହିତ କିସମ କିସମର ଦଣ୍ଡ ଓ ଜାତନା ଲଗାଇ ଅଲ୍ଲାଃଙ୍କ ବିଧାନ ଶିଷ୍ଟାଚାର ଶିଖାଉଛି । ଏବଂ ଯାହାକିଛି ଫରିସ୍ତା ମାନଙ୍କ ସମ୍ବନ୍ଧରେ ପବିତ୍ର କୋରାନ୍‌ରେ ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ପ୍ରତ୍ୟେକ ବସ୍ତୁ ତାର ଆଜ୍ଞାବହତା ସ୍ୱୀକାର କରୁଛନ୍ତି । ଏହି ସଂଜ୍ଞା ପୃଥିବୀର ଅଣୁ ପରମାଣୁ ଓ ଟିକିନିଖି ବିଷୟରେ ପବିତ୍ର କୋରାନ୍‌ରେ ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ପ୍ରତ୍ୟେକ ବସ୍ତୁ ତାର ଆଜ୍ଞାବହତା ସ୍ୱୀକାର କରୁଛନ୍ତି । ତା ବିନା ଅନୁମତିରେ ଗୋଟିଏ ପତ୍ର ମଧ୍ୟ ପଡ଼ିପାରିବ ନାହିଁ ଓ ତା ନିର୍ଦ୍ଦେଶ ବିନା କୌଣସି ଔଷଧ ଆରୋଗ୍ୟ ପ୍ରଦାନ କରିପାରିବ ନାହିଁ ଓ ନା କୌଣସି ଖାଦ୍ୟ (ସ୍ୱାସ୍ଥ୍ୟ) ଅନୁକୂଳ ହୋଇପାରିବ । ପ୍ରତ୍ୟେକ ବସ୍ତୁ ଅତ୍ୟନ୍ତ ବିନୟତାର ସହିତ ଓ ଭକ୍ତିଭାବରେ ଇଶ୍ୱରଙ୍କ ଦ୍ୱାରଦେଶରେ ନତମସ୍ତକ ଅଛନ୍ତି ଓ ତା ଆଜ୍ଞାବହତାରେ ମଗ୍ନ ହୋଇ ରହିଛନ୍ତି ।

ପାହାଡ ଓ ଭୂପୃଷ୍ଠର ଅଣୁ ଅଣୁ ନବୀ ଓ ସମୁଦ୍ର ଗୁଡିକର ବିନ୍ଦୁ ବିନ୍ଦୁ ଓ ବୃକ୍ଷଲତା ଇତ୍ୟାଦିଙ୍କ ପତ୍ର ପତ୍ର ଓ ପ୍ରତ୍ୟେକ ଭାଗ ଏବଂ ମନୁଷ୍ୟ ଓ ପଶୁମାନଙ୍କର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଇଶ୍ୱରକୁ ଚିହ୍ନିଛନ୍ତି ଓ ତାର ଆଜ୍ଞାକୁ ପାଳନ କରୁଛନ୍ତି ଓ ତାର ଗୁଣଗାନ ଓ ପବିତ୍ରୀକରଣରେ ଲାଗିରହିଛନ୍ତି । ସେଇଥିପାଇଁ ଅଲ୍ଲାଃତାଲା କହୁଛନ୍ତି- *ୟୁସବ୍‌ବିହୁ ଲିଲ୍ଲାହି ମା ଫିସ୍ ସମାୱାତି ୱମା ଫିଲ୍ ଅର୍‌ଜ୍* (ଜୁମା:୨) ଅର୍ଥାତ୍ ଯେପରି ଆକାଶ ଉପରେ ପ୍ରତ୍ୟେକ ବସ୍ତୁ ଇଶ୍ୱରଙ୍କ ପ୍ରଶଂସା ଓ ଗୁଣଗାନରେ ଲାଗି ରହିଛନ୍ତି ସେହିପରି ପୃଥିବୀରେ ମଧ୍ୟ ପ୍ରତ୍ୟେକ ବସ୍ତୁ ଇଶ୍ୱରଙ୍କ ପ୍ରଶଂସା ଓ ଗୁଣ ଗାନ କରୁଛନ୍ତି । ସୁତରାଂ କଣ ପୃଥିବୀ ଉପରେ ଇଶ୍ୱରଙ୍କର ଗୁଣଗାନ ଓ ପବିତ୍ରୀକରଣ କରାଯାଉନାହିଁ । ଏପରି ବାକ୍ୟ ଜଣେ ପୂର୍ଣ୍ଣ ଜ୍ଞାନୀଙ୍କ ମୁହଁରୁ ବାହାରିପାରେନା ବରଂ ପାର୍ଥିବ ବସ୍ତୁମାନଙ୍କ ମଧ୍ୟରୁ କୌଣସି ବସ୍ତୁ ତ ଶରୀୟତ୍‌ର ନିର୍ଦ୍ଦେଶାବଳୀ ଗୁଡିକର ଇତାଅତ୍ କରୁଛନ୍ତି ଓ କୌଣସି ବସ୍ତୁ କଜା ଓ କଦର୍ (ନିୟତି)ର ନିର୍ଦ୍ଦେଶର ଅନ୍ତର୍ଗତ ଅଛି ଓ କୌଣସି ବସ୍ତୁ ଏହି ଦୁଇଟିର ଆଜ୍ଞାବହତା ସ୍ୱୀକାର କରିବାରେ ଅଂଟା ଭିଡିଛନ୍ତି । ବାଦଲ୍ ହେଉ, ପବନ ହେଉ, ଅଗ୍ନି ହେଉ, ଭୂପୃଷ୍ଠ ହେଉ ସମସ୍ତେ ଇଶ୍ୱରଙ୍କ ଇତାଅତ୍ ଓ ପ୍ରଶଂସାରେ ମଗ୍ନ ହୋଇ ରହିଛନ୍ତି । ଯଦି କୌଣସି ମନୁଷ୍ୟ ଇଲାହି ଶରୀୟତ୍ (ଐଶି ବିଧାନ)ର ନିର୍ଦ୍ଦେଶାବଳୀ ଗୁଡିକୁ ମାନୁନାହିଁ ତେବେ (ସେ) ଐଶ୍ୱରିକ ବିଧାନର ନିର୍ଦ୍ଦେଶ ଅନ୍ତର୍ଗତ ରହିଛି । ଏହି ଦୁଇଟି ଶାସନର ବାହାରେ କେହି ନାହାଁନ୍ତି । କୌଣସି ନା କୌଣସି ଆକାଶୀୟ ଶାସନର ଜୁଆଳି ପ୍ରତ୍ୟେକଙ୍କ କାନ୍ଧ ଉପରେ ରହିଛି । ହଁ ନିଶ୍ଚିତ ରୂପେ ମନୁଷ୍ୟ ମନର ସଂସ୍କାର ବା ତାର ବିଭ୍ରାଟ ଯୋଗୁ ଅବହେଳା ବା ଅଲ୍ଲାଃଙ୍କର ଗୁଣଗାନ ଗୋଟି ଗୋଟି ହୋଇ ଭୂପୃଷ୍ଠ ଉପରେ ନିଜର ଗଲ୍‌ବା କରିଚାଲିଛନ୍ତି । କିନ୍ତୁ ଇଶ୍ୱରଙ୍କ ବିନା ହିକ୍‌ମତ୍ ଏବଂ ମସ୍‌ଲେହତ୍ (ଇଛା ଓ କାରଣ)ରେ ଏହି ଜୁଆର ଭଟ୍ଟା ସ୍ୱୟଂ ହେଉନାହିଁ । ଇଶ୍ୱର ଚାହୁଁଛନ୍ତି କି ଭୂପୃଷ୍ଠରେ ଏହା ହୋଇଯାଉ, ତାହା ହୋଇଯାଉଛି । ତେଣୁ ହିଦାୟତ୍ ଏବଂ ଜଲାଲତ୍ (ପଥପ୍ରଦର୍ଶନ ଓ ପଥଭ୍ରଷ୍ଟତା)ର ସମୟ ମଧ୍ୟ ଦିନ ଓ ରାତିର ଗତିପଥ ପରି ଇଶ୍ୱରଙ୍କ କାନୁନ୍ ଓ ତଙ୍କ ନିର୍ଦ୍ଦେଶ ମୁତାବକ ପରିଚାଳିତ ହେଉଅଛି, ନିଜକୁ ନିଜେ ନୁହେଁ । ତାଙ୍କ ଶବ୍ଦଗୁଡିକୁ ଯଦିଚ ସମସ୍ତ ବସ୍ତୁ ଶୁଣୁଛନ୍ତି ଓ ତାର ପବିତ୍ରତାକୁ ମନେ ପକାଉଛନ୍ତି କିନ୍ତୁ ଇଞ୍ଜିଲ୍ କହୁଛି କି ଏ ଭୂପୃଷ୍ଠ ଇଶ୍ୱରଙ୍କ ପବିତ୍ରୀକରଣରୁ ଖାଲି ରହିଛି ? ଏହାର କାରଣ ଉକ୍ତ ଇଞ୍ଜିଲିୟ ପ୍ରାର୍ଥନାର ପର ବାକ୍ୟରେ ସଙ୍କେତ ସ୍ୱରୂପ ବର୍ଣ୍ଣନା କରାଯାଇଛି । ତାହା ହେଉଛି ଏପରି କି- ବର୍ତମାନ ସେଥିରେ ଇଶ୍ୱରଙ୍କ ସାମ୍ରାଜ୍ୟ ଆସିନାହିଁ । ତେଣୁ ହୁକୁମତ୍ ନହେବା କାରଣରୁ ନା ଅନ୍ୟ କୌଣସି କାରଣ ଯୋଗୁ ଇଶ୍ୱରଙ୍କ ଇଛା ଏହିପରି ଭୂପୃଷ୍ଠରେ ଲାଗୁ ହୋଇପାରିଲା ନାହିଁ, ଯେପରିକି ଆକାଶରେ ଲାଗୁ ହୋଇଛି । କିନ୍ତୁ ପବିତ୍ର କୋରାନ୍‌ର ଶିକ୍ଷା ସମ୍ପୂର୍ଣ୍ଣ ରୂପେ ଏହାର ଓଲଟା । ସେ ତ ସ୍ୱଷ୍ଟ ଶବ୍ଦରେ ଏହା କହୁଅଛି କି କୌଣସି ଚୋର, ହତ୍ୟାକାରୀ, ଅମାନ୍ୟକାରୀ, ବ୍ୟଭିଚାରୀ, ଦୁରାଚାରୀ ଓ ଅପରାଧି ପ୍ରବଣ ବ୍ୟକ୍ତି କୌଣସି ପ୍ରକାରର କୁକର୍ମ ଭୂପୃଷ୍ଠରେ ସେପର୍ଯ୍ୟନ୍ତ କରିପାରିବ ନାହିଁ ଯେପର୍ଯ୍ୟନ୍ତ ଆକାଶରୁ ତାକୁ ଅଧିକାର ନ ଦିଆଯାଇଛି । ସୁତରାଂ (ଏପରି) କାହିଁକି କୁହାଯିବ କି ଆକାଶୀୟ ସାମ୍ରାଜ୍ୟ (ସେ) ପୃଥିବୀରେ (ସ୍ଥାପନ) କଲେନାହିଁ । (ଏବଂ) ପୃଥିବୀରେ କୌଣସି ବିରୋଧି ଇଶ୍ୱରଙ୍କ ନିର୍ଦ୍ଦେଶଗୁଡିକୁ ଜାରି ହେବାପାଇଁ ପ୍ରତିବନ୍ଧକ ସାଜିଛି ବୋଲି । ସୁବ୍‌ହାନଲ୍ଲା (ଅଲ୍ଲାଃ ହେଉଛନ୍ତି ପବିତ୍ର) ଏପରି କଦାପି ନୁହେଁ ବରଂ ଇଶ୍ୱର ସ୍ୱୟଂ ଆକାଶରେ ଫରିସ୍ତା (ଦେବଦୂତ) ମାନଙ୍କୁ କୌଣସି ପ୍ରକାରର ସ୍ୱାଧିକାର ଦେଇନାହାଁନ୍ତି ବରଂ ସେମାନଙ୍କ ପ୍ରକୃତିରେ ହିଁ ଇତାଅତ୍ (ଆଜ୍ଞାବହତା)ର ଗୁଣକୁ ରଖି ଦେଇଛନ୍ତି । କୌଣସି ପ୍ରକାରର ବିରୋଧ ସେମାନେ କରି ହିଁ ପାରିବେ ନାହିଁ ଓ ସେମାନଙ୍କ ଦ୍ୱାରା କୌଣସି (ପ୍ରକାରର) ଭୁଲ୍ ବା ତ୍ରୁଟି ହୋଇପାରିବ ନାହିଁ । କିନ୍ତୁ ମନୁଷ୍ୟର ପ୍ରକୃତିରେ ଗ୍ରହଣ କରିବାର ସ୍ୱାଧିକାର ରଖାଯାଇଛି ଓ ଯେହେତୁ ଏହି ଅଧିକାର ଉପରୁ ମିଳିଛି ତେଣୁ ଏହା କୁହାଯାଇପାରିବ ନାହିଁ (କି ଜଣେ) ଦୂରାଚାରି ବ୍ୟକ୍ତିଙ୍କ ଯୋଗୁ ଇଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀରୁ ଶେଷ ହୋଇଯାଇଛି ବରଂ ଇଶ୍ୱରଙ୍କ ସାମ୍ରାଜ୍ୟ ସବୁ କ୍ଷେତ୍ରରେ ରହିଛି । ହଁ କେବଳ ଦୁଇପ୍ରକାରର କାନୁନ୍ ଅଛି । ଗୋଟିଏ ଆକାଶୀୟ ଦେବଦୂତ ମାନଙ୍କ ପାଇଁ *କଜା ଓ କଦର୍* (ଇଶ୍ୱରୀୟ ନିର୍ଣ୍ଣୟ)ର କାନୁନ୍ ଅଛି ଅର୍ଥାତ୍ ସେମାନେ କୁକର୍ମ କରିପାରିବେ ନାହିଁ ଓ ଆଉଗୋଟିଏ ପୃଥିବୀରେ ମନୁଷ୍ୟମାନଙ୍କ ପାଇଁ ଇଶ୍ୱରଙ୍କ କଜା ଓ କଦର୍ ସମ୍ବନ୍ଧରେ (ଏକ କାନୁନ୍) ରହିଛି ଓ ତାହା ହେଉଛି ଏହା କି ଆକାଶରୁ ସେମାନଙ୍କୁ କୁକର୍ମ କରିବା ପାଇଁ ଅଧିକାର ଦିଆଯାଇଛି । କିନ୍ତୁ ଯେବେ ଇଶ୍ୱରଙ୍କ ଠାରୁ ଶକ୍ତି ମଗାଯାଏ ଅର୍ଥାତ୍ ଇସ୍‌ତେଗ୍‌ଫାର କରାଯାଏ ତେବେ ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା)ଙ୍କ ସହଯୋଗ ଦ୍ୱାରା ତାଙ୍କ ଦୋଷ ଦୁର୍ବଳତା ଦୂର ହୋଇପାରିବ । ଏବଂ ସେମାନେ ପାପ କରିବାରୁ ବଂଚିଯିବେ । ଯେପରିକି ଇଶ୍ୱରଙ୍କ ନବୀ ଓ ରସୁଲ୍‌ମାନେ (ପାପକର୍ମରୁ) ବଂଚୁଛନ୍ତି । ଏବଂ ଯଦି ଏପରି ଲୋକେ ଯେଉଁମାନେ ପାପ କର୍ମ କରିସାରିଛନ୍ତି ତେବେ ଇସ୍‌ତେଗ୍‌ଫାର୍ କରିବା ଦ୍ୱାରା ସେମାନଙ୍କୁ ଏ ଲାଭ ପହଂଚୁଛି କି (ସେମାନେ) ପାପର ଫଳ ଭୋଗିବାରୁ ଅର୍ଥାତ୍ ଅଜାବ୍ (ଇଶ୍ୱରୀୟ ଦଣ୍ଡ)ରୁ ବଂଚି ଯାଉଛନ୍ତି । କାରଣ ନୁର୍ (ଜ୍ୟୋତି)ର ଆଗମନରେ ଜୁଲ୍‌ମତ୍ (ଅନ୍ଧକାର) ତିଷ୍ଠି ରହିପାରିବ ନାହିଁ ।

(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୩୧-୩୪)


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୬ ର ଅବଶିଷ୍ଟାଂଶ ...*

ଏହିପରି ଆହୁରି ମଧ୍ୟ ତାଙ୍କର ଦୁଆ ଗ୍ରହଣୀୟ ହେବାର ଅନେକ ଘଟଣା ରହିଛି ।

ପବିତ୍ର କୋରାନ୍ ତିଲାୱ୍ୱତ୍ କରିବାରେ ତାଙ୍କର ବହୁତ ସଉକ୍ ଥିଲା । ତାଙ୍କ ପୁଅ ଲେଖୁଛନ୍ତି କି ତାଙ୍କ ବାପାଙ୍କ ଏ ସଉକ ଥିଲା କି ଭୂମିରେ ଓ ପାଣିରେ ମଧ୍ୟ ପବିତ୍ର କୋରାନ୍‌କୁ ପଢ଼ି ଶେଷ କରିବେ । ଭୂପୃଷ୍ଠରେ ତ ଅନେକ ଥର ଶେଷ କରିଛନ୍ତି ଏବଂ ସମୁଦ୍ର ଯାତ୍ରା ସମୟରେ ମଧ୍ୟ ତାଙ୍କୁ ପବିତ୍ର କୋରାନ୍ ପଢ଼ି ଶେଷ କରିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଛି । କିନ୍ତୁ ଉଡାଜାହଜର ଦୂରତା ଅଧିକ ନଥିବା ଯୋଗୁ ସେ ପବିତ୍ର କୋରାନ୍‌କୁ ପଢ଼ି ଶେଷ କରିପାରୁନଥିଲେ କିନ୍ତୁ ଯେତେ ସମ୍ଭବ ହୋଇପାରେ ସେ ଉଡାଜାହାଜରେ ମଧ୍ୟ ପବିତ୍ର କୋରାନ୍‌କୁ ପଢୁଥିଲେ । ତାଙ୍କର ୱାକ୍‌ଫେ ଜିନ୍ଦେଗୀ ପୁତ୍ର ରାଜା ଅତାଉଲ୍ ମନାନ୍ ଯିଏ ହେଉଛନ୍ତି ଜଣେ ମୁରବୀ ଓ ୱକାଲତେ ତସ୍‌ନିଫ୍‌ରେ ବର୍ତମାନ କାର୍ଯ୍ୟରତ, ସେ କହୁଛନ୍ତି- ଅବାଜାନ୍ ସବୁବେଳେ ଦୁଇଟି ନସିୟତ୍ କରୁଥିଲେ । ପ୍ରଥମଟି ହେଉଛି କେବେ ଶିର୍କ୍ କରିବ ନାହିଁ ଓ ଦ୍ୱିତୀୟଟି ହେଉଛି ପ୍ରତ୍ୟେକ ଅବସ୍ଥାରେ ଖିଲାଫତେ ଅହେମଦୀୟା ସହିତ ଯୋଡ଼ି ହୋଇ ରହିବ ଓ ନିଜେ ମଧ୍ୟ ଏହି କଥା ଉପରେ ନିଜକୁ ପରିଚାଳିତ କରୁଥିଲେ । ମା'ଙ୍କର ସମ୍ମାନ କରିବାର ଅବସ୍ଥା ଏପରି ଥିଲା କି ତାଙ୍କ ଭଉଣୀ ଲେଖୁଛନ୍ତି କି ମୋ ମା'ଙ୍କର ଏତେ ଆଜ୍ଞାବହତା ଥିଲା ଯେ ଯଦି କୌଣସି କଥାକୁ ସେ ବାରମ୍ବାର କହୁଥିଲେ ପ୍ରତ୍ୟେକ ଥର ତାଙ୍କ କଥାକୁ ସେ ଏପରି ଶୁଣୁଥିଲେ ଯେପରି ସେ ପ୍ରଥମଥର ପାଇଁ ଶୁଣୁଛନ୍ତି । କେବେହେଲେ ଏହା କହିନାହାଁନ୍ତି କି ତୁମେ ପୂର୍ବରୁ ମୋତେ ଏକଥା କହିସାରିଛ ବୋଲି । ତାଙ୍କ ବୋହୁ ଯିଏ ମୁରବୀ ସିଲ୍‌ସିଲାଙ୍କର ସ୍ତ୍ରୀ ଅଟନ୍ତି, ସେ ଲେଖିଛନ୍ତି କି ଅଠର ବର୍ଷ ହେବ ସେ ବିଶେଷ ରୂପେ ତାଙ୍କ ସ୍ୱଶୁର ଓ ଶାଷୁଙ୍କ ଠାରୁ କେବଳ ସମ୍ମାନ, ପ୍ରେମ, ଭଲପାଇବା ବ୍ୟତୀତ ଆଉ କିଛି ପାଇନାହାଁନ୍ତି । ରାଜା ସାହେବ୍ ମୋ ମା'(ମର୍‌ହୁମ୍)ଙ୍କୁ କହୁଥିଲେ କି ମୁଁ ଆପଣଙ୍କ ଝିଅକୁ ତାଙ୍କ ମା'ଘର ଭୁଲାଇଦେବି । ସେ କହିଲେ କି ଝିଅମାନେ ମା'ଘରକୁ କିପରି ଭୁଲିପାରିବେ । ଏଥିରେ ରାଜାସାହେବ୍ କହିଲେ ଯେବେ ଶାଶୁଘରେ ବୋହୁକୁ ଜଣେ ଝିଅଭଳି ରଖିବ ତ ସେ ତା ମା'ଘରକୁ ଭୁଲିଯିବ । ସେ ଯାହାହେଉ ରାଜା ସାହେବ୍ ନିଜ ବୋହୁମାନଙ୍କ ସହିତ ମଧ୍ୟ ବହୁତ ପ୍ରେମ ଓ ସ୍ନେହ କରୁଥିଲେ । ସେହି ବୋହୁ ଲେଖୁଛନ୍ତି କି ଅବାଜିଙ୍କୁ ମୁଁ ଇଶ୍ୱରପ୍ରେମୀ, ରସୁଲ୍‌ପ୍ରେମୀ, ମସିହ୍ ମଉଦ୍ ଆ:ସଙ୍କ ପ୍ରେମୀ ଓ ଖୋଲୋଫା କରାମ୍‌ଙ୍କ ପ୍ରେମୀ ଏବଂ ପବିତ୍ର କୋରାନ୍‌ର ପ୍ରେମୀ ରୂପେ ପାଇଛି । ସେହିପରି ଖିଲାଫତ୍ ସହିତ ଅତ୍ୟନ୍ତ ପ୍ରେମ ଏବଂ ମାତ୍ରାଧିକ ଆଜ୍ଞାବହ ସ୍ୱୀକାର କରିବା ବାଲା, ମାମଲା ଗୁଡିକୁ ଠିକ୍ ରୂପେ ବୁଝୁଥିବା ବାଲା ସଠିକ୍ ରାୟ ଦେବାବାଲା ଏବଂ ଅତ୍ୟନ୍ତ ନମ୍ରରୂପେ ଆମେ ତାକୁ ପାଇଛୁ । ପୁଣି ସେ ଲେଖୁଛନ୍ତି କି ତାଙ୍କର ଏକ ବିଶେଷ ଭଲ ଗୁଣ ଏହା ଥିଲା କି ପ୍ରତ୍ରେକ ମାସରେ ପବିତ୍ର କୋରାନ୍‌ର ଦୌର (ପଢ଼ିବା) ସମ୍ପୂର୍ଣ୍ଣ କରୁଥିଲେ । ତାଙ୍କ ବନ୍ଧୁବାନ୍ଧବମାନେ ମଧ୍ୟ ଲେଖିଛନ୍ତି ଆମେ ଏହା ଦେଖିଛୁ ଏବଂ ଏକଥା ଅସାଧାରଣ ଥିଲା କି ଅଲ୍ଲାଃତାଲା କିପରି ତାଙ୍କ ଆବଶ୍ୟକତାକୁ ପୂରଣ କରୁଥିଲା ଓ ତାଙ୍କର ଦୁଆକୁ ମଧ୍ୟ ଶୁଣୁଥିଲା । ସେ ଯାହାହେଉ, ସେ ଜଣେ ସଫଳ ମୁରବୀ ଓ ମୁବଲିଗ୍ ଥିଲେ । ଇନ୍ତେଜାମୀ ସଲାହିୟତ୍ (ବ୍ୟବସ୍ଥା କରିବାର ସାମର୍ଥ୍ୟ) ମଧ୍ୟ ଥିଲା । ଖିଲାଫତ୍ ସହିତ ତାଙ୍କର ସମ୍ପର୍କ ଉଦାହରଣୀୟ ଥିଲା । ତାଙ୍କ ସପକ୍ଷରେ ଏହା କୁହାଯାଇପାରିବ କି ତାଙ୍କର ସମ୍ପର୍କ ଖିଲାଫତ୍ ସହିତ ଏପରିଥିଲା ଯେଉଁପରି ନାଡି ଚାଲେ ସେହିପରି ଖିଲାଫତ୍ ସହିତ ସହୃଦୟ ଓ ସଶରୀର ଚାଲୁଥିଲେ । ଓ ପାକିସ୍ତାନ୍‌ରେ ଯେବେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ମୋତେ ନାଜର୍ ଆଲା ବନାଇଲେ ସେ ସମୟରେ ମଧ୍ୟ ଏକ ବିଶେଷ ଆଜ୍ଞାବହତାର ପାର୍ଶ୍ୱକୁ ମୁଁ ତାଙ୍କଠାରେ ଦେଖିଛି । କେବଳ ଏଇଥିପାଇଁ ଯେ ଖଲିଫତୁଲ୍ ମସିହ୍ ତାଙ୍କୁ ନିୟୋଜିତ କରିଛନ୍ତି ଓ ସେ ତାଙ୍କର ପ୍ରତିନିଧି ଅଟନ୍ତି । ତେଣୁ ତାଙ୍କର ଇତାଅତ୍ ମଧ୍ୟ କରିବାକୁ ହେବ । ସେ ଯାହା ହେଉ ସେ ଜଣେ ଦୃଷ୍ଟାନ୍ତ ମୂଳକ ଆଜ୍ଞାବହ ବ୍ୟକ୍ତି ଥିଲେ, ଯାହା ବହୁତ କମ୍ ଏ ଦୁନିଆରେ ଦେଖାଯାଆନ୍ତି । ଅଲ୍ଲାଃତାଲା ତାଙ୍କ ଉପରେ ଦୟା କରନ୍ତୁ ଓ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କର ପୁଣ୍ୟ ଓ ଉତମ ଗୁଣ ଗୁଡିକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ସେ ବହୁତ ସୁଗୁଣର ଅଧିକାରୀ ଥିଲେ । ଗରୀବ ମାନଙ୍କର ଧ୍ୟାନ ରଖୁଥିଲେ । ଯେଉଁ ମୁରବୀମାନଙ୍କ ସହିତ କାର୍ଯ୍ୟ କରୁଥିଲେ ତାଙ୍କର ମଧ୍ୟ ଧ୍ୟାନ ରଖୁଥିଲେ । ତାଙ୍କ ଆବଶ୍ୟକତା ଗୁଡିକୁ ଧ୍ୟାନ ଦେଇ ସେଗୁଡିକୁ ପୁରଣ କରିବା ନିମନ୍ତେ ଚେଷ୍ଟା କରୁଥିଲେ । ଅନେକ ମୂରବୀ ମୋତେ ଏହା ଲେଖିଛନ୍ତି ।

ଏହା ବ୍ୟତୀତ ଦୁଇଜଣ ଶହିଦ୍‌ଙ୍କର ଯନାଜାଃ ହେବ, ଯେଉଁମାନେ ଜମାତ୍ ଯୋଗୁଁ ତ ଶହିଦ୍ ହୋଇନାହାଁନ୍ତି କିନ୍ତୁ ତାଙ୍କ ଦୋକାନ୍ ଉପରେ ଡକାୟତି କରାଯାଇଛି ଓ ସେହି ଡାକୁମାନେ ଗୁଳିମାରି ତାଙ୍କୁ ଶହିଦ୍ କରିଦେଇଛନ୍ତି । ସେଥିମଧ୍ୟରୁ ଜଣେ ହେଉଛନ୍ତି ମୁବିନ୍ ଅହେମଦ୍ ସାହେବ୍ ଶହିଦ୍ ଇବିନ୍ ମେହ୍‌ବୁମ୍ ଅହେମଦ୍ ସାହେବ୍ ଓ ଦ୍ୱିତୀୟ ଜଣକ ହେଉଛନ୍ତି ମୁହମ୍ମଦ୍ ଜଫ୍‌ରୁଲ୍ଲାଃ ସାହେବ୍ ଇବିନ୍ ଲିୟାକତ୍ ଅଲୀ ସାହେବ୍ । ୭ ଜୁଲାଇ ୨୦୧୮ କୁ ପାଖାପାଖି ଦ୍ୱିପ୍ରହର ୩ଟା ବେଳେ କରାଚିର ୱ୍ଟା ଛକ ଚୌରଙ୍ଗୀ ଇଣ୍ଡଷ୍ଟ୍ରିଆଲ୍ ଏରିଆରେ ଡାକୁମାନେ ଫାଇରିଂ କରି ତିନିଜଣ ଅହେମଦୀ ଖୁଦାମ୍- ମୁବିନ୍ ଅହେମଦ୍ ସାହେବ୍, ଜଫ୍‌ରୁଲ୍ଲାଃ ସାହେବ୍ ଏବଂ ମୁହମ୍ମଦ୍ ନସୁରୁଲ୍ଲାଃ ସାହେବ୍‌ଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିଦେଇଥିଲେ । ଯଦ୍ୱାରା ମୁବିନ୍ ଅହେମଦ୍ ସାହେବ୍ ଓ ଜଫ୍‌ରୁଲ୍ଲାଃ ସାହେବ ଶହିଦ୍ ହୋଇଗଲେ । ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ । ତାଙ୍କ ଦୋକାନକୁ ଏମାନେ ଆସିଥିଲେ । ତାଙ୍କର ଇଲେକ୍‌ଟ୍ରୋନିକ୍‌ସ୍ ଦୋକାନ ଥିଲା । ସବୁ ସାମାନ୍ ଡକାୟତ୍ କରି ନେଇ ଫାଇରିଂ କରିଦେଲେ । ଯେହେତୁ ସେମାନେ ଆଗରେ ପ୍ରତିରୋଧ କଲେ, ତେଣୁ ଡକାୟତ ଫାଇରିଂ କରି ଶହିଦ୍ କରିଦେଲେ ।

ମୋକରମ୍ ମୁବିନ୍ ଅହେମଦ୍ ସାହେବ୍ ଇବିନ୍ ମୋକରମ୍ ମେହ୍‌ବୁବ୍ ଅହେମଦ୍ ସାହେବ୍‌ଙ୍କ କୁଟୁମ୍ବରେ ଅହେମଦୀୟତ୍‌ର ଚାରା ତାଙ୍କ ପଡ୍‌ଦାତା (ଅଣ ଜେଜେ) ମୋକରମ୍ ଚୌଧୁରୀ ଅଲ୍ଲାଃଦାଦ୍ ସାହେବଙ୍କ ଜରିଆରେ ରୋପଣ ହୋଇଥିଲା ଯିଏ ୧୯୪୦ ମସିହାରେ ନିଜର ବଡ଼ଭାଇ ଅବ୍‌ଦୁଲ୍ ଅଜିଜ୍ ପଟୁଆରି ସାହେବ୍‌ଙ୍କ ଜରିଆରେ ବୟତ କରିଥିଲେ । ବୟତ କରିବା ପରେ ତାଙ୍କ ପିଲାମାନେ ତାଙ୍କର ମୁଖାଲିଫତ୍ ଆରମ୍ଭ କରିଦେଲେ ଓ ଘର ଭିତରେ ତାଙ୍କ ପାଇଁ ଗୋଟିଏ ଅଲଗା ସ୍ଥାନ ନିର୍ଦ୍ଧାରିତ କରି ତାଙ୍କ ବିଛଣା ଓ ପାତ୍ରଗୁଡିକ ଅଲଗା କରିଦେଲେ । କିନ୍ତୁ ସେ ବହୁତ ଧୈର୍ଯ୍ୟର ସହିତ ଏ ପରିସ୍ଥିତିକୁ ମୁକାବିଲା କଲେ । ଶହିଦ୍ ମର୍‌ହୁମ୍‌ଙ୍କ ଦାଦା (ଜେଜ) ମୋକରମ୍ ଅଲୀ ମୁହମ୍ମଦ୍ ସାହେବ୍ ଜମାତ୍‌ର ଭୀଷଣ ବିରୋଧି ଥିଲେ ଓ ଅହେମଦୀୟତର ମୁଖାଲିଫ୍ ଅତାଉଲ୍ଲାଃ ଶାହ୍ ବୁଖାରୀଙ୍କ ଜଣେ ଶିଷ୍ୟ ଥିଲେ, ଯିଏ ଭୀଷଣ ବିରୋଧି ଥିଲ ଓ ଯେବେ ଅତାଉଲା ସାହେବ୍ ବୁଖାରୀ ଦେଶ ବିଭାଜନ ସମୟରେ କାଏଦ୍ ଆଦମ୍‌ଙ୍କ ସମ୍ବନ୍ଧରେ କୁଭାଷା ପ୍ରୟୋଗ କଲେ ଅର୍ଥାତ୍ ତାଙ୍କୁ କାଫିରେ ଆଜମ (ସବୁଠାରୁ ବଡ଼ ଅମାନ୍ୟକାରୀ) ବୋଲି କହି ଏହିପରି ମୁସ୍‌ଲିମ୍ ଲିଗ୍‌ର ବିରୋଧରେ ସ୍ୱର ଉତୋଳନ କଲେ । ଏହା ଦେଖି ଦାଦା ଅତାଉଲାଃ ଶାହ୍ ବୁଖାରୀଙ୍କ ଠାରୁ ଅଲଗା ହୋଇଗଲେ । ପୁଣି ଯେବେ ଉପମହାଦେଶ ବିଭାଜନ ହେଲା ଅର୍ଥାତ୍ ପାକିସ୍ତାନ୍ ଓ ହିନ୍ଦୁସ୍ତାନ୍ ନିର୍ମାଣ ହେଲା ଓ ଏହାଦ୍ୱାରା ଜମାତ୍ ହିଜ୍‌ରତ୍ କରି ଲାହୋର୍ ଆସିଗଲେ । ସେତେବେଳେ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ଙ୍କର ହିଜ୍‌ରତ୍ ବିଷୟରେ ଭବିଷ୍ୟବାଣୀ ଗୁଡିକୁ ପୂରଣ ହେବାର ଦେଖିଲେ । ଏଥିରେ ତାଙ୍କ ମନ ଜମାତ୍ ଆଡକୁ ଟାଣି ହୋଇଗଲା ଓ ପାକିସ୍ତାନ୍ ସ୍ଥାପନ ହେବା ପରେ ତାଙ୍କ ପରିବାର ନୱାବ୍ ଶାହ୍ ସିଫ୍‌ଟ୍ ହୋଇଗଲା । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ସିନ୍ଧ୍‌ପ୍ରଦେଶ ଗ୍ରସ୍ତ ସମୟରେ ଶହିଦ୍ ମର୍‌ହୁମ୍‌ଙ୍କ ଦାଦା ରେଳ ଷ୍ଟେସନ୍‌ଠାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନିକୁ ଯେବେ ଦର୍ଶନ କଲେ ଓ ତାଙ୍କ ଚେହେରାକୁ ଦେଖିଲେ ସେତେବେଳେ ସେ କହିଲେ ଏହା କୌଣସି ମିଛୁଆ ବ୍ୟକ୍ତିଙ୍କ ଚେହେରା ହୋଇନପାରେ । ତେଣୁ ସେ ବୟତ କରି ଜମାତ୍‌ରେ ଦାଖିଲ ହୋଇଗଲେ ।

ମୁବିନ୍ ଅହେମଦ୍ ସାହେବ୍ ବି.ଏ ର ଛାତ୍ର ଥିଲେ । ଶହିଦ୍ ହେବା ସମୟରେ ତାଙ୍କର ବୟସ ୨୦ ବର୍ଷ ଥିଲା । ସେ ବହୁତ ଉତମ ଗୁଣର ଅଧିକାରୀ ଥିଲେ । ସହିଷ୍ଣୁତା, ଗମ୍ଭୀର ସ୍ୱଭାବ, ସୁନ୍ଦର ଓ ବଳିଷ୍ଠ ଚେହେରା ବିଶିଷ୍ଟ ଯୁବକ ଥିଲେ । ମୁବିନ୍ ଅହେମଦ୍ ପାଂଚବେଳା ନମାଜ ନିୟମିତ ପଢୁଥିଲେ । ଘରେ ସମସ୍ତଙ୍କ ସହିତ ବହୁତ ପ୍ରେମର ସହିତ ବ୍ୟବହାର କରୁଥିଲେ । ଶହିଦ୍ ମର୍‌ହୁମ୍ ଜମାତ୍ କାର୍ଯ୍ୟରେ ବହୁତ ଆଗକୁ ବଢ଼ି ଭାଗ ନେଉଥିଲେ ଓ ଜଣେ କର୍ମଠ ଖାଦିମ୍ ଥିଲେ । ଜମାତି କାମ ପାଇଁ ନିଜର ଜରୁରୀ କାମକୁ ଯଦି ଛାଡ଼ିଦେବାକୁ ପଡେ ତେବେ ତାହା ନିସଙ୍କୋଚରେ ଛାଡୁଥିଲେ । ଶହିଦ୍ ମର୍‌ହୁମ୍ ୱସିୟତ୍ କରିଥିଲେ ଓ ତାଙ୍କର ମିସଲ୍ ନଂ ଆସିଯାଇଥିଲା । ଆଶା ଅଛି ଇନ୍‌ଶାଅଲ୍ଲାଃ ଏବେ ତାଙ୍କର ୱସିୟତ୍ ମଧ୍ୟ ଗ୍ରହଣ ହୋଇଯିବ । ସାହି ପଡ଼ିଶାର ସମସ୍ତ ଲୋକଙ୍କ ସହିତ ବନ୍ଧୁତ୍ୱପୁର୍ଣ୍ଣ ସମ୍ପର୍କ ରଖିଥିଲେ । ତେଣୁ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ତାଙ୍କ ପ୍ରଶଂସା କରିଛନ୍ତି । ମୁବିନ୍ ଅହେମଦ୍ ସାହେବ୍‌ଙ୍କ ସହିତ ଯେଉଁ ଅନ୍ୟଜଣେ ଖାଦିମ୍ ଶହିଦ୍ ହୋଇଥିଲେ ତାଙ୍କ ନାମ ହେଉଛି ମୁହମ୍ମଦ୍ ଜଫ୍‌ରୁଲ୍ଲାଃ ସେ ତାଙ୍କ ପିଉସୀ ପୁଅ ଭାଇଥିଲେ । ତାଙ୍କ ପଛରେ ତାଙ୍କ ବାପା ମୋକରମ୍ ମେହ୍‌ବୁବ୍ ଅହେମଦ୍ ସାହେବ୍, ମା' ଅମତୁଲ୍ ହଫିଜ୍ ବେଗମ୍ ସାହିବାଙ୍କ ବ୍ୟତିତ ଭଉଣୀ ମୁବିନା ମେହ୍‌ବୁବ୍, ବୟସ-୨୩, କନ୍‌ଜାଃ ମେହ୍‌ବୁବ୍ ବୟସ-୧୬ ଏବଂ ଭଇ ଅମିନ୍ ଅହେମଦ୍, ବୟସ-୧୩ ଅଛନ୍ତି ।

ଦ୍ୱିତିୟ ଶହିଦ୍ ଯାହାଙ୍କ ଯନାଜାଃ ପଢ଼ାହେବ ସେ ହେଉଛନ୍ତି ମହମ୍ମଦ୍ ଜଫ୍‌ରୁଲ୍ଲାଃ ସାହେବ ଇବ୍‌ନ୍ ଲିୟାକତ୍ ଅଲୀ ସାହେବ୍ । ତାଙ୍କୁ ସେହି ଘଟଣା ସମୟରେ ତିନିଗୋଟି ଗୁଳି ଲାଗିଥିଲା । ଦ୍ୱାରା ତାଙ୍କର ଦୁଇଟିଯାକ କିଡିନି ବହୁତ କ୍ଷତି ହୋଇଗଲା । ତାଙ୍କର ଅପରେସନ୍ କରାଗଲା । ଅପରେସନ୍ ସଫଳ ହେଲା କିନ୍ତୁ ପୁଣି ତାଙ୍କର ଅବସ୍ଥା ଖରାପ ହୋଇଗଲା । ଡାକ୍ତରମାନେ ପୁନର୍ବାର ଅପରେସନ୍ କରିବା ପାଇଁ ନିଷ୍ପତି ନେଲେ । କିନ୍ତୁ ଗୋଟିଏ ରାତି ପୂର୍ବରୁ ତାଙ୍କର ଦେହାନ୍ତ ହୋଇଗଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।* ତାଙ୍କ ବଂଶରେ ମଧ୍ୟ ଅହେମଦୀୟତ୍ ତାଙ୍କ ଅଣଜେଜେ ଗୁଲାମ୍ ଦୀନ୍ ସାହେବ୍‌କ ଜରିଆରେ ଆସିଥିଲା, ଯିଏ ଗୁର୍‌ଦାସ୍‌ପୁର୍ ନିବାସୀ ଥିଲେ । ଏଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବୀ ହଜ୍‌ରତ୍ ଅବ୍‌ଦୁଲ୍ ଅଜିଜ୍ ପଟୱାରିଙ୍କ କ୍ଷେତରେ କାର୍ଯ୍ୟ କରୁଥିଲେ । ସେ ଦିନେ ତାଙ୍କ ସହିତ କାଦିଆନ୍ ଗଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ସାକ୍ଷାତ୍ କରିବା ପରେ ବୟତ କଲେ ।

ମୁହମ୍ମଦ୍ ଜଫରୁଲ୍ଲାଃ ସାହେବ୍‌ଙ୍କ ଜନ୍ମ ୧୯୯୩ ମସିହାରେ ହୋଇଛି । ସେ କଚରାଜିରେ ଜନ୍ମ ହୋଇଥିଲେ । ବହୁତ ହସ ହସ ମୁଖ ଓ ଉଚମ ଚରିତ୍ରବାନ୍ ଖାଦିମ୍ ଥିଲେ । ସର୍ବଦା ତାଙ୍କ ମୁହଁରେ ହସ ଫୁଟୁଥିଲା । ସେ ଜମାତ୍‌ର ସେବା କରିବାରେ ବହୁତ ବଢ଼ିଚଢ଼ି କାମ ନେଉଥିଲେ । ବିଭିନ୍ନ ଜରିଆରେ ଖୁଦାମୁଲ୍ ଅହେମଦୀୟାରେ କାର୍ଯ୍ୟ କରୁଥିଲେ ଅଲ୍ଲାଃଙ୍କ ଫଜଲ୍‌ରୁ ମର୍‌ହୁମ୍ ମୁସି ଥିଲେ । ଶାହାଦତ୍ ହେବା ସମୟରେ ତାଙ୍କର ବୟସ ୨୫ ଥିଲା । ତାଙ୍କ ପଛରେ ତାଙ୍କ ବାପା ଲିୟାକତ୍ ଅଲୀ ସାହେବ୍ ଅଛନ୍ତି । ନସିରା ବେଗମ୍ ସାହିବା ହେଉଛନ୍ତି ତାଙ୍କ ମାତା । ତାଙ୍କର ପାଂଚଜଣ ଭାଇ ଅଛନ୍ତି । ୱଜାହତ୍ ଅହେମଦ୍ ୩୩ବର୍ଷ, ମନ୍‌ସୁର୍ ଅହେମଦ୍ ୩୧ ବର୍ଷ, ମୁସ୍‌ତନ୍‌ସିର୍ ଅହେମଦ୍ ୨୮ବର୍ଷ, ଶୁଜା ଅହେମଦ୍ ୨୭ବର୍ଷ, ହାଫିଜ୍ ମୁହମ୍ମଦ୍ ନସରୁଲ୍ଲାଃ ୨୪ବର୍ଷ ।

ଏହି ଘଟଣାରେ ଆଘାତ ପାଇଥିବା ତୃତୀୟ ଜଣକ ହେଉଛନ୍ତି ହାଫିଜ୍ ନସୁରୁଲ୍ଲାଃ ସାହେବ୍ । ସେ ମଧ୍ୟ ତାଙ୍କର ଭାଇ ଥିଲେ । ତାଙ୍କ ଅପରେସନ୍ ହୋଇଚାଲିଛି । ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଅଲ୍ଲାଃତାଲା ତାଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଆରୋଗ୍ୟ ପ୍ରଦାନ କରନ୍ତୁ ଓ ଉକ୍ତ ମର୍‌ହୁମିନ୍ ମାନଙ୍କର ପଦମର୍ଯ୍ୟାଦାର ସ୍ତରକୁ ଉଚ୍ଚରୁ ଉଚ୍ଚତମ କରନ୍ତୁ । ତାଙ୍କ ସମ୍ପର୍କୀୟ ମାନଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ।

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ । (ବଦର କାର୍ଯ୍ୟାଳୟ)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଖୁତ୍‌ବା ଜୁମା

## ହଜ୍‌ରତ୍ ଅବୁ ଉସୈଦ୍ ମାଲିକ୍ ବିନ୍ ରବିୟା ସାଆଦି ର:ଅ ଏବଂ ଅବୁସଲ୍‌ମା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ ଅସଦ୍ ର:ଅଙ୍କ ଜୀବନ ଚରିତ ଓ ତାଙ୍କ ଜୀବନଚର୍ଯ୍ୟା ଓ ଚରିତ୍ର ବିଷୟରେ ଇମାନ୍ ଅଫରୋଜ୍ (ବିଶ୍ୱାସବର୍ଦ୍ଧକ) ଚର୍ଚ୍ଚା । ଅଲ୍ଲାଃତାଲା ଉକ୍ତ ସାହାବୀ ମାନଙ୍କ ଉତମ ପଦମର୍ଯ୍ୟାଦାକୁ ଆହୁରି ଉଚ୍ଚରୁ ଉଚ୍ଚତର କରନ୍ତୁ ଓ ଆମକୁ ମଧ୍ୟ ସେମାନଙ୍କ ଦ୍ୱାରା ହୋଇଥିବା ପୁଣ୍ୟ କାର୍ଯ୍ୟଗୁଡିକୁ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ମୋକରମ୍ ରାଜା ନସିର୍ ଅହେମଦ୍ ନାସିର୍ ସାହେବ୍ (ପୂର୍ବତନ ନାଜର୍ ଇସ୍‌ଲାହୋ ଇର୍‌ଶାଦ ମର୍କଜିୟା ରବ୍‌ୱା)ଙ୍କ ଦେହାନ୍ତ, ମୋକରମ୍ ମୋବିନ୍ ଅହେମଦ୍ ସାହେବ୍ ଇବ୍‌ନ ମୋକରମ୍ ମେହ୍‌ବୁବ୍ ଅହେମଦ୍ ସାହେବ୍ (କରାଚି ନିବାସୀ) ଏବଂ ମୋକରମ୍ ମୁହମ୍ମଦ୍ ଜଫ୍‌ରୁଲ୍ଲାଃ ସାହେବ୍ ଇବ୍‌ନ ମୋକରମ୍ ଲିୟାକତ୍ ଅଲୀ ସାହେବ୍ (କରାଚି ନିବାସୀ)ଙ୍କ ଗୋଟିଏ ଡକାୟତି ଘଟଣାରେ ଶାହାଦତ୍ । ମରହୁମିନ୍‌ଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୧୩ ଜୁଲାଇ ୨୦୧୮ ଅନୁଯାୟୀ ୧୩ ୱଫା ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ, ତଉଜ ଓ ସୁରା ଫାତିହାର ପାଠ ପରେ ହଜୁର୍ ଅନୱର୍ ଅ:ବ:ଅ କହିଲେ- ସାହାବାମାନଙ୍କ ସମ୍ବନ୍ଧରେ ଆଜି ମୁଁ ଦୁଇଜଣ ସାହାବାଙ୍କ ବିଷୟ ଚର୍ଚ୍ଚା କରିବି । ଜଣେ ହେଉଛନ୍ତି ହଜ୍‌ରତ୍ ଅବୁ ଉସୈଦ୍ ମାଲିକ୍ ର:ଅ ବିନ୍ ରବ୍‌ବିୟା ସାଆଦି । ହଜ୍‌ରତ୍ ମାଲିକ୍ ର:ଅ ବିନ୍ ରବ୍‌ବିୟା ନିଜର କୁନିୟତ୍ ଅବୁ ଉସୈଦ୍ ଦ୍ୱାରା ପ୍ରସିଦ୍ଧ । କିଛି ଲୋକେ ଆପଣଙ୍କ ନାମକୁ ହିଲାଲ୍ ବିନ୍ ରବ୍‌ବିୟା ମଧ୍ୟ ବର୍ଣ୍ଣନା କରିଛନ୍ତି । ରବ୍‌ବିୟାଙ୍କର ସମ୍ପର୍କ କବିଲା ଖଜ୍‌ରଜ୍‌ର ଶାଖା ବନୁ ସାଆଦା ସହିତ ଥିଲା । (ଅସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୧୩, ଅବୁ ଉସୈଦ୍ ଅସ୍‌ସାଆଦି ର:ଅ ମୁଦ୍ରଣ ଦାରୁଲ୍ ଫିକର୍ ବେରୁତ ୨୦୦୩) (ଅସାବା ଫି ତମିଜିସ୍ ସାହାବା ଖଣ୍ଡ-୫, ପୃଷ୍ଠା-୫୩୫, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ)

ହଜ୍‌ରତ୍ ଅବୁ ଉସୈଦ୍ ମାଲିକ୍ ବିନ୍ ରବ୍‌ବିୟା ଅଳ୍ପ ଉଚ୍ଚତା ବିଶିଷ୍ଟ ଥିଲେ । ମୁଣ୍ଡ ଓ ଦାଢ଼ିର ଚୁଟି ଧଳା ହୋଇଯାଇଥିଲା । ତାଙ୍କର ବାଳ ଗହଳ ଥିଲା । ବୃଦ୍ଧାବସ୍ଥାରେ ସେ ଦୃଷ୍ଟିଶକ୍ତି ହରାଇ ବସିଥିଲେ । ୬୦ ହିଜ୍‌ରିରେ ହଜ୍‌ରତ୍ ମାୱିୟାଙ୍କ ସମୟରେ ୭୫ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା ଓ ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ଅନ୍‌ସାରି ସାହାବା ମାନଙ୍କ ମଧ୍ୟରୁ ସମସ୍ତଙ୍କ ପରେ ମୃତ୍ୟୁବରଣ କଲେ । (ଅସାବା ଫି ତମିଜିସ୍ ସାହାବା ଖଣ୍ଡ-୫, ପୃଷ୍ଠା-୫୩୬, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ) (ଅସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୨୨, ମାଲିକ୍ ବିନ୍ ରବ୍‌ବିୟା, ମୁଦ୍ରଣ ଦାରୁଲ୍ ଫିକର୍ ବେରୁତ ୨୦୦୩)

ହଜ୍‌ରତ୍ ଅବୁ ଉସୈଦ୍ ବଦର୍, ୱହଦ୍, ଖନ୍ଦକ ଏବଂ ଏହାପରେ ଘଟିଥିବା ଯୁଦ୍ଧରେ ନବୀ କରିମ୍ ସ:ଆ:ସଙ୍କ ସହିତ ସାମିଲ୍ ରହିଥିଲେ । ଫତାଃ ମକ୍କା ଅବସରରେ ତାଙ୍କ ନିକଟରେ ବନୁସାଆଦା କବିଲାର ଝଣ୍ଡା (ପତାକା) ଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୮୬, ଅବୁ ଉସୈଦ୍ ସାଆଦି, ଦାରୁଲ୍ ଅହିୟା ଅତ୍‌ତୁରାସୁଲ୍ ଆରବି ବେରୁତ ୧୯୯୬)

ହଜ୍‌ରତ୍ ସହଲ୍ ବିନ୍ ସାଆଦ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି ହଜ୍‌ରତ୍ ଅବୁ ଉସୈଦ୍ ସାଆଦି ରସୁଲୁଲ୍ଲାଃ ସ:ଆ:ସଙ୍କୁ ନିଜ ବିଭାଘର ସମୟରେ ନିମନ୍ତ୍ରଣ ଦେଇଥିଲେ । ସେଦିନ ତାଙ୍କ ସ୍ତ୍ରୀ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବା କରୁଥିଲେ ଓ ସେଠାରେ ବୋହୂ ମଧ୍ୟ ହୋଇଥିଲେ । ବଡ ନିରାଡମ୍ବର ସହିତ ବିଭାଘର ହୋଇଥିଲା । ବିଭାଘର ନିମନ୍ତ୍ରଣ ହୋଇଥିଲା ଓ ବୋହୂ ନିଜେ ଖାଦ୍ୟ ରାନ୍ଧୁଥିଲେ ଓ ପରିବେଷଣ ମଧ୍ୟ କରୁଥିଲେ । ହଜ୍‌ରତ୍ ସହଲ୍ ପ୍ରଥମେ ପ୍ରଶ୍ନ କରୁଥିଲେ ଓ ପୁଣି ତାର ଉତର ଦେଉଥିଲେ । ଏହା ହେଉଛି ତାଙ୍କର ଶୈଳୀ । ସେ କହୁଛନ୍ତି କି ତୁମେ ଜାଣିଛ ରସୁଲୁଲ୍ଲାଃ ସ:ଆ:ସଙ୍କୁ ସେମାନେ କଣ ପିଆଇଲେ ? ସେମାନେ ଆପଣ ସ:ଆ:ସଙ୍କ ପାଇଁ ଗୋଟିଏ ପାତ୍ରରେ ରାତିବେଳା ଖଜୁର୍ ଭିଜାଇଦେଲେ । ଯେବେ ଆପଣ ସ:ଆ:ସ ଭୋଜନ କରିସାରିଲେ ସେମାନେ ଆପଣଙ୍କୁ ସର୍ବତ୍ ପିଆଇଲେ । (ସହି ମୁସ୍‌ଲିମ୍ କିତାବୁଲ୍ ଅଶରବାଃ...ହଦିସ୍ ନଂ-୫୨୩୩)

ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଏକଦା କିଛି କଏଦୀ ଆସିଲେ । ଆପଣ ସ:ଆ:ସ ସେମାନଙ୍କ ମଧ୍ୟରୁ ଜଣେ ମହିଳାକୁ କାନ୍ଦୁଥିବାର ଦେଖିଲେ । ଏଥିରେ ଆପଣ ସ:ଆ:ସ ତାଙ୍କୁ ପଚାରିଲେ କି ତୁମ କାନ୍ଦିବାର କାରଣ କଣ ? ସେ କହିଲେ ଯେ ସେ ମୋ ପୁଅ ଓ ମୋ ମଧ୍ୟରେ ବନୁ ଅବସ୍‌ରେ ବିକ୍ରି କରି ଦୂରତା ସୃଷ୍ଟି କରିଦେଇଛି । ଏଥିରେ ଆପଣ ସ:ଆ:ସ କଏଦୀର ମାଲିକକୁ ଡକାଇଲେ । ଯେବେ ସେ ଆସିଲେ ଦେଖିଲେ ତ ସେ ହେଉଛନ୍ତି ଅବୁ ଉସୈଦ୍ ସାଆଦି । ଆପଣ ସ:ଆ:ସ ପଚାରିଲେ କଣ ତୁମେ ଏହି ମହିଳା ଓ ତାଙ୍କ ପିଲା ମଧ୍ୟରେ ଦୂରତା ସୃଷ୍ଟି କରିଛ ? ଏଥିରେ ସେ କହିଲେ ସେ ପିଲାଟି ଚାଲିବାକୁ ଅକ୍ଷମ ଥିଲା ଓ ତାକୁ ଇଏ ଉଠାଇବା ପାଇଁ ଶକ୍ତି ରଖୁନଥିଲା । ତେଣୁ ମୁଁ ସେ ପିଲାଟିକୁ ବନୁ ଅବସ୍‌ରେ ବିକ୍ରି କରିଦେଲି । ରସୁଲୁଲ୍ଲାଃ ସ:ଆ:ସ କହିଲେ କି ତୁମେ ନିଜେ ଯାଇ ତାଙ୍କୁ ନେଇକରି ଆସ । ସୁତରାଂ ହଜ୍‌ର୍ ଅବୁ ଉସୈଦ୍ ଯାଇ ତା ପିଲାକୁ ଫେରାଇ ଆଣିଲେ । ତାକୁ ତା ମା'କୁ ଦେଇଦେଲେ । (ଶରଫୁଲ୍ ମୁସ୍ତଫା, ଖଣ୍ଡ-୪, ପୃଷ୍ଠା-୪୦୦.....ହଦିସ୍-୧୬୪୯, ମୁଦ୍ରଣ-ଦାରୁଲ୍ ବଶାଇରିଲ୍ ଇସ୍‌ଲାମିୟା ମକ୍କା ୨୦୦୩)

ଆଁ ହଜ୍‌ରତ୍ ସ:ଆ:ସ କହିଲେ- ସେ (ତା ପିଲାକୁ ଉଠାଇବାର) ଶକ୍ତି ରଖୁ ବା ନରଖୁ, ସେ କଏଦୀ ହେଉ ବା କ୍ରୀତଦାସ ବା ଗୁଲାମ୍ କିନ୍ତୁ ମା' କୁ ତା ପିଲା ପାଇଁ କୌଣସି ପ୍ରକାର କଷ୍ଟ ଦିଆଯାଇପାରିବ ନାହିଁ ।

ନବୀ କରିମ୍ ସ:ଆ:ସ ଏକଦା ଘୋଡା ଓ ଓଟର ଦଉଡ କରାଇଲେ । ଆପଣ ସ:ଆ:ସଙ୍କ ଓଟ, ଯାହା ଉପରେ ହଜ୍‌ରତ୍ ବିଲାଲ୍ ବସିଥିଲେ, ସେ ସବୁଠାରୁ ଆଗକୁ ଗଲା । ଏହିପରି ଆପଣ ସ:ଆ:ସଙ୍କର ଗୋଟିଏ ଘୋଡା ଥିଲା । ଘୋଡା ଦୌଡ ସମୟରେ ଆପଣ ସ:ଆ:ସଙ୍କ ଘୋଡା ଉପରେ ଅବୁ ଉସୈଦ୍ ସାଆଦି ଚାଳକ ଥିଲେ ଓ ସେ ସମସ୍ତଙ୍କୁ ପଛରେ ପକାଇଦେଲେ । (ଇମ୍‌ତାଅଲ୍ ଅସ୍‌ମାଆ ପ୍ରଥମ ଖଣ୍ଡ, ପୃଷ୍ଠା-୨୧୨....ବେରୁତ ୧୯୯୯)

ହଜ୍‌ରତ୍ ସହଲ୍ ବର୍ଣ୍ଣନା କରୁଛନ୍ତି ଯେ ଯେବେ ହଜ୍‌ରତ୍ ଅବୁ ଉସୈଦ୍ ର:ଅଙ୍କ ଘରେ ତାଙ୍କର ପୁତ୍ର ମୁନ୍‌ଜିର୍ ବିନ୍ ଅବି ଉସୈଦ୍ ଜନ୍ମ ହେଲେ, ତାଙ୍କୁ ନବୀ କରିମ୍ ସ:ଆ:ସଙ୍କ ଗୋଚରରେ ଉପସ୍ଥାପନ କରାଗଲା । ଆପଣ ସ:ଆ:ସ ସେହି ପିଲାଟିକୁ ନିଜ ଜଙ୍ଘରେ ବସାଇଲେ । ସେ ସମୟରେ ହଜ୍‌ରତ୍ ଅବୁ ଉସୈଦ୍ ବସିଥିଲେ । ଏତିକିବେଳେ ନବୀ କରିମ୍ ସ:ଆ:ସ କୌଣସି କାମରେ ବ୍ୟସ୍ତ ରହିଲେ । ହଜ୍‌ରତ୍ ଅବୁ ଉସୈଦ୍ ଯେତେବେଳେ ଇସାରା କଲେ ଲୋକମାନେ ମୁନ୍‌ଜିର୍‌କୁ ଆପଣ ସ:ଆ:ସଙ୍କ ଜଂଘରୁ ଉଠାଇ ନେଇଗଲେ । ଯେବେ ଆପଣଙ୍କ କାର୍ଯ୍ୟବ୍ୟସ୍ତତା ଶେଷ ହୋଇଗଲା ସେତେବେଳେ ଆପଣ ପଚାରିଲେ କି ପିଲାଟି କୁଆଡେ ଗଲା ? ହଜ୍‌ରତ୍ ଅବୁ ଉସୈଦ୍ କହିଲେ ହେ ରସୁଲୁଲ୍ଲାଃ ! ଆମେ ତାକୁ ଘରକୁ ପଠାଇଦେଇଛୁ । ଆପଣ ସ:ଆ:ସ ପଚାରିଲେ ତାର ନାମ କଣ ରଖିଛ ? ଅବୁ ଉସୈଦ୍ ଗୋଟିଏ ନାମ ବତାଇ କହିଲେ କି ଅମୁକ ନାମ ରଖାଯାଇଛି । ଏଥିରେ ଆପଣ ସ:ଆ:ସ କହିଲେ- ନୁହେଁ, ତାର ନାମ ହେଉଛି ମୁନ୍‌ଜିର୍ । ଆପଣ ସ:ଆ:ସ ସେହିଦିନଠାରୁ ତାର ନାମ ମୁନ୍‌ଜିର୍ ରଖିଦେଲେ ।
(ସହି ବୁଖାରୀ, କିତାବୁଲ୍ ଅଦଲ୍, ବାବ୍ ତହୱିଲ୍ ଇସ୍‌ମୁ ଇଲା ଇସ୍‌ମୁ ଅହସନ୍ ମିନ୍‌ହୁ, ହଦିସ୍-୬୧୯୧)

ଶାରେହିନ୍ ନବୀ କରିମ୍ ସ:ଆ:ସଙ୍କ ସେହି ପିଲାଟିର ନାମ ମୁନ୍‌ଜିର୍ ରଖିବାର କାରଣ ଏହା ବର୍ଣ୍ଣନା କରିଛନ୍ତି କି ହଜ୍‌ରତ୍ ଅବୁ ଉସୈଦ୍‌ଙ୍କ ଚାଚା ପୁଅ ଭାଇଙ୍କ ନାମ ମୁନ୍‌ଜିର୍ ବିନ୍ ଉମ୍‌ରୋ ଥିଲା, ଯିଏ ବୈରେ ମାଉନାଠାରେ ଶହିଦ୍ ହୋଇଥିଲେ । ତେଣୁ ଏ ନାମଟି ତଫାଉଲ୍ ଯୋଗୁ ରଖାଯାଇଥିଲା । ଅର୍ଥାତ୍ ସେ ମଧ୍ୟ ତାଙ୍କର ଜଣେ ଭଲ ଉତରାଧିକାରୀ ପ୍ରମାଣିତ ହୁଅନ୍ତୁ । (ଫତହୁଲ୍ ବାରି, ଶରହ ସହି ବୁଖାରୀ, କିତାବୁଲ୍ ମଗାଜି, ଖଣ୍ଡ-୭, ପୃଷ୍ଠା-୪୯୭, ହଦିସ୍ ନଂ-୪୦୯୪, ମୁଦ୍ରଣ- କଦିମି କୁତୁବ୍ କାନା, ଆରାମ୍ ବାଗ୍ କରାଚି)

ହଜ୍‌ରତ୍ ସୁଲେମାନ୍ ବିନ୍ ୟସାର୍‌ଙ୍କ ଠାରୁ ବର୍ଣ୍ଣିତ ଅଛି କି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଶାହାଦତ୍ ପୂର୍ବରୁ ହଜ୍‌ରତ୍ ଅବୁ ଉସୈଦ୍ ସାଆଦିଙ୍କ ଦୃଷ୍ଟିଶକ୍ତି ଶେଷ ହୋଇଯାଇଥିଲା ଅର୍ଥାତ୍ ସେ ଦେଖିପାରୁନଥିଲେ, ଆଖି ଖରାପ ହୋଇଯାଇଥିଲା । ସେଥିଯୋଗୁ ସେ କହୁଥିଲେ କି ଅଲ୍ଲାଃଙ୍କୁ ଧନ୍ୟବାଦ, ଯିଏ ମୋତେ ନବୀ କରିମ୍ ସ:ଆ:ସଙ୍କ ପବିତ୍ର ଜିବନୀ ସମୟରେ ଦୃଷ୍ଟିଶକ୍ତି ପ୍ରଦାନ କରିଥିଲେ ଓ ସମସ୍ତ ବର୍‌କାତ୍ ମୁଁ ଦେଖିପାରିଲି ଓ ପୁଣି ଯେବେ ଅଲ୍ଲାଃତାଲା ଲୋକମାନଙ୍କୁ ପରୀକ୍ଷାରେ ପକାଇବାକୁ ଚାହିଁଲେ ସେତେବେଳେ ମୋ ଦୃଷ୍ଟିଶକ୍ତି ଶେଷ କରିଦେଲେ । (ଅଲ୍ ମୁସ୍‌ତଦରକ୍ ଅଲସ୍ ସୈହିନ୍, ଖଣ୍ଡ-୩, ପୃଷ୍ଠା-୫୯୧, କିତାବ ମାରେଫତୁ ସାହାବା, ହଦିସ୍ ୬୧୮୯, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୨)

ମୋ ଦୃଷ୍ଟି ଶକ୍ତି ଶେଷ ହୋଇଗଲା ଯଦ୍ୱାରା ମୁଁ ସେହି ଖରାପ ଅବସ୍ଥାକୁ ଦେଖିନପାରେ ।

ହଜ୍‌ରତ୍ ଉସ୍‌ମାନ୍ ବିନ୍ ଉବୈଦୁଲ୍ଲାଃ ଯିଏ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍‌ଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ଗୁଲାମ୍ ଥିଲେ, ସେ ବର୍ଣ୍ଣନା କରୁଛନ୍ତି କି ''ମୁଁ ହଜ୍‌ରତ୍ ଇବ୍‌ନେ ଉମର୍ ର:ଅ, ହଜ୍‌ରତ୍ ଅବୁ ହୁରେରା ର:ଅ, ହଜ୍‌ରତ୍ ଅବୁ କତାଦା ର:ଅ ଏବଂ ହଜ୍‌ରତ୍ ଅବୁ ଉସୈଦ୍ ସାଆଦି ର:ଅଙ୍କୁ ଦେଖିଛି । ଏମାନେ ଯେତେବେଳେ ଆମ ନିକଟ ଦେଇ ଯାଉଥିଲେ ସେତେବେଳେ ଆମେ ଚାଟଶାଳୀରେ ପାଠ ପଢୁଥିଲୁ ଓ ଆମେ ତାଙ୍କଠାରୁ ଅବିର ବାସ୍ନାକୁ ଅନୁଭବ କରୁଥିଲୁ'' । ଏହା ହେଉଛି ଏକପ୍ରକାର ଅତର ଯାହା ଜାଫ୍‌ରାନ୍ ଏବଂ ଅନ୍ୟ କେତେକ ଜିନିଷକୁ ମିଶାଇ ବନାଯାଇଥାଏ । (ଲେଖକ- ଇବ୍‌ନେ ଅବି ଶୈୟା, ଖଣ୍ଡ-୬, ପୃଷ୍ଠା-୨୧୬, କିତାବୁଲ୍ ଅଦବ୍ ମାୟସ୍‌ତଜିବୁର୍ ରିଜାଲ୍ ଆଇଁ ଯୁଜଦ୍ ରିହା ମିନ୍‌ହୁ, ଦାରୁଲ୍ ଫିକର୍ ବେରୁତ୍)

ମର୍‌ୱାନ୍ ବିନ୍ ଅଲ୍‌ହକମ୍ ହଜ୍‌ରତ୍ ଅବୁ ଉସୈଦ୍ ସାଆଦିଙ୍କୁ ସଦ୍‌କା ଉପରେ ଆମିଲ୍ ବନାଉଥିଲେ ଅର୍ଥାତ୍ ସଦ୍‌କା ଏକାଠି କରିବା ପାଇଁ ଓ ଏହାର ବଂଟନ କରିବା ପାଇଁ । ହଜ୍‌ରତ୍ ଅବୁ ଉସୈଦ୍ ଯେବେ ଦୁଆର ମୁହଁକୁ ଆସୁଥିଲେ ଓଟକୁ ବସାଇ ଦେଉଥିଲେ ଓ ତାକୁ ସମସ୍ତ ଜିନିଷ ବାଂଟିବା ପାଇଁ ଦେଉଥିଲେ । ଶେଷ ଜିନିଷ ଯାହା ତାକୁ ଦେଉଥିଲେ ତାହା ଥିଲା ଚାବୁକ । ଏହା ଦେଇ କହୁଥିଲେ କି ଏହା ତୁମ ମାଲ୍ ମଧ୍ୟରୁ ହେଉଛି ଗୋଟିଏ । ହଜ୍‌ରତ୍ ଅବୁ ଉସୈଦ୍ ଏକଦା ଜକାତ୍‌ର ମାଲ୍ ବଂଟନ କରିବା ପାଇଁ ଆସିଲେ ଓ ଯାହା ସବୁ ସାମାନ୍ ଥିଲା ସେ ସବୁକୁ ବଂଟନ କରି ଚାଲିଗଲେ । ଘରେ ଯାଇ ଶୋଇପଡ଼ିଲେ ଓ ସ୍ୱପ୍ନରେ ଦେଖିଲେ କି ଗୋଟିଏ ସାପ ତାଙ୍କ ବେକରେ ଗୁଡେଇ ହୋଇଯାଇଛି । ସେ ଘାବରାଇ ଉଠିଗଲେ ଓ ପଚାରିଲେ କି ହେ ଅମୁକ ! (ଦାସୀ ବା ସ୍ତ୍ରୀଙ୍କୁ ଡାକିଲେ) କଣ ଜକାତ୍ ମାଲ୍ ଭିତରୁ କିଛି ବଂଚିଯାଇଛି କି, ଯାହା ମୋତେ ବଂଟନ କରିବା ପାଇଁ ଦିଆଯାଇଥିଲା । ସେ କହିଲେ ନୁହେଁ, ପୁଣି ହଜ୍‌ରତ୍ ଅବୁ ଉସୈଦ୍ କହିଲେ କି ପୁଣି କାହିଁକି ମୋ ବେକରେ ସାପ ଗୁଡେଇ ହୋଇଥିଲା ।

(ତେଣୁ) ଦେଖିନିଅ । ବୋଧହୁଏ କିଛି ରହିଯାଇଥିବ । ଯେବେ ସେ ଦେଖିଲେ ତ ଏହା ପାଇଲେ କି ଓଟକୁ ବନ୍ଧାଯାଉଥିବା ଗୋଟିଏ ରସି ରହିଯାଇଛି ଯାହାଦ୍ୱାରା ଗୋଟିଏ ମୁଣାର ମୁହଁକୁ ବନ୍ଧାଯାଇଥିଲା । ସୁତରାଂ ହଜ୍‌ରତ୍ ଅବୁ ଉସୈଦ୍ ସେହି ରସିଟିକୁ ମଧ ଫେରାଇଦେଲେ ।
(ଶୋଅବୁଲ୍ ଇମାନ୍ ଲିଲ୍ ବେହ୍‌କି, ଖଣ୍ଡ-୫, ପୃଷ୍ଠା-୧୬୭, ହଦିସ୍ ନଂ-୩୨୪୭....ରିୟାଜ୍ ୨୦୦୩)

ଅଲ୍ଲାଃତାଲା ସେହି ସାହାବାମାନଙ୍କୁ ତକ୍‌ୱାର ସୁକ୍ଷ୍ମରୁ ସୁକ୍ଷ୍ମତର ସ୍ତରରେ ରଖି ଅମାନତ୍ ପ୍ରଦାନ କରିବାର ଉଚ୍ଚତମ ସ୍ତରକୁ କାଏମ୍ କରାଇବାକୁ ଚାହୁଁଥିଲା ଓ ସେଇଥିପାଇଁ ସ୍ୱପ୍ନ ମାଧ୍ୟମରେ ସେମାନଙ୍କର ମାର୍ଗଦର୍ଶନ ହୋଇଯାଉଥିଲା ।

ଅମାର୍ ବିନ୍ ଗଜିୟାଃ ନିଜ ବାପାଙ୍କର ଏହି ବର୍ଣ୍ଣନାଟିକୁ ଅନୁକରଣ କରୁଛନ୍ତି କି କିଛି ଯୁବକମାନେ ହଜ୍‌ରତ୍ ଅବୁ ଉସୈଦ୍‌ଙ୍କ ଠାରୁ ଅନ୍‌ସାର୍‌ମାନଙ୍କ ସମ୍ବନ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଦ୍ୱାରା ବର୍ଣ୍ଣନା କରାଯାଇଥିବା ଫଜାଇଲ୍ (ବୈଭବ) ବିଷୟରେ ପଚାରି ବୁଝିଲେ । ଏଥିରେ ସେ କହିଲେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏହା କହିବାର ଶୁଣିଛି କି ଅନ୍‌ସାର୍‌ମାନଙ୍କର ସମସ୍ତ କବିଲା ମାନଙ୍କ ମଧ୍ୟରୁ ସବୁଠାରୁ ଭଲ କବିଲା ହେଉଛି ବନୁ ନଜାର୍ ଲୋକମାନେ । ପୁଣି ବନୁ ଅବ୍‌ଦୁଲ୍ ଅଶ୍‌ହଲ୍, ପୁଣି ବନୁ ହାରିସ୍ ବିନ୍ ଖଜ୍‌ରଜ୍, ପୁଣି ବନୁ ସାଆଦା ଏବଂ ଅନ୍‌ସାର୍‌ମାନଙ୍କ ସମସ୍ତ ଘରେ ଭଲ ହିଁ ଭଲ । ହଜ୍‌ରତ୍ ଅବୁ ଉସୈଦ୍ ଏଥିରେ କହୁଥିଲେ କି ଯଦି ମୁଁ ସତ୍ୟ ବ୍ୟତୀତ ଆଉ କିଛି ଗ୍ରହଣ କରିବା ବାଲା ହୋଇଥାନ୍ତି ତେବେ ମୁଁ ବନୁ ସାଆଦାର କୌଣସି ଏକ କୁଟୁମ୍ବରୁ ଆରମ୍ଭ କରିଥାନ୍ତି । (ଅଲ୍ ମୁସ୍‌ତଦରକ୍ ଅଲସ୍ ସୈହିନ୍, ଖଣ୍ଡ-୩, ପୃଷ୍ଠା-୫୯୨, କିତାବ ମାରେଫତୁ ସାହାବା, ହଦିସ୍ ୬୧୯୪, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୨)

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଗୋଟିଏ ସ୍ଥାନରେ ଇତିହାସ ପ୍ରସଙ୍ଗରେ କହିଲେ କି ଯେବେ ଆରବ ଫତାହ୍ ହେଲା ଓ ଇସ୍‌ଲାମ୍ ବ୍ୟାପିବାକୁ ଲାଗିଲା ସେତେବେଳେ କନ୍ଦା କବିଲା ଜଣେ ମହିଳା ଯାହାର ନାମ ଅସ୍‌ମା ବା ଉମେମା ଥିଲା ଏବଂ ତାଙ୍କୁ ଜୌନିଆ ଯା ବିନ୍‌ତୁଲ୍ ଜୌନ୍ ମଧ କୁହାଯାଉଥିଲା । ତାର ଭାଇ ଲୁକୁମାନ୍ ରସୁଲେ କରିମ୍ ସ:ଆ:ସଙ୍କ ସେବାରେ ନିଜ କୌମ୍ ତରଫରୁ ପ୍ରତିନିଧିରୂପେ ହାଜର ହେଲା । ଏହି ଅବସରରେ ସେ ଏହା ମଧ ଇଚ୍ଛା କଲେ କି ନିଜ ଭଉଣୀର ବିବାହ ରସୁଲେ କରିମ୍ ସ:ଆ:ସଙ୍କ ସହିତ କରାଇବେ ଓ ରସୁଲେ କରିମ୍ ସ:ଆ:ସଙ୍କୁ ଏ ନିବେଦନ ମଧ କଲେ କି ମୋ ଭଉଣୀ ଯିଏ ପୂର୍ବରୁ ଆମର ଏକ ନିକଟ ସମ୍ପର୍କୀୟ ସହିତ ବିବାହ କରିଥିଲେ, ସେ ବର୍ତମାନ ବେୱା ଅଛନ୍ତି । ଅତ୍ୟନ୍ତ ସୁନ୍ଦର ଓ ଯୋଗ୍ୟା ମଧ । (ତେଣୁ) ଆପଣ ସ:ଆ:ସ ତାଙ୍କୁ ବିବାହ କରିନିଅନ୍ତୁ । ରସୁଲେ କରିମ୍ ସ:ଆ:ସଙ୍କୁ ଯେହେତୁ ଆରବର କବିଲାମାନଙ୍କୁ ଏକତ୍ରିତ କରିବାର ଥିଲା ସେଥିପାଇଁ ଆପଣ ସ:ଆ:ସ ତାଙ୍କର ଏହି ନିମନ୍ତ୍ରଣକୁ ଗ୍ରହଣ କରିନେଲେ ଓ କହିଲେ କି ସାଢ଼େବାର ଅଉକିଆ ରୁପା ସହିତ ନିକାହ୍ ପଢ଼ାଯାଉ । ସେ କହିଲେ ହେ ରସୁଲୁଲ୍ଲାଃ ଆମେ ହେଉଛୁ ସମ୍ମାନୀୟ ଲୋକେ ଓ ବଡ଼ ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ । ତେଣୁ ଏହି ମହର୍ ଅଳ୍ପ ଅଛି । ଏଥିରେ ଆପଣ ସ:ଆ:ସ କହିଲେ କି ଏହାଠାରୁ ଅଧିକା ମୁଁ ମୋର କୌଣସି ସ୍ତ୍ରୀ ବା କୌଣସି ଝିଅର ହକ୍‌ମହର୍ ବାନ୍ଧିନାହିଁ । ଯେବେ ଏଥିରେ ସେ ରାଜି ହୋଇଗଲେ ଓ କହିଲେ କି ଠିକ୍ ଅଛି ତେବେ ଯାଇ ନିକାହ୍ ପଢ଼ାଗଲା ଓ ସେ ରସୁଲେ କରିମ୍ ସ:ଆ:ସଙ୍କୁ ନିବେଦନ କଲେ କି କୌଣସି ଏକ ଲୋକକୁ ପଠାଇ ନିଜ ସ୍ତ୍ରୀ କୁ ମଗାଇ ଆଣନ୍ତୁ । ଆପଣ ସ:ଆ:ସ ଅବୁ ଉସୈଦ୍‌କୁ ଏହି କାମପାଇଁ ନିୟୋଜିତ କଲେ । ସେ ସେଠାକୁ ଚାଲିଗଲେ । ଜୁନିଆ ତାଙ୍କୁ ନିଜ ଘର ଭିତରକୁ ଡାକିଲେ । ଏଥିରେ ହଜ୍‌ରତ୍ ଉସୈଦ୍ କହିଲେ କି ରସୁଲେ କରିମ୍ ସ:ଆ:ସଙ୍କ ସ୍ତ୍ରୀ ମାନଙ୍କ ଉପରେ ହିଜାବ୍ ଅବତୀର୍ଣ୍ଣ ହୋଇସାରିଛି । ଏଥିରେ ସେ ଦ୍ୱିତୀୟ ହିଦାୟତ୍ କଣ ବୋଲି ପଚାରି ବୁଝିଲେ, ଯାହା ସେ ତାଙ୍କୁ ବତାଇଦେଲେ ଓ ଓଟ ଉପରେ ବସାଇ ମଦିନା ନେଇ ଆସିଲେ ଓ ଗୋଟିଏ ସ୍ଥାନରେ ଯାହାର ଚତୁଃପାର୍ଶ୍ୱରେ ଖଜୁରୀ ଥିଲା, ସେଠାରେ ଆଣି ଓହ୍ଲାଇଦେଲେ । ସେହି ମହିଳା ସହିତ, ଯାହାର ବିଭାଘର ହୋଇଥିଲା, ତାଙ୍କ ଦାୟାକୁ ମଧ ତାଙ୍କ ବନ୍ଧୁବାନ୍ଧବମାନେ ପଠାଇଥିଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ଲେଖୁଛନ୍ତି କି ଯେଉଁଭଳି ଆମ ଦେଶମାନଙ୍କରେ ମଧ ଜଣେ ନିସଙ୍କୋଚ ଚାକର ସାଥିରେ ଯାଇଥାଏ । ବଡ ବଡ ଲୋକେ ଧନୀ ଲୋକମାନେ ସେ ସମୟରେ ଏହିପରି ପଠାଉଥିଲେ । ଏବେ ତ ସେ ପ୍ରଥା ଆଉ ନାହିଁ, ଏହା ସବୁ ପୁରୁଣା ଯୁଗରେ ହେଉଥିଲା, ଯଦ୍ୱାରା ତାକୁ କୌଣସି ପ୍ରକାର କଷ୍ଟ ନହେବ । ଯେହେତ ସେହି ମହିଳା ଜଣକ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ବିବାହ କରିଥିଲେ ବା ଯାହାର ଭାଇ ପ୍ରସ୍ତାବ ଉପସ୍ଥାପନ କରିଥିଲେ, ବିବାହ ପାଇଁ ଇଚ୍ଛା ପ୍ରକାଶ କରିଥିଲେ ଓ ନିକାହ୍ ମଧ ହୋଇଯାଇଥିଲା, ଏହି ମହିଳାଜଣକ ବହୁତ ସୁନ୍ଦରୀ ରୂପେ ପ୍ରସିଦ୍ଧ ହୋଇଯାଇଥିଲେ ଏବଂ ଏହିପରି ମଧ ମହିଳାମାନଙ୍କୁ ବୋହୁ ଦେଖିବାର ସଉକି ମଧ ହୋଇଥିଲା । ମହଲାର ପାଖାପାଖି ଯେଉଁ ସବୁ ଅନ୍ୟ ମହିଳାମାନେ ଅଛନ୍ତି, ଯେବେ କୌଣସି ନୁଆ ବୋହୁ ଆସେ ତାକୁ ଦେଖିବା ପାଇଁ ସେମାନଙ୍କର ପ୍ରବଳ ଇଚ୍ଛା ହୋଇଥାଏ । ମଦିନାର ମହିଳାମାନେ ମଧ ଉକ୍ତ ମହିଳାକୁ ଦେଖିବା ପାଇଁ ଗଲେ । ତାଙ୍କ ସୁନ୍ଦରତାର ବହୁତ ଚର୍ଚ୍ଚା ଥିଲା ଓ ସେହି ମହିଳାଙ୍କ ବୟାନ୍ ମୁତାବକ କୌଣସି ଏକ ସ୍ତ୍ରୀ ତାଙ୍କୁ ଶିଖାଇଦେଲେ କି ପ୍ରଥମ ଦିନ ରୋବ୍ (ପ୍ରଭାବ) ପକାଯାଇଥାଏ । ଯେବେ ରସୁଲେ କରିମ୍ ସ:ଆ:ସ ତୁମ ପାଖକୁ ଆସିବେ ତେବେ ତୁମେ ଏପରି କହିବ କି ମୁଁ ଆପଣଙ୍କ ଠାରୁ ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଛି । ଏଥିରେ ସେ ତୁମକୁ ଅଧିକ ଭଲ ପାଇବେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି କି ଯଦି ଏକଥା ସେହି ମହିଳାଙ୍କ ଦ୍ୱାରା କୁହାଯାଇନାହିଁ ତେବେ କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ କି କେଉଁ ମୁନାଫିକ୍ ନିଜ ସ୍ତ୍ରୀ ବା ନିଜ ବନ୍ଧୁବାନ୍ଧବଙ୍କ ଜରିଆରେ ଏହି ପ୍ରକାରର ଦୁଷ୍ଟାମୀ କରିଥିବ । ସୁତରାଂ ଯେବେ ତାଙ୍କ ଆଗମନର ଏତେଲା ରସୁଲେ କରିମ୍ ସ:ଆ:ସଙ୍କୁ ମିଳିଲା ସେତେବେଳେ ଆପଣ ସ:ଆ:ସ ସେହି ଘରଆଡକୁ ଗଲେ, ଯେଉଁ ଘରଟି ତାଙ୍କ ପାଇଁ ନିର୍ଦ୍ଧାରିତ କରାଯାଇଥିଲା । ଆହାଦିସ୍‌ରେ ଲେଖାଯାଇଛି କି ଯେବେ ରସୁଲେ କରିମ୍ ସ:ଆ:ସ ତାଙ୍କ ନିକଟକୁ ଆସିଲେ ତେବେ ଆପଣ ସ:ଆ:ସ ତାଙ୍କୁ କହିଲେ କି ତୁମେ ନିଜକୁ ମୋଠାରେ ଅର୍ପଣ କରିଦିଅ । ସେ ଉତରରେ କହିଲେ କଣ ରାଣୀ ମଧ ନିଜକୁ ଏକ ସାଧାରଣ ଲୋକକୁ ସମର୍ପିଦିଏ ? ଅବୁ ଉସୈଦ୍ କହୁଛନ୍ତି କି ଏଥିରେ ରସୁଲେ କରିମ୍ ସ:ଆ:ସ ଏ କଥା ଭାବିଲେ କି ଅପରିଚିତ ହୋଇଥିବା ଯୋଗୁ ସେ ଘବରଉଛନ୍ତି । (ତେଣୁ) ତାଙ୍କୁ ଶାନ୍ତ୍ୱନା ଦେବାପାଇଁ ତା ଉପରେ ନିଜ ହାତକୁ ରଖିଲେ । ଆପଣ ତା ଉପରେ ନିଜର ହାତକୁ ଏବେ ରଖିଥିଲେ କି ସେ ସେହିକ୍ଷଣି ଅତ୍ୟନ୍ତ ଖରାପ ଓ ଅସଭ୍ୟ ବାକ୍ୟ କହିଦେଲା । ଅର୍ଥାତ୍ ମୁଁ ତୁମଠାରୁ ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଛି । ହଜ୍‌ରତ୍ ମୁସଲ୍‌ଲେ ମଉଦ୍ ର:ଅ କହୁଛନ୍ତି କି ଯେହେତୁ ନବୀ ଇଶ୍ୱରଙ୍କ ନାମ ଶୁଣି ଶିଷ୍ଟତାର ଆତ୍ମାରେ ପୁର୍ଣ୍ଣ ହୋଇଯାଆନ୍ତି ଓ ତାର ମହାନତାରେ ଭୋଳ ହୋଇଯାଆନ୍ତି । ତେଣୁ ତାର ସେହି ବାକ୍ୟରେ ଆପଣ ସ:ଆ:ସ ତତ୍‌କ୍ଷଣାତ୍ କହିଲେ କି ତୁମେ ଏକ ବଡ ହସ୍ତୀ (ଅସ୍ତିତ୍ୱ) ରାଣ ଦେଇଛ ଓ ତାର ଶରଣ ଭିକ୍ଷା କରିଛ, ଯିଏ ହେଉଛନ୍ତି ସବୁଠାରୁ ବଡ଼ ଶରଣ ପ୍ରଦାନକାରୀ । ତେଣୁ ମୁଁ ତୁମ ନିବେଦନକୁ ଗ୍ରହଣ କରୁଅଛି । ସୁତରାଂ ଆପଣ ସ:ଆ:ସ ସେହି କ୍ଷଣି ବାହାରକୁ ବାହାରି ଆସିଲେ ଓ କହିଲେ କି ହେ ଅବୁ ଉସୈଦ୍, ତାକୁ ଦୁଇଟି ଚାଦର ଦେଇଦିଅ ଓ ତାକୁ ତାଙ୍କ ଘରଲୋକଙ୍କ ନିକଟରେ ପହଂଚାଇଦିଅ । ସୁତରାଂ ଏହାପରେ ତାକୁ ହକ୍‌ମହର୍ ଭାଗ ବ୍ୟତୀତ ଅନୁଗ୍ରହ ସ୍ୱରୂପ ଦୁଇଟି ରାଜକି ଚାଦର ଦେବାପାଇଁ ଆପଣ ସ:ଆ:ସ ନିର୍ଦ୍ଦେଶ ଦେଲେ । ଯଦ୍ୱାରା ପବିତ୍ର କୋରାନ୍‌ର ନିର୍ଦ୍ଦେଶ *ୱ୍‌ଲା ତନ୍‌ସଉଲ୍ ଫଜ୍‌ଲା ବଇନକୁମ୍* ପୁରାହେବ ଅର୍ଥାତ୍ ଆପୋଷରେ ଅନୁଗ୍ରହର ବ୍ୟବହାରକୁ ଭୁଲି ନଯାଓ । ତା ମୁତାବକ ଆପଣ ସ:ଆ:ସ ଅଧିକ ପ୍ରଦାନ କଲେ ଅର୍ଥାତ୍ ଏହ୍‌ସାନ୍ କଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ଲେଖୁଛନ୍ତି ଏହା ସେହି ମହିଳାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯେଉଁମାନଙ୍କ ସହିତ ଶାରିରୀକ ସମ୍ପର୍କ ନରଖି ତଲାକ୍ ଦେଇଦିଆଯାଏ । ଆପଣ ସ:ଆ:ସ ତାକୁ ବିଦା କରିଦେଲେ ଓ ଅବୁ ଉସୈଦ୍ ହିଁ ତାକୁ ତାଙ୍କ ଘରେ ନେଇ ପହଂଚାଇ ଆସିଲେ । ତାଙ୍କ କବିଲାର ଲୋକମାନଙ୍କୁ ଏକଥା ଅତ୍ୟନ୍ତ କଷ୍ଟକର ଥିଲା । ତେଣୁ ସେମାନେ ତାକୁ ଅଭିଶାପ ଦେଲେ । କିନ୍ତୁ ସେ ଏହି ଉତର ଦେଇଚାଲିଥିଲା କି ଏହା ମୋର ଦୁର୍ଭାଗ୍ୟ ଏବଂ ବେଳେବେଳେ ସେ ଏହା ମଧ କହିଲା କି ମୋତେ ଉସୁକାଇ ଦିଆଯାଇଥିଲା ଓ କୁହାଯାଇଥିଲା କି ଯେବେ ରସୁଲ୍ କରିମ୍ ସ:ଆ:ସ ତୁମ ନିକଟକୁ ଆସିବେ ତ ତୁମେ ତାଙ୍କଠାରୁ ଦୂରକୁ ଚାଲିଯିବ ଓ ଘୃଣାଭାବ ପ୍ରକାଶ କରିବ । ଏହିପରି ତାଙ୍କ ଉପରେ ତୁମର ରୋବ୍ କାଏମ୍ ହୋଇଯିବ । ଜଣାନାହିଁ ଏହି କାରଣ ଥିବ ବା ଆଉ କୌଣସି କାରଣ ଥିବ । ସେ ଯାହା ହେଉ ସେ ଘୃଣାଭାବକୁ ପ୍ରକାଶ କଲା ଓ ରସୁଲେ କରିମ୍ ସ:ଆ:ସ ତାଠାରୁ ଅଲଗା ହୋଇଗଲେ ଓ ତାକୁ ବିଦା କରିଦେଲେ । (ଉଦ୍ଧୃତ ତଫସିର୍ କବିର୍, ଖଣ୍ଡ-୨, ପୃଷ୍ଠା-୫୩୩-୫୩୫, ତଫସିର୍ ସୁରା ବକ୍‌ରାଃ, ଆୟତ-୨୨୮)

ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଯେଉଁ ଲୋକମାନେ ସ୍ତ୍ରୀ ପ୍ରସଙ୍ଗରେ ଆରୋପ ଲଗାଉଛନ୍ତି କି ଆପଣ ସ:ଆ:ସ ନଉଜୁବିଲ୍ଲାଃ ସୁନ୍ଦର ମହିଳାମାନଙ୍କୁ ଚାହୁଁଥିଲେ ବୋଲି । ବର୍ତମାନ ଯେଉଁ ପୁରା ଘଟଣା ବର୍ଣ୍ଣନା କରାଗଲା, ଏହା ସେହି ଲୋକମାନଙ୍କ ମୁହଁ ବନ୍ଦ୍ କରିବା ପାଇଁ ଯଥେଷ୍ଟ ଉତର ।

ହଜ୍‌ରତ୍ ଅବୁ ଉସୈଦ୍ କହୁଥିଲେ କି ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ଯେବେ ମଧ କୌଣସି ଜିନିଷ ମଗାଯାଉଥିଲା । ଆପଣ ସ:ଆ:ସ କଦାପି ଅସ୍ୱୀକାର କରିନାହାଁନ୍ତି । (ମଜ୍‌ମୁଅଜ୍, ଜଓ୍ୱାଇଦ୍, ଖଣ୍ଡ-୮, ପୃଷ୍ଠା-୪୦୯, କିତାବ୍ ଇଲାମାତୁନ୍ ନବୁଓ୍ୱାଃ...ହଦିସ୍ ନଂ-୧୪୧୭୯, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ-୨୦୦୧)

ଦ୍ୱିତୀୟ ସାହାବି ହେଉଛନ୍ତି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ ଅସଦ୍ । ତାଙ୍କ ନାମ ଅବ୍‌ଦୁଲ୍ଲାଃ ଥିଲା ଓ କୁନିୟତ୍ ଥିଲା ଅବୁ ସଲ୍‌ମା । ତାଙ୍କ ମା'ଙ୍କ ନାମ ବର୍‌ରାଃ ବିନ୍ ଅବ୍‌ଦୁଲ୍ ମୋତଲିବ୍ ଓ ସେ ନବୀ କରିମ୍ ସ:ଆ:ସଙ୍କ ପିଉସୀ ପୁଅ ଭାଇ ଥିଲେ ଏବଂ ନବୀ ସ:ଆ:ସ ଓ ହଜ୍‌ରତ୍ ହମ୍‌ଜାଃଙ୍କ ରଜାଇ (ଜଣେ ମହିଳାଙ୍କ ଠାରୁ କ୍ଷୀରପାନ କରିଥିବା) ଭାଇ ମଧ ଥିଲେ । ସେ ଅବୁ ଲହବ୍‌ଙ୍କ ଲୌଣ୍ଡି ସୌବିୟାଙ୍କ କ୍ଷୀରପାନ କରିଥିଲେ । ହଜ୍‌ରତ୍ ଉମୁଲ୍ ମୁମିନିନ୍ ଉମ୍ମେ ସଲ୍‌ମା ପ୍ରଥମେ ତାଙ୍କ ନିକାହ୍‌ରେ ଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୨୯୫, ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ ଅସଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ଲେବ୍‌ନାନ୍)

ତାଙ୍କ ସମ୍ବନ୍ଧରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ମଧ ସିରତେ ଖାତମୁନ୍ ନବୀୟିନ୍ ପୁସ୍ତକରେ ଲେଖିଛନ୍ତି କି ''ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ରଜାଇ ଭାଇଥିଲେ ଓ ବନୁ ମଖ୍‌ଜୁମ୍‌ଙ୍କ ସହିତ ତାଙ୍କର ସମ୍ବନ୍ଧ ଥିଲା । ତାଙ୍କ ଦେହାନ୍ତ ପରେ ତାଙ୍କ ବିଧବା ଉମ୍ମେ ସଲ୍‌ମାଙ୍କ ସହିତ ଆଁ ହଜ୍‌ର୍‌ତ୍ ସ:ଆ:ସଙ୍କ ବିବାହ ହୋଇଥିଲା'' । (ସିରତ୍ ଖାତମୁନ୍ ନବୀୟିନ୍ ସ:ଆ:ସ, ଲେଖକ- ହଜ୍‌ରତ୍ ସାହେବ୍‌ଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍, ଏମ୍.ଏ, ପୃଷ୍ଠା-୧୨୪)

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ ଅସଦ୍ ଇସ୍‌ଲାମରେ ଆଗକୁ ବଢ଼ିଥିବା ଲୋକମାନଙ୍କ ମଧ୍ୟରୁ ଜଣେ ଥିଲେ । ଇବ୍‌ନେ ଇସ୍‌ହାକ୍‌ଙ୍କ ମୁତାବକ ଦଶଜଣ ଲୋକଙ୍କ ପରେ ସେ ଇସ୍‌ଲାମ୍ ଆଣିଥିଲେ ଅର୍ଥାତ୍ ସେ ଥିଲେ ପ୍ରାରମ୍ଭିକ ମୁସଲ୍‌ମାନ୍ । (ଅଲ୍ ଇସ୍ତିଆବ୍ ଫି ମାରେଫତୁଲ୍ ଅସ୍‌ହାବ୍, ତୃତୀୟ ଖଣ୍ଡ, ପୃଷ୍ଠା-୭୧, ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ ଅସଦ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ଲେବ୍‌ନାନ୍ ୨୦୦୨)

ଆଉଗୋଟିଏ ରିଓ୍ୱାୟତ୍‌ରେ ଆସୁଛି କି ହଜ୍‌ରତ୍ ଅବୁ ଉବୈଦା ବିନ୍ ହାରିସ୍, ହଜ୍‌ରତ୍ ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍, ହଜ୍‌ରତ୍ ଅର୍‌କମ୍‌ବିନ୍ ଅବୁ ଅର୍‌କମ୍ ଏବଂ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ହଜୁର୍ ଅକ୍‌ରମ୍ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ଓ ଆପଣ ସ:ଆ:ସ ସେମାନଙ୍କୁ ଇସ୍‌ଲାମ୍ ଆଡକୁ ନିମନ୍ତ୍ରଣ ଦେଲେ ଏବଂ ପବିତ୍ର କୋରାନ୍‌କୁ ପଢ଼ି ଶୁଣାଇଲେ । ଏଥିରେ ସେମାନେ ଇସ୍‌ଲାମ୍ ଗ୍ରହଣ କରିନେଲେ ଏବଂ ଏ ସାକ୍ଷୀଦେଲେ କି ଆପଣ ସ:ଆ:ସ ହିଦାୟତ୍ ଏବଂ ସିଧା ରାସ୍ତାରେ ଅଛନ୍ତି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ ଅସଦ୍ ନିଜ ସ୍ତ୍ରୀ ହଜ୍‌ରତ୍ ଉମ୍ମେ ସଲ୍‌ମାଙ୍କ ସହିତ ପ୍ରଥମ ହିଜ୍‌ରତ୍ ହବ୍‌ଶାରେ ସାମିଲ୍ ହୋଇଥିଲେ । ହବ୍‌ଶାରୁ ଫେରି ମକା ଆସିବା ପରେ ମଦିନା ହିଜ୍‌ରତ୍ କଲେ । (ଅସଦୁଲ୍ ଗାବା, ଫି ମାରେଫତୁସ୍ ସାହାବା, ଖଣ୍ଡ-୫, ପୃଷ୍ଠା-୧୫୩, ଅବୁ ସଲ୍‌ମା, ମୁଦ୍ରଣ ଦାରୁଲ୍ ଫିକର୍ ବେରୁତ ୨୦୦୩)

ସିରତ୍ ଖାତମୁନ୍ ନବୀୟିନ୍‌ରେ ତାଙ୍କ ହିଜ୍‌ରତ୍ କରିବା ବିଷୟରେ ଚର୍ଚ୍ଚା ହୋଇଛି କି ଯେତେବେଳେ ମୁସଲ୍‌ମାନ୍ ମାନଙ୍କ ଉପରେ ଅତ୍ୟାଚାର ସୀମାଧିକରେ ପହଂଚିଗଲା ଏବଂ କୁରୈଶ୍ ଦୁଃଖ ଓ ଯନ୍ତ୍ରଣା ଦେବାରେ ବଢ଼ିଚାଲିଲେ ତେବେ ଆଁ ହଜ୍‌ରତ୍ ସ:ଆ:ସ ମୁସଲ୍‌ମାନ୍ ମାନଙ୍କୁ ନିର୍ଦ୍ଦେଶ ଦେଲେ କି ସେମାନେ ହବ୍‌ଶା ଆଡକୁ ହିଜ୍‌ରତ୍ କରି ଚାଲିଯାଆନ୍ତୁ ଓ ପୁଣି କହିଲେ କି ହବ୍‌ଶାର ସମ୍ରାଟ ହେଉଛନ୍ତି ଜଣେ ନ୍ୟାୟବନ୍ତ ସମ୍ରାଟ । ତାଙ୍କ ହୁକୁମତ୍‌ରେ କାହା ଉପରେ ଅତ୍ୟାଚାର ହେଉନାହିଁ । ହବ୍‌ଶା ଦେଶ ଯାହାକୁ ଇଂରାଜୀରେ ଇଥୋପିଆ ଆବିସିନିଆ କୁହାଯାଉଛି, ତାହା ଆଫ୍ରିକା ମହାଦେଶର ଉତର ପୂର୍ବରେ ଅବସ୍ଥିତ ଓ ଦକ୍ଷିଣ ଆରବର ବିଲ୍‌କୁଲ୍ ସମ୍ମୁଖରେ ଓ ମଝିରେ ଲୋହିତ ସାଗର ବ୍ୟତୀତ ଅନ୍ୟ କୌଣସି ଦେଶର ପ୍ରତିବନ୍ଧକ ନାହିଁ । ସେ ସମୟରେ ହବ୍‌ଶାରେ ଗୋଟିଏ ମଜ୍‌ବୁତ୍ ଇସାଇ ହୁକୁମତ୍ ପ୍ରତିଷ୍ଠା ହୋଇଥିଲା ଓ ସେଠିକାର ସମ୍ରାଟକୁ ନଜାଶି କୁହାଯାଉଥିଲା । ବରଂ ଏପର୍ଯ୍ୟନ୍ତ ମଧ ସେଠିକାର ସମ୍ରାଟ ସେହି ନାମରେ ନାମିତ ହେଉଛନ୍ତି । ହବ୍‌ଶା ସହିତ ଆରବ ଦେଶର ବାଣିଜ୍ୟ ସମ୍ପର୍କ ଥିଲା । ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଲେଖୁଛନ୍ତି ସେହି ଦିନ ଗୁଡିକରେ, ଯେଉଁଦିନର ଆମେ ଚର୍ଚ୍ଚା କରୁଅଛେ, ହବ୍‌ଶାର ରାଜଧାନୀ ଥିଲା ଅକ୍‌ସୁମ୍, ଯାହା ବର୍ତମାନ ଅଦୁଆ ସହରର ନିକଟରେ ଅବସ୍ଥିତ ଓ ଏପର୍ଯ୍ୟନ୍ତ ତାହା ଏକ ପବିତ୍ର ସହର ରୂପେ ଚର୍ଚ୍ଚା ହୋଇଆସିଛି । ଅକ୍‌ସୁମ୍ ସେ ସମୟରେ ବହୁତ ବଡ଼ ଶକ୍ତିଶାଳୀ ରାଷ୍ଟ୍ରର କେନ୍ଦ୍ର ଥିଲା ଓ ସେ ସମୟର ନଜାଶିଙ୍କ ନାମ ଥିଲା ଅସ୍‌ହମା,

ଯିଏ ଜଣେ ନ୍ୟାୟବନ୍ତ, ବୁଦ୍ଧିମାନ୍ ଓ ଦୃଢ଼ ସମ୍ରାଟ ଥିଲେ । ସେ ଯାହା ହେଉ ଯେବେ ମୁସଲ୍‌ମାନଙ୍କ ଉପରେ ଅତ୍ୟାଚାର ସୀମାଧିକ ହୋଇଗଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କୁ ନିର୍ଦ୍ଦେଶ ଦେଲେ କି ଯେଉଁମାନେ ପାରୁଛନ୍ତି ସେମାନେ ହବ୍‌ଶା ଆଡକୁ ହିଜର୍‌ତ୍ କରିଯାଆନ୍ତୁ । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶାନୁସାରେ ୫ନବୱି ରଜବ୍ ମାସରେ ୧୧ ଜଣ ପୁରୁଷ ଓ ୪ଜଣ ମହିଳା ହବ୍‌ଶା ଆଡକୁ ହିଜ୍‌ରତ୍ କଲେ । ସେମାନଙ୍କ ମଧ୍ୟରେ ଅଧିକ ପରିଚିତ ନାମ ହେଉଛି ଏପରି । ଉସ୍‌ମାନ୍ ବିନ୍ ଅଫାନ ଓ ତାଙ୍କ ସ୍ତ୍ରୀ ରୁକୈୟା ବିନ୍‌ତ୍ ରସୁଲୁଲ୍ଲାଃ ସ:ଆ:ସ, ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍, ଜୁବେର୍ ବିନ୍ ଅୱାମ୍, ଅବୁ ହୁଜେଫା ବିନ୍ ଉତ୍‌ବା, ଉସ୍‌ମାନ୍ ବିନ୍ ମଜ୍‌ଉନ୍, ମସ୍‌ଅବ୍ ବିନ୍ ଉମୈର୍, ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍ ଏବଂ ତାଙ୍କ ସ୍ତ୍ରୀ ହଜ୍‌ରତ୍ ଉମ୍ମେ ସଲ୍‌ମା । ଏହା ଏକ ଅଜବ କଥା କି ପ୍ରାରମ୍ଭିକ ମୁହାଜିର୍‌ମାନଙ୍କ ମଧ୍ୟରେ ସେ ଲୋକମାନଙ୍କର ସଂଖ୍ୟା ଅଧିକ ଥିଲା, ଯେଉଁମାନେ କୁରୈଶ୍‌ର ଶକ୍ତିଶାଳୀ କବିଲାମାନଙ୍କ ସହିତ ସମ୍ପର୍କ ରଖିଥିଲେ ଓ ଦୁର୍ବଳ ଶ୍ରେଣୀର ଲୋକ କମ୍ ଦୃଷ୍ଟିଗୋଚର ହେଉଛନ୍ତି, ଯେଉଁଥିରୁ ଦୁଇଟି କଥା ଜଣାଯାଏ । ପ୍ରଥମଟି ହେଉଛି ଏହା କି ଶକ୍ତିଶାଳୀ କବିଲାମାନଙ୍କ ସମ୍ପର୍କ ରଖିଥିବା ଲୋକେ ମଧ୍ୟ କୁରୈଶ୍‌ର ଅତ୍ୟାଚାରରୁ ସୁରକ୍ଷିତ ନଥିଲେ । ଦ୍ୱିତୀୟଟି ହେଉଛି ଏହା କି ଦୁର୍ବଳ ଶ୍ରେଣୀର ଲୋକେ ଉଦାହରଣ ସ୍ୱରୂପ ଗୁଲାମ୍ (କ୍ରୀତଦାସ) ଇତ୍ୟାଦି ଶ୍ରେଣୀର ଲୋକେ ସେ ସମୟରେ ଏତେ ଦୁର୍ବଳ ଓ ଅସହାୟ ଅବସ୍ଥାରେ ଥିଲେ ତାଙ୍କ ନିକଟରେ ହିଜ୍‌ରତ୍ କରିବା ପାଇଁ ମଧ୍ୟ ଶକ୍ତି ନଥିଲା । ଯେବେ ଏହି ମୁହାଜିର୍ ମାନେ ଦକ୍ଷିଣ ଆଡକୁ ଯାତ୍ରା କରି ଶୋଏବିୟାଃ ସ୍ଥାନରେ ପହଂଚିଲେ, ଯାହା ସେ ସମୟର ଆରବର ଗୋଟିଏ ବନ୍ଦର ଥିଲା, ସେତେବେଳେ ଅଲ୍ଲାଃତାଲାଙ୍କର ଏପରି ଦୟା ହେଲା କି ସେମାନଙ୍କୁ ଗୋଟିଏ ବଣିକ ଜାହଜ ମିଳିଗଲା, ଯିଏ ହବ୍‌ଶା ଆଡକୁ ଯବାପାଇଁ ପ୍ରସ୍ତୁତ ହୋଇ ରହିଥିଲା । ସୁତରାଂ ଏମାନେ ସମସ୍ତେ ଶାନ୍ତି ଓ କୁଶଳତାର ସହିତ ସେହି ଜାହଜରେ ଚଢ଼ିଗଲେ ଓ ଜାହଜଟି ଛାଡ଼ିଲା । କୁରୈଶ୍ ମକାଙ୍କୁ ସେମାନଙ୍କର ହିଜ୍‌ରତ୍ ବିଷୟ ଯେତେବେଳେ ଜାଣିଲେ ସେମାନେ ବହୁତ କ୍ରୋଧିତ ହେଲେ କି ଏହି ଶିକାର ମାଗଣାରେ ହାତରୁ ଚାଲିଗଲା । (ସେମାନେ ତାଙ୍କର ପଛରେ ଗୋଡାଇଥିଲେ କି ସେମାନଙ୍କୁ ଯିବାକୁ ଦେବେନାହିଁ ବୋଲି କିନ୍ତୁ ସେମାନେ ଚାଲିଗଲେ) ସୁତରାଂ କୁରୈଶ ସେହି ମୁହାଜିର୍ ମାନଙ୍କ ପଛରେ ଗୋଡାଇଲେ କିନ୍ତୁ ଯେବେ ତାଙ୍କ ଲୋକେ ସମୁଦ୍ରକୂଳରେ ପହଂଚିଲେ ଜାହଜଟି କୂଳ ଛାଡି ଚାଲିଯାଇଥିଲା । ତେଣୁ ସେମାନେ ଅସଫଳ ହୋଇ ଫେରି ଆସିଲେ । ମୁସଲ୍‌ମାନ୍ ମାନେ ହବ୍‌ଶାରେ ପହଂଚି ଅତ୍ୟନ୍ତ ଶାନ୍ତିର ସହିତ ଜୀବନ ଅତିବାହିତ କଲେ ଓ ଇଶ୍ୱରଙ୍କ ଦୟାବଳରୁ କୁରୈଶର ଅତ୍ୟାଚାରରୁ ମୁକ୍ତି ମିଳିଲା ।

(ସିରତ୍ ଖାତମୁନ୍ ନବୀୟିନ୍ ସ:ଆ:ସ, ଲେଖକ- ହଜ୍‌ରତ୍ ସାହେବ୍‌ଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍, ଏମ୍.ଏ, ପୃଷ୍ଠା-୧୪୬-୧୪୭)

ଇବ୍‌ନେ ଇସ୍‌ହାକ୍ କହୁଛନ୍ତି କି ଯେବେ ହଜ୍‌ରତ୍ ଅବୁ ସଲ୍‌ମା (ହବ୍‌ଶାରୁ ଫେରିଆସିବା ପରେ) ହଜ୍‌ରତ୍ ଅବୁ ତାଲିବ୍‌ଙ୍କ ଠାରୁ ଶରଣ ଭିକ୍ଷା କଲେ, ସେତେବେଳେ ବନୁ ମଖ୍‌ଜୁମ୍‌ର କିଛି ଲୋକେ ଅବୁ ତାଲିବ୍‌ଙ୍କ ନିକଟକୁ ଗଲେ ଓ କହିଲେ କି ତୁମେ ନିଜ ପୁତୁରା ମୁହମ୍ମଦ୍ ସ:ଆ:ସଙ୍କୁ ନିଜ ଶରଣରେ ରଖିଛ । କିନ୍ତୁ ଆମ ଭାଇ ଅବୁ ସଲ୍‌ମାକୁ ତୁମେ କାହିଁକି ଶରଣ ଦେଇଛ ? ଏଥିରେ ଅବୁ ତାଲିବ୍ କହିଲେ ସେ ମୋଠାରୁ ଶରଣ ଭିକ୍ଷା କଲା ଏବଂ ସେ ହେଉଛି ମୋର ଭଣଜା ମଧ୍ୟ । ତେଣୁ ଯଦି ମୁଁ ନିଜ ପୁତୁରାକୁ ଶରଣ ନ ଦେଇଥାନ୍ତି, ତେବେ ଭଣଜାକୁ ମଧ୍ୟ ଶରଣ ଦେଇନଥାନ୍ତି । ଅବୁ ଲହବ୍ ବନୁ ମଖ୍‌ଜୁମ୍‌ର ଲୋକମାନଙ୍କୁ କହିଲେ କି ତୁମେ ସବୁବେଳେ ଆସି ଆମର ବୟୋଜ୍ୟେଷ୍ଠ ଅବୁ ତାଲିବଙ୍କୁ ହଇରାଣ କରୁଛ ଓ ବିଭିନ୍ନ ପ୍ରକାର କଥା କହୁଛ । ଅଲ୍ଲାଃଙ୍କ ରାଣ ତୁମେ ଏଥିରୁ ନିବୃତ ରୁହ ନଚେତ୍ ଆମେ ପ୍ରତ୍ୟେକ କାର୍ଯ୍ୟରେ ତାଙ୍କ ସହିତ ମିଶିଯିବୁ । ଏପରିକି ସେ ନିଜ ଇଛାକୁ ପୁରଣ କରିନେବେ । ଏହାଶୁଣି ସେ ଲୋକମାନେ (ଅବୁଲହବ୍‌ଙ୍କୁ ସମ୍ବୋଧନ କରି) କହିଲେ- ହେ ଅବୁ ଉତ୍‌ବା ! ଯେଉଁ କଥାକୁ ତୁମେ ନାପସନ୍ଦ କରୁଛ ଆମେ ମଧ୍ୟ ସେଇ କଥାରୁ ପଛକୁ ହଟିଯାଉଛୁ । ଅବୁଲହବ୍ ଯେହେତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିରୋଧରେ ବନୁ ମଖ୍‌ଜୁମ୍‌ର ବନ୍ଧୁ ଥିଲା ଓ ତାଙ୍କର ସାହାଯ୍ୟକାରୀ ମଧ୍ୟ ଥିଲା, ତେଣୁ ସେହି ଲୋକମାନେ ତାଙ୍କୁ ଅବୁ ସଲ୍‌ମାଙ୍କ ସମ୍ବନ୍ଧରେ କୌଣସି ପ୍ରକାର ଜୋର୍ ଜବର୍‌ଦସ୍ତି କରିବାରୁ ନିବୃତ ରହିଲେ । ଅବୁ ତାଲିବ୍‌ଙ୍କୁ ଅବୁଲହବ୍‌ଙ୍କ ଠାରୁ ଅନୁକୂଳତାର କଥା ଶୁଣି (ଯେବେ ସେ ତାଙ୍କ ସପକ୍ଷରେ ଏକଥା ଶୁଣିଲେ କି ସେ ମୋ ସପକ୍ଷରେ କଥା ହେଉଛନ୍ତି ଓ ଅନ୍ୟ କବିଲାକୁ ରୋକି ଦେଇଛନ୍ତି) ଏ ଆଶା ବାନ୍ଧିଲେ କି ଇଏ ମଧ୍ୟ ଆମ ସାହାଯ୍ୟ ପାଇଁ ଆଗେଇ ଆସିବ । ସୁତରାଂ ସେ କିଛି ପଦ କହିଲେ, ଯେଉଁଥିରେ ଅବୁଲହବ୍‌ଙ୍କର ପ୍ରଶଂସା କରାଯାଇଛି ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କୁ ସାହାଯ୍ୟ କରିବା ଯୋଗୁ ତାଙ୍କୁ ଉତ୍ସାହିତ କରାଯାଇଛି ।

(ସିରତୁନ୍ ନବୁୱା ଲେ ଇବ୍‌ନେ ହୁଶାମ୍, ପୃଷ୍ଠା-୨୬୯-୨୭୦, କିସା ଅବିସଲ୍‌ମା, ଫି ଜୱାରେହ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୨୦୦୧)

କିନ୍ତୁ ଏହାର ପ୍ରଭାବ ତା ଉପରେ କିଛି ପଡ଼ିଲା ନାହିଁ । ଏବଂ ସେ ମୁଖାଲିଫତ୍‌ରେ ବଢ଼ିଚାଲିଲା ।

ଇବ୍‌ନେ ଇସାହା କହୁଛନ୍ତି କି ଉମୁଲ୍ ମୁମିନୀନ୍ ହଜ୍‌ରତ୍ ଉମ୍ମେ ସଲ୍‌ମା ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି ଯେବେ ମୋ ସ୍ୱାମୀ ହଜ୍‌ରତ୍ ଅବୁ ସଲ୍‌ମା ର:ଅ ମଦିନା ଯିବା ପାଇଁ ଇଛା କଲେ ତେବେ ସେ ନିଜର ଓଟକୁ ପ୍ରସ୍ତୁତ କଲେ । ମତେ ଓ ମୋ ପିଲା ସଲ୍‌ମା ଯିଏ ସେତେବେଳେ ମୋ କୋଳରେ ଥିଲା, ସେହି ଓଟ ଉପରେ ବସାଇଲେ ଓ ପୁଣି ଚାଲିଗଲେ । ଆଗକୁ ଯାଇ ବନୁ ମଖ୍‌ଜୁମ୍‌ର କିଛି ଲୋକେ ଆମକୁ ଘେରିଯାଇ କହିଲେ କି ଉମ୍ମେ ସଲ୍‌ମା ହେଉଛି ଆମ ଝିଅ । ତେଣୁ ଆମେ ତାକୁ ତୁମ ସହିତ ଯିବାକୁ ଦେବୁନାହିଁ କି ତୁମେ ତାକୁ ନେଇ ସହରରୁ ସହର ଘୁରିବୁଲ । ହଜ୍‌ରତ୍ ଉମ୍ମେ ସଲ୍‌ମା କହୁଛନ୍ତି ସୁତରାଂ ଏହିପରି ସେ ଲୋକମାନେ ମୋ ସ୍ୱାମୀଙ୍କୁ ମୋ ଠାରୁ ଅଲଗା କରିଦେଲେ । ହଜ୍‌ରତ୍ ଅବୁ ସଲ୍‌ମାଙ୍କ କବିଲା ବନୁ ଅବ୍‌ଦୁଲ୍ ଅସଦ୍‌ର ଲୋକମାନେ ଏକଥାରେ ବହୁତ ନାରାଜ ହେଲେ ଓ ସେମାନେ କହିଲେ କି ଏ ପୁତ୍ର ହେଉଛି ଅବୁ ସଲ୍‌ମାଙ୍କର । ତାକୁ ଆମେ ତୁମ ନିକଟରେ ଛାଡ଼ିବୁ ନାହିଁ । ସୁତରାଂ ସେମାନେ ମୋ ପିଲାଙ୍କୁ ନେଇଗଲେ । (ଝିଅପିଲାଟିକୁ ସେହି କବିଲା ରଖିନେଲା ଓ ଯେଉଁ ପୁଅପିଲାଟି ଥିଲା ତାହା ପୁରୁଷଙ୍କ କବିଲା ବାଲା ନେଇଗଲେ) । ସେ ପୁଣି କହୁଛନ୍ତି କି ମୁଁ ସମ୍ପୂର୍ଣ୍ଣ ରୂପେ ଏକୁଟିଆ ହୋଇଗଲି ଓ ଏକବର୍ଷ ପର୍ଯ୍ୟନ୍ତ ଏହି କଷ୍ଟରେ ରହିଲି କି ପ୍ରତ୍ୟେକ ଦିନ ଅବ୍‌ତହ ସ୍ଥାନରେ ଯାଇ ମୁଁ କାନ୍ଦୁଥିଲି । ଦିନେ ମୋ ଚାଚାଙ୍କ ପୁତ୍ର ମାନଙ୍କ ମଧ୍ୟରୁ ଜଣେ ମୋତେ ସେଠି କାନ୍ଦିବାର ଦେଖିନେଲା । ଏଥିରେ ତାକୁ ଦୟା ଆସିଲା ଓ ସେ ମୋ କୌମ୍ ବନୁ ମୁଗିରାକୁ ଯାଇ କହିଲା କି ତୁମେ ସେହି ମିସ୍‌କିନ୍ (ଅସହାୟ) ମହିଳାଙ୍କୁ କାହିଁକି ହଇରାଣ କରୁଛ । ତୁମେ ତା ଠାରୁ ତା ସ୍ୱାମୀ ଓ ତା ପିଲାମାନଙ୍କୁ ଅଲଗା କରିଦେଲ । ତେଣୁ ତାକୁ ଛାଡ଼ି ଦିଅ । ଏଥିରେ ସେମାନେ ମୋତେ କହିଲେ କି ନିଜ ସ୍ୱାମୀଙ୍କ ନିକଟକୁ ଚାଲିଯାଓ । ହଜ୍‌ରତ୍ ଉମ୍ମେ ସଲ୍‌ମା କହୁଛନ୍ତି କି ଏହାପରେ ମୋ ପୁତ୍ରକୁ ବନି ଅବ୍‌ଦୁଲ୍ ଅସଦ୍ ଫେରାଇଦେଲା । ପୁଣି ମୁଁ ନିଜ ଓଟକୁ ପ୍ରସ୍ତୁତ କଲି ଓ ନିଜ ପିଲାଙ୍କୁ ସାଥିରେ ନେଇ ତା ଉପରେ ବସି ଚାଲିଲି । ଯେବେ ମୁଁ ମଦିନା ନିମନ୍ତେ ଯାତ୍ରା କଲି ସେତେବେଳେ ମୋ ସହିତ ସାହାଯ୍ୟ ସହଯୋଗ କରିବା ପାଇଁ କେହିନଥିଲେ । ଯେବେ ମୁଁ ତନ୍‌ଇମ୍ ସ୍ଥାନରେ ପହଂଚିଲି ସେଠାରେ ମୋତେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅବୁ ତଲ୍‌ହା (ଇଏ ସେ ସମୟରେ ମୁସଲ୍‌ମାନ୍ ହୋଇନଥିଲେ, ସେ ଛଅ ହିଜ୍‌ରି ସାଲରେ ଇସ୍‌ଲାମ୍ ଗ୍ରହଣ କରିଥିଲେ) ମିଳିଲେ ଓ ମୋତେ କହିଲେ କି ହେ ଉମ୍ମେ ସଲ୍‌ମା କେଉଁଆଡ଼େ ଯାଉଛ ? ମୁଁ କହିଲି ଯେ ମୁଁ ନିଜ ସ୍ୱାମୀଙ୍କ ନିକଟକୁ ମଦିନା ଯାଉଛି । ହଜ୍‌ରତ୍ ଉସ୍‌ମାନ୍ ପଚାରିଲେ କଣ ତୁମ ସହିତ କେହି ଅଛନ୍ତି ? ମୁଁ କହିଲି ଖୁଦାଙ୍କ ରାଣ କେହି ମଧ୍ୟ ନାହାଁନ୍ତି । କେବଳ ମୋର ଏହି ପୁତ୍ର ଓ ଇଶ୍ୱର ମୋ ସହିତ ଅଛନ୍ତି । ଉସ୍‌ମାନ୍ କହିଲେ ଅଲ୍ଲାଃଙ୍କ ରାଣ ଏହିପରି ଏକୁଟିଆ ମୁଁ ତୁମକୁ କଦାପି ଯିବାକୁ ଦେବିନାହିଁ । ମୁଁ ତୁମ ସହିତ ଆସୁଛି । ପୁଣି ସେ ମୋ ଓଟର ଲଗାମ୍‌ଟକୁ ଧରିନେଲେ । ହଜ୍‌ରତ୍ ଉମ୍ମେ ସଲ୍‌ମା ବର୍ଣ୍ଣନା କରୁଛନ୍ତି କି ଅଲ୍ଲାଃଙ୍କ ରାଣ, ମୁଁ ଆରବର ଲୋକମାନଙ୍କ ମଧ୍ୟରୁ ଏଭଳି ସମ୍ମାନୀୟ ବ୍ୟକ୍ତି କାହାକୁ ଦେଖିନାହିଁ । ଯେବେ ଲକ୍ଷ୍ୟସ୍ଥଳରେ ପହଂଚିଯାଆନ୍ତି ସେତେବେଳେ ଓଟଟିକୁ ବସାଇ ଅଲଗା ହୋଇଯାଆନ୍ତି । (ବିଭିନ୍ନ ସ୍ଥାନରେ ଡେରା ପକାଇ ଯାଉଥିଲେ । ଯେବେ ଗୋଟିଏ ଲକ୍ଷ୍ୟ ସ୍ଥଳରେ ପହଂଚୁଥିଲେ, ସେତେବେଳେ ଓଟଟିକୁ ବସାଇ ଦେଇ ଅଲଗା ହୋଇଯାଉଥିଲେ) । ମୁଁ ଯେତେବେଳେ ଓଟରୁ ଓହ୍ଲାଉଥିଲି ସେ ଓଟ ପିଠିରୁ ତାର କୁଜାୱା (ବସିବା ପାଇଁ ଥିବା ଆସନ) କୁ ବାହାର କରି ତାକୁ ଗଛରେ ବାନ୍ଧିଦେଉଥିଲେ ଓ ଅଲଗା ହୋଇ ଆଉଗୋଟିଏ ଗଛର ଛାଇତଳେ ଶୋଇଯାଉଥିଲେ । ଯେବେ ଚାଲିବାର ସମୟ ହେଉଥିଲା ତେବେ ସେ ଓଟଟିକୁ ପ୍ରସ୍ତୁତ କରୁଥିଲେ ଓ ପୁଣି ମୁଁ ତା ଉପରେ ବସିଯାଉଥିଲି ଓ ସେ ତା ଲଗାମ୍‌ଟିକୁ ଧରି ଚାଲୁଥିଲେ । ଏହିପରି ଆମେ ମଦିନା ପହଂଚିଗଲୁ । ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅବୁ ତଲ୍‌ହା ଯେବେ କୁବାଠାରେ ବନୁ ଉମ୍‌ରୋବିନ୍ ଅଓଫ୍‌ଙ୍କ ଗ୍ରାମକୁ ଦେଖିଲେ ସେତେବେଳେ ମୋତେ କହିଲେ କି ହେ ଉମ୍ମେ ସଲ୍‌ମା ତୁମର ସ୍ୱାମୀ ଅବୁ ସଲ୍‌ମା ଏହିଠାରେ ରହୁଛନ୍ତି । ତୁମେ ଖୁଦାଙ୍କ ବର୍‌କତ୍ ସହିତ ଏହି ସ୍ଥାନରେ ପ୍ରବେଶ କରିଯାଓ ଓ ପୁଣି ଉସ୍‌ମାନ୍ ମକା ଫେରିଗଲେ । (ସିରତୁନ୍ ନବୁୱା ଲେ ଇବ୍‌ନେ ହୁଶାମ୍, ପୃଷ୍ଠା-୩୩୩, ଜିକ୍‌ରିଲ୍ ମୁହାଜିରିନ୍ ଇଲଲ୍ ମଦିନା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୨୦୦୧)

ହିଜ୍‌ରତ୍ କରିବାର ଦ୍ୱିତୀୟ ବର୍ଷ ଯେବେ ରସୁଲୁଲ୍ଲାଃ ସ:ଆ:ସ ଉଶୈରାଃ ଯୁଦ୍ଧ ନିମନ୍ତେ ବାହାରିଲେ ସେତେବେଳେ ଅବୁ ସଲ୍‌ମାଙ୍କୁ ମଦିନାର ଅମିର ରୂପେ ନିୟୋଜିତ କଲେ ।

(ଅଲ୍ ଇସ୍ତିଆବ୍ ଫି ମାରେଫତୁଲ୍ ଅସ୍‌ହାବ୍, ତୃତୀୟ ଖଣ୍ଡ, ପୃଷ୍ଠା-୭୧, ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ ଅସଦ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ଲେବ୍‌ନାନ୍ ୨୦୦୨)

ଉଶୈରା ଯୁଦ୍ଧ ସମ୍ପର୍କରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଲେଖୁଛନ୍ତି କି ''ଜମାଦିଲ୍ ଉଲା ମାସରେ ପୁଣି ମକାର କୁରୈଶଙ୍କ ତରଫରୁ କୌଣସି ଏକ ଖବର ପାଇ ଆପଣ ସ:ଆ:ସ ମୁହାଜିର୍‌ଙ୍କର ଗୋଟିଏ ଦଳ ସହିତ ମଦିନାରୁ ବାହାରିଲେ ଓ ନିଜ ସ୍ଥାନରେ ନିଜର ରଜାଇ ଭାଇ ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍‌କୁ ଅମୀର୍ ନିୟୋଜିତ କଲେ । ସେହି ଯୁଦ୍ଧରେ ଆପଣ ସ:ଆ:ସ ଅନେକ ଘେରା ବୁଲି ପରିଶେଷରେ ସମୁଦ୍ର କୁଳ ନିକଟରେ ୟମ୍‌ବାଆର ଉଶୈରା ପର୍ଯ୍ୟନ୍ତ ପହଂଚିଗଲେ ଓ ଯଦିଚ କୁରୈଶଙ୍କ ସହିତ ମୁକାବିଲା ହେଲାନାହିଁ କିନ୍ତୁ ସେଥିରେ ଆପଣ ସ:ଆ:ସ କବିଲା ବନୁ ମୁଦ୍‌ଲଜ୍‌ଙ୍କ ସହିତ ସେହି ସବୁ ସର୍ତାବଳୀ ଉପରେ, ଯାହା ବନୁ ଜମ୍‌ରାଃ ସହିତ ନିର୍ଦ୍ଧାରିତ ହୋଇଥିଲା, ଗୋଟିଏ ଚୁକ୍ତି କଲେ ଏବଂ ପୁଣି ଫେରିଆସିଲେ'' ।

(ସିରତ୍ ଖାତମୁନ୍ ନବୀୟିନ୍ ସ:ଆ:ସ, ଲେଖକ- ହଜ୍‌ରତ୍ ସାହେବ୍‌ଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍, ଏମ୍.ଏ, ପୃଷ୍ଠା-୩୨୯)

ବନୁ ଜମ୍‌ରାଃ ସହିତ ଏ ସର୍ତାବଳୀ ନିର୍ଦ୍ଧାରିତ ହୋଇଥିଲା କି ବନୁ ଜମ୍‌ରାଃ ମୁସଲ୍‌ମାନଙ୍କ ସହିତ ବନ୍ଧୁତାପୁର୍ଣ୍ଣ ସମ୍ପର୍କ ରଖିବେ ଓ ମୁସଲ୍‌ମାନଙ୍କ ବିରୋଧରେ କୌଣସି ଶତ୍ରୁଙ୍କୁ ସାହାଯ୍ୟ କରିବେ ନାହିଁ ଓ ଯେବେ ଆଁ ହଜ୍‌ରତ୍ ସ:ଆ:ସ ବନୁ ଜୁମ୍‌ରାଃକୁ ମୁସଲ୍‌ମାନଙ୍କ ସାହାଯ୍ୟ କରିବା ନିମନ୍ତେ ଡାକିବେ ତେବେ ସେମାନେ ତତ୍‌କ୍ଷଣାତ୍ ଆସିଯିବେ । ଅନ୍ୟପଟେ ଆପଣ ସ:ଆ:ସ ମୁସଲ୍‌ମାନ୍ ମାନଙ୍କ ତରଫରୁ ଏ ଚୁକ୍ତି ଧାର୍ଯ୍ୟ କରିଥିଲେ କି ମୁସଲ୍‌ମାନ୍ କବିଲା ବନୁ ଜମ୍‌ରାଃ ସହିତ ବନ୍ଧୁତ୍ୱପୁର୍ଣ୍ଣ ସମ୍ପର୍କ ରଖିବେ ଓ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସାହାଯ୍ୟ କରିବେ । ଏହି ଚୁକ୍ତିକୁ ନିୟମିତ ଭାବେ ଲେଖାଯାଇଥିଲା ଓ ଦୁଇପକ୍ଷ ଏଥିରେ ଦସ୍ତଖତ କରିଥିଲେ ।

(ତବକାତୁଲ୍ କୁବ୍‌ରା, ଖଣ୍ଡ-୧, ପୃଷ୍ଠା-୧୩୩, ବାବ୍ ଜିକ୍‌ରି ବେସତ୍ ରସୁଲୁଲ୍ଲାଃ ସ:ଆ:ସ...., ମୁଦ୍ରଣ-ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍ ଅରବି, ବେରୁତ ୧୯୯୬)

ପୁଣି ସିରତ୍ ଖାତମୁନ୍ ନବୀଇନ୍‌ରେ ଲେଖା ହୋଇଛି କି ଓ୍ୱହଦ୍ ଯୁଦ୍ଧରେ ଯେଉଁ ପ୍ରକାର ମୁସଲ୍‌ମାନ୍ ମାନଙ୍କୁ ପହଂଚିଲା ଏଥିରେ ଆରବର କବିଲାମାନଙ୍କୁ ମୁସଲ୍‌ମାନଙ୍କ ବିରୋଧରେ ମୁଣ୍ଡ ଉଠାଇବା ପାଇଁ ପୂର୍ବଠାରୁ ଅଧିକା ସାହସ ମିଳିଲା । ସୁତରାଂ ଏବେ ଓ୍ୱହଦ୍ ଯୁଦ୍ଧକୁ ବେଶି ଦିନ ବିତିନଥିଲା ଓ ସାହାବାମାନେ ନିଜର ଆଘାତରୁ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ହୋଇନଥିଲେ କି ମହରମ୍ ମାସ ୪ ହିଜ୍‌ରିରେ ଅଚାନକ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମଦିନାରେ ଏ ଏତେଲା ପହଂଚିଲା କି କବିଲା ଅସଦ୍‌ର ରଇସ୍ (ସର୍ଦ୍ଦାର) ତୁଲିହା ବିନ୍ ଖଉଲିଦ୍ ଓ ତା ଭାଇ ସଲ୍‌ମା ବିନ୍ ଖଉଲିଦ୍ ନିଜ ଇଲାକାର ଲୋକମାନଙ୍କୁ ନେଇ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ପ୍ରୋତ୍ସାହିତ କରୁଅଛି । ଏହି ଖବର ମିଳିବା କ୍ଷଣି ଆଁ ହଜ୍‌ରତ୍ ସ:ଆ:ସ, ଯିଏ ନିଜ ଦେଶର ଅବସ୍ଥାକୁ ଦେଖି ଏହି ପ୍ରକାରର ବିପଦପୁର୍ଣ୍ଣ ଖବରକୁ ଖୁବ୍ ବୁଝୁଥିଲେ, ତତ୍‌କ୍ଷଣାତ୍ ୧୫୦ ସାହାବୀମାନଙ୍କର ଗୋଟିଏ ସୈନ୍ୟଦଳ ପ୍ରସ୍ତୁତ କରି ଏହାର ଅମୀର୍ ରୂପେ ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍‌ଙ୍କୁ ନିୟୋଜିତ କଲେ ଏବଂ ତାଙ୍କୁ ତାଗିଦ୍ କଲେ କି ଆକ୍ରମଣ କରିବା ଶୈଳୀରେ ସେଠାରେ ପହଂଚ । ବନୁ ଅସଦ୍ ନିଜର ଶତୃତାକୁ ଯୁଦ୍ଧରେ ପରିଣତ କରିବା ପୂର୍ବରୁ ସେମାନଙ୍କୁ ଖଣ୍ଡବିଖଣ୍ଡିତ କରିଦିଅ । ସୁତରାଂ ଅବୁ ସଲ୍‌ମା ବହୁତ ଶିଘ୍ର ଶିଘ୍ର କିନ୍ତୁ ନୀରବତାର ସହିତ ଆଗକୁ ବଢ଼ିଚାଲିଲେ ଏବଂ ଆରବର ମଝାମଝି ସ୍ଥାନ କତ୍‌ଅନ୍‌ଠାରେ ବନୁ ଅସଦ୍‌ଙ୍କର ମୁହାଁମୁହିଁ ହେଲେ । କିନ୍ତୁ କୌଣସି ପ୍ରକାର ଯୁଦ୍ଧ ହେଲା ନାହିଁ । ବରଂ ବନୁ ଅସଦ୍‌ର ଲୋକମାନେ ମୁସଲ୍‌ମାନ୍ ମାନଙ୍କୁ ଦେଖି ଏଣେତେଣେ ଛତ୍ରଭଙ୍ଗ ଦେଲେ ଏବଂ ଅବୁ ସଲ୍‌ମା କିଛିଦିନପରେ ମଦିନା ପୁଣି ପହଂଚିଗଲେ । ଏହି ଗସ୍ତରେ ଅସାଧାରଣ ପରିଶ୍ରମ ଦ୍ୱାରା ଅବୁ ସଲ୍‌ମାଙ୍କର ସେହି କ୍ଷତସ୍ଥାନ, ଯାହା ତାଙ୍କୁ ଓ୍ୱହଦ୍ ଯୁଦ୍ଧରେ ପହଂଚିଥିଲା ଓ ଏବେ ତାହା ଭଲ ହୋଇଆସୁଥିଲା କି ପୁଣି ଉକ୍ତ ଗସ୍ତ ଦ୍ୱାରା ଖରାପ ହୋଇଗଲା ଓ ଯେତେ ଉପଚର କଲେ ମଧ୍ୟ ତାହା ଦିନକୁ ଦିନ ଖରାପ ହୋଇ ଚାଲିଲା ଓ ପରିଶେଷରେ ସେହି ରୋଗରେ ଉକ୍ତ ନିଷ୍ପାପର ଓ ପୁରାତନ ସାହାବୀ, ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ରଜାଇ ଭାଇ ମଧ୍ୟ ଥିଲେ, ପ୍ରାଣତ୍ୟାଗ କଲେ । (ସିରତ୍ ଖାତମୁନ୍ ନବୀୟିନ୍

ସ:ଆ:ସ, ଲେଖକ- ହଜ୍‌ରତ୍ ସାହେବ୍‌ଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍, ଏମ୍.ଏ, ପୃଷ୍ଠା-୫୧୧)

ତାଙ୍କୁ ଅଲ୍ ୟସିରାଃ କୂଅର ପାଣି ଦ୍ୱାରା ଗୁସଲ୍ (ଗାଧୋଇ ଦିଆଗଲା) ଯେଉଁ କୂଅଟି ଆଲିଆ ନାମକ ସ୍ଥାନରେ ବନୁ ଉମୟା ବିନ୍ ଜଏଦ୍‌ଙ୍କ ସମ୍ପତି ଥିଲା । ସେହି କୂଅର ନାମ ଜାହିଲିୟତ୍ ଯୁଗରେ ଅଲ୍ ଅବିର୍ ଥିଲା, ଯାହାକୁ ରସୁଲୁଲ୍ଲାଃ ସ:ଆ:ସ ବଦଳାଇ ଦେଇ ଅଲ୍ ୟସିରା ନାମକରଣ କରିଥିଲେ । ଏବଂ ହଜ୍‌ରତ୍ ଅବୁ ସଲ୍‌ମାଙ୍କୁ ମଦିନାରେ ଦଫନ କରାଗଲା ।

(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୧୨୮,ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍, ମୁଦ୍ରଣ-ଦାର୍ ଅହ୍‌ୟା ତୁରାସ୍, ବେରୁତ ୧୯୯୬)

ହଜ୍‌ରତ୍ ଅବୁ ସଲ୍‌ମାଙ୍କର ଯେତେବେଳେ ଦେହାନ୍ତ ହେଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ଖୋଲା ଆଖିକୁ ବନ୍ଦ୍ କରିଦେଲେ ଓ ତାଙ୍କ ମୃତ୍ୟୁ ପରେ ଏ ଦୁଆ କଲେ କି ହେ ଅଲ୍ଲାଃ ! ଅବୁ ସଲ୍‌ମାଙ୍କ ସହିତ କ୍ଷମା ଆଚରଣ କର ଓ ତାଙ୍କର ପଦମର୍ଯ୍ୟାଦାକୁ ମାର୍ଗଦର୍ଶନ ଲାଭ କରିଥିବା ଲୋକମାନଙ୍କ ମଧ୍ୟରେ ଉଚ୍ଚା କରିଦିଅ ଓ ତାଙ୍କ ପଛରେ ରହିଯାଇଥିବା ତାଙ୍କ ସନ୍ତାନ ମାନଙ୍କୁ ତାଙ୍କର ଉତରାଧିକାରୀ କରାଓ । ହେ ସମସ୍ତ ବ୍ରହ୍ମାଣ୍ଡର ପାଳନକର୍ତା ! ତାଙ୍କୁ କ୍ଷମା ପ୍ରଦାନ କର ଓ ଆମକୁ ମଧ୍ୟ । ଆଉଗୋଟିଏ ରିୱାୟତ୍‌ରେ ଆସୁଛି କି ଯେବେ ଅସୁ ସଲ୍‌ମାଙ୍କର ଦେହାନ୍ତ ହେବାର ସମୟ ନିକଟତର ହେଲା ସେତେବେଳେ ସେ ଏ ଦୁଆ କଲେ କି ହେ ଖୁଦା ମୋ ଘର ଲୋକଙ୍କ ମଧ୍ୟରୁ ମୋର ଉତରାଧିକାରୀ ରୂପେ ଉତମ ବ୍ୟକ୍ତିକୁ ବନାଇବ ସୁତରାଂ ଏହି ଦୁଆ ଗ୍ରହଣୀୟ ହେଲା ଓ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉମ୍ମେ ସଲ୍‌ମାଙ୍କ ସହିତ ନିକାହ୍ କରିନେଲେ । (ଅସଦୁଲ୍ ଗାବା, ଫି ମାରେଫତୁ ସାହାବା, ଖଣ୍ଡ-୩, ପୃଷ୍ଠା-୨୯୬, ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ ଅସଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ)

ହଜ୍‌ରତ୍ ଉମ୍ମେ ସଲ୍‌ମାଙ୍କ ପୁତ୍ର ବର୍ଣ୍ଣନା କରୁଛନ୍ତି କି ହଜ୍‌ରତ୍ ଅବୁ ସଲ୍‌ମା ହଜ୍‌ରତ୍ ଉମ୍ମେ ସଲ୍‌ମାଙ୍କ ଘରକୁ ଆସିଲେ ଓ କହିବାକୁ ଲାଗିଲେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ଗୋଟିଏ ହଦିସ୍ ଶୁଣିଛି ଯାହା ମୋତେ ଅମୁକ ଅମୁକ ଜିନିଷଠାରୁ ଅଧିକ ପ୍ରିୟ ଅଟେ । ଆପଣ ସ:ଆ:ସ କହୁଥିଲେ କି ଯେଉଁ ବ୍ୟକ୍ତିକୁ ଯଦି କୌଣସି ବ୍ୟକ୍ତିକୁ କୌଣସି ପ୍ରକାରର ଅସୁବିଧା ହୁଏ ସେଥିରେ ସେ *ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍* କହି ଏହା କହୁ କି ହେ ଅଲ୍ଲାଃ ମୁଁ ନିଜର ଏହି ଅସୁବିଧାର ପୁଣ୍ୟ ଆପଣଙ୍କ ଠାରୁ ମାଗୁଅଛି । ହେ ଅଲ୍ଲାଃ ! ମୋତେ ଏହାର ପ୍ରତିବଦଳ ପ୍ରଦାନ କର । ଏଥିରେ ଅଲ୍ଲାଃତାଲା ତାଙ୍କୁ ପ୍ରଦାନ କରିଥାନ୍ତି । ହଜ୍‌ରତ୍ ଉମ୍ମେ ସଲ୍‌ମା ବର୍ଣ୍ଣନା କରୁଛନ୍ତି କି ଯେବେ ଅବୁ ସଲ୍‌ମା ଶହିଦ୍ ହେଲେ ସେତେବେଳେ ମୁଁ ଏ ଦୁଆ ମାଗିଥିଲି ଯେବେ କି ମୋ ମନ ଏହାକୁ ପସନ୍ଦ କରୁନଥିଲା କି ମୁଁ ଏ ଦୁଆ ମାଗେ ଅର୍ଥାତ୍ ହେ ଅଲ୍ଲାଃ ! ମୋତେ ଏହି ହଜ୍‌ରତ୍ ଅବୁ ସଲ୍‌ମାଙ୍କ ପ୍ରତିବଦଳ ପ୍ରଦାନ କର । ପୁଣି ମୁଁ କହିଲି ଅବୁ ସଲ୍‌ମାଙ୍କ ଠାରୁ ଉତମ ବ୍ୟକ୍ତି କିଏ ହୋଇପାରେ ? କଣ ସେ ଏପରି ନଥିଲେ ? କଣ ସେ ସେପରି ନଥିଲେ ? ଅର୍ଥାତ୍ ଭିନ୍ନ ଭିନ୍ନ ଉତମ ଗୁଣର ଅଧିକାରୀ ସେ ଥିଲେ । ପୁଣି ମଧ୍ୟ ମୁଁ ଏହି ଦୁଆ ପଢ଼ିଚାଲିଲି ଯେବେ ହଜ୍‌ରତ୍ ଉମ୍ମେ ସଲ୍‌ମାଙ୍କ ଇଦତ୍ ପୁରା ହୋଇଗଲା, ରସୁଲେ କରିମ୍ ସ:ଆ:ସଙ୍କ ତରଫରୁ ତାଙ୍କ ନିକଟକୁ ନିକାହ୍ କରିବା ପାଇଁ ବାର୍ତା ପହଂଚିଲା ଓ ଏହିପରି ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ସହିତ ବିବାହ କରିନେଲେ । (ଅଲ୍ ଅସାବା ଫି ତମିଜିସ୍ ସାହାବା ଖଣ୍ଡ-୪, ପୃଷ୍ଠା-୧୩୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୫)

ବିଭାଘର ବିଷୟରେ ଚର୍ଚ୍ଚା କରି ହଜ୍‌ରତ୍ ସାହେବ୍‌ଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ସିରତ୍ ଖାତୁମୁନ୍ ନବୀୟିନ୍‌ରେ ଲେଖୁଛନ୍ତି କି ସେହିବର୍ଷ (୪ହିଜ୍‌ରି) ଶୱାଲ୍ ମାସରେ ଆଁ ହଜ୍‌ରତ୍ ସ:ଆ:ସ ଉମ୍ମେ ସଲ୍‌ମାଙ୍କ ସହିତ ବିବାହ କରିଥିଲେ । ଉମ୍ମେ ସଲ୍‌ମା କୁରୈଶ୍‌ର ଜଣେ ସମ୍ମାନୀୟ ବଂଶ ସହିତ ସମ୍ପର୍କ ରଖିଥିଲେ ଓ ଏହା ପୂର୍ବରୁ ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍‌ଙ୍କ ନିକାହ୍‌ରେ ଥିଲେ, ଯିଏ ଜଣେ ଅତ୍ୟନ୍ତ ନିଷ୍ଠାବାନ୍ ଓ ପୁରୁଣା ସାହାବୀ ଥିଲେ ଓ ସେହିବର୍ଷ ତାଙ୍କର ଦେହାନ୍ତ ହୋଇଯାଇଥିଲା । ଯେବେ ଉମ୍ମେ ସଲ୍‌ମାଙ୍କ ଇଦତ୍ (ଅର୍ଥାତ୍ ଉକ୍ତ ଦିନର ଅବଧି ଯାହା ଇସ୍‌ଲାମୀୟ ଶରିୟତ୍ ଅନୁସାରେ ଜଣେ ବିଧବା ବା ଜଣେ ଛାଡପତ୍ର ନେଇଥିବା ମହିଳାକୁ ବିତାଇବା ଜରୁରୀ ହୋଇଥାଏ ଓ ଏହା ପୂର୍ବରୁ ସେ ବିବାହ କରିପାରିବେ ନାହିଁ) ପୁରଣ ହୋଇଗଲା ଯେହେତୁ ଉମ୍ମେ ସଲ୍‌ମା ଜଣେ ଅତ୍ୟନ୍ତ ବୁଦ୍ଧିମତୀ ଓ ସୁଶିଳା ଓ ଯୋଗ୍ୟା ମହିଳା ଥିଲେ । ତେଣୁ ହଜ୍‌ରତ୍ ଅବୁ ବକର୍ ତାଙ୍କ ସହିତ ବିବାହ କରିବା ପାଇଁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ଉମ୍ମେ ସଲ୍‌ମା ଏହାକୁ ପ୍ରତ୍ୟାଖ୍ୟାନ କଲେ । ପରିଶେଷରେ ଆଁ ହଜ୍‌ରତ୍ ସ:ଆ:ସ ନିଜପାଇଁ ଏ ଭାବନା ଆସିଲା ଯାହାର ଗୋଟିଏ କାରଣ ଏହା ଥିଲା କି ଉମ୍ମେ ସଲ୍‌ମାଙ୍କ ନିଜସ୍ୱ ଉତମ ଗୁଣ ବ୍ୟତୀତ ସେ ଜଣେ ବହୁତ ବଡ଼ ଉଚ୍ଚ ସ୍ତରର ପୁରୁଣା ସାହାବୀଙ୍କ ବିଧବା ଥିଲେ ଓ ପୁଣି ତାଙ୍କର ସନ୍ତାନ ମଧ୍ୟ ଥିଲେ । ସେଇଥିପାଇଁ ସେ ଜଣେ ଶରୀୟତ୍‌ବାଲା ନବୀଙ୍କର ସ୍ତ୍ରୀ ହେବାର ଯୋଗ୍ୟା ଥିଲେ । ଏତଦ୍‌ଭିନ୍ନ ଯେହେତୁ ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ରଜାଇ ଭାଇ ମଧ୍ୟ ଥିଲେ । ତେଣୁ ଆଁ ହଜ୍‌ରତ୍ ସ:ଆ:ସଙ୍କର ତାଙ୍କର ପଛରେ ରହିଯାଇଥିବା ଲୋକମାନଙ୍କ ପ୍ରତି ବିଶେଷ ଧ୍ୟାନ ଥିଲା । ସେ ଯାହାହେଉ ଆଁ ହଜ୍‌ରତ୍ ସ:ଆ:ସ ନିଜ ଆଡୁ ଉମ୍ମେ ସଲ୍‌ମାଙ୍କୁ ବିବାହ କରିବା ପାଇଁ ବାର୍ତା ପଠାଇଲେ । ପ୍ରଥମେ ଉମ୍ମେ ସଲ୍‌ମା ନିଜର କିଛି ଅସୁବିଧା ଯୋଗୁ (ଉତର ଦେବାରେ) କିଛି ଡେରି କଲେ ଓ ଏ ବାହାନା ମଧ୍ୟ ଉପସ୍ଥାପନ କଲେ କି ବର୍ତମାନ ମୋ ବୟସ ବହୁତ ହୋଇଗଲାଣି ଓ ମୁଁ ସନ୍ତାନ ଜନ୍ମ କରିବା ପାଇଁ ସମର୍ଥ ନୁହେଁ । କିନ୍ତୁ ଯେହେତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉଦ୍ଦେଶ୍ୟ ଅଲଗା ଥିଲା ସେଥିପାଇଁ ପରିଶେଷରେ ସେ ରାଜି ହୋଇଗଲେ ଓ ତାଙ୍କ ତରଫରୁ ତାଙ୍କ ପୁତ୍ର ମାଙ୍କର ୱଲି ହୋଇ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ତାଙ୍କୁ ବିବାହ ଦେଲେ । ଯେପରି ବର୍ଣ୍ଣନା ହୋଇସାରିଛି କି ଉମ୍ମେ ସଲ୍‌ମା ଏକ ବିଶେଷ ଗୁଣ ସମ୍ପନ୍ନ ମହିଳା ଥିଲେ ଓ ଅତ୍ୟନ୍ତ ବୁଦ୍ଧିମତୀ ଓ ପବିତ୍ର ହେବା ବ୍ୟତୀତ ନିଷ୍ଠା ଓ ବିଶ୍ୱାସରେ ମଧ୍ୟ ତାଙ୍କର ପଦମର୍ଯ୍ୟାଦା ବହୁତ ଉଚ୍ଚସ୍ତରର ଥିଲା । ସେ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶ ମୁତାବକ ପ୍ରଥମେ ପ୍ରଥମେ ହବ୍‌ଶା ଆଡକୁ ହିଜ୍‌ରତ୍ କରିଥିଲେ । ମଦିନା ହିଜ୍‌ରତ୍ କରିବାରେ ମଧ୍ୟ ସେ ସମସ୍ତ ମହିଳାମାନଙ୍କୁ ଭିତରେ ସର୍ବପ୍ରଥମ ଥିଲେ । ହଜ୍‌ରତ୍ ଉମ୍ମେ ସଲ୍‌ମା ପଢ଼ିବା ବି ଜାଣିଥିଲେ ଓ ମୁସଲ୍‌ମାନ୍ ମହିଳାମାନଙ୍କର ଶିକ୍ଷା ଓ ତର୍‌ବିୟତ୍ କରିବାରେ ସେ ବିଶେଷ ଭାଗ ନେଇଛନ୍ତି । ସୁତରାଂ ହଦିସ୍ ପୁସ୍ତକରେ ଅନେକ ରିୱାୟାତ୍ ଓ ହଦିସ୍ ତାଙ୍କ ଦ୍ୱାରା ବର୍ଣ୍ଣିତ ଅଛି ଓ ଏହି ଦୃଷ୍ଟିକୋଣରୁ ତାଙ୍କର ପଦମର୍ଯ୍ୟାଦା ନବୀ ସ:ଆ:ସଙ୍କ ସ୍ତ୍ରୀ ମାନଙ୍କ ଗହଣରେ ଦ୍ୱିତୀୟ ନମ୍ବରରେ ଏବଂ ସମସ୍ତ ସାହାବା (ପୁରୁଷ ଓ ମହିଳା) ମାନଙ୍କ ମଧ୍ୟରେ ୧୨ ନମ୍ବର୍ ରେ ଥିଲା'' ।

(ସିରତ୍ ଖାତମୁନ୍ ନବୀୟିନ୍ ସ:ଆ:ସ, ଲେଖକ- ହଜ୍‌ରତ୍ ସାହେବ୍‌ଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍, ଏମ୍.ଏ, ପୃଷ୍ଠା-୫୩୦-୫୩୧)

ଏହା ସାହାବାମାନଙ୍କର ଚର୍ଚ୍ଚା ଥିଲା । ଅଲ୍ଲାଃତାଲା ସେହି ସାହାବାମାନଙ୍କୁ ଉଚ୍ଚତମ ପଦମର୍ଯ୍ୟାଦାକୁ ଆହୁରି ଅଧିକ ଉଚ୍ଚରୁ ଉଚ୍ଚତର କରିଚାଲନ୍ତୁ ଓ ଆମକୁ ମଧ୍ୟ ସେହି ସବୁ ପୁଣ୍ୟକର୍ମକୁ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଯେଉଁ ପୁଣ୍ୟକର୍ମ ସବୁ ସେମାନେ କରୁଥିଲେ ।

ବର୍ତମାନ ମୁଁ କିଛି ମୃତ ବ୍ୟକ୍ତିମାନଙ୍କର ଘୋଷଣା କରିବି ଏବଂ ନମାଜ ଜୁମା ପରେ ସେମାନଙ୍କର ନମାଜ ଯନାଜାଃ ପଢ଼ାଇବି ।

ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ରାଜା ନସିର୍ ଅହେମଦ୍ ସାହେବ୍ ନାସିର୍ । ସେ ୱାକିଫେ ଜିନ୍ଦେଗୀ ଥିଲେ ଓ ମୁରବି ସିଲ୍‌ସିଲା ଥିଲେ ଓ ପୂର୍ବତନ ନାଜେର୍ ଇସ୍‌ଲାହ୍ ଇର୍‌ଶାଦ୍ ମର୍କଜୀୟା ମଧ୍ୟ ଥିଲେ । ୬ ଜୁଲାଇ ସକାଳବେଳା ୧୧ଟା ସମୟରେ ୮୦ବର୍ଷ ବୟସରେ ତାଙ୍କର ଦେହାନ୍ତ ତାହେର୍ ହାର୍ଟ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ହେଲା । ଇନ୍ନାଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍ । ଅନେକ ବର୍ଷରୁ ଆପଣ ରୋଗରେ ପିଡୀତ ଥିଲେ । ୨୦୧୨ ମସିହାରେ ତାଙ୍କ ସ୍ୱାସ୍ଥ୍ୟ ଧିରେ ଧିରେ ଖରାପ ହୋଇଚାଲିଲା । ବିଗତ ତିନିମାସ ହେବ ବ୍ରେନ୍ ହାମ୍‌ରେଜ୍ ହେବାଯୋଗୁ ସେ ସମ୍ପୂର୍ଣ୍ଣ ରୂପେ ବିଛଣାରେ ପଡ଼ିରହିଥିଲେ । ୭ମଇ ୧୯୩୮କୁ ଜିଲା ସର୍‌ଗୋଦାର ଭେରାଠାରେ ସେ ଜନ୍ମଗ୍ରହଣ କରିଥିଲେ ଓ ସେହିଠାରେ ହିଁ ପ୍ରାଥମିକ ଶିକ୍ଷା ହାସଲ କଲେ । ମେଟ୍ରିକ୍ ପାସ୍ କଲେ ତା ପରେ ଲାହୋର୍ ଯାଇ ଇରିଗେସନ୍ ଡିପାର୍ଟମେଂଟ୍‌ରେ କ୍ଲର୍କ୍‌ର ଚାକିରୀ ଆରମ୍ଭ କଲେ । ୧୯୫୮ ରେ ସେ ତାଙ୍କ ଜୀବନକୁ ୱକ୍‌ଫ (ଉତ୍ସର୍ଗ) କଲେ । ଓ ଜାମିଆରେ ଦାଖଲ ହେଲେ । ୧୯୬୫ ମସିହାରେ ଶାହିଦ୍ ଡିଗ୍ରୀ ହାସଲ୍ କଲେ । ତାଙ୍କ କୁଟୁମ୍ବରରେ ଅହେମଦୀୟତ୍ ତାଙ୍କ ବାପା ରାଜ ଗୁଲାମ୍ ହଏଦର୍ ସାହେବ୍‌ଙ୍କ ମାଧ୍ୟମରେ ଆସିଥିଲା ଯିଏ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନିଙ୍କ ହାତରେ ବୟତ୍ କରିଥିଲେ । ପରେ ପୁଣି ନିଜ ମା'ବାପା ଓ ଭାଇଭଉଣୀଙ୍କର ମଧ୍ୟ ବୟତ କରାଇଥିଲେ । ରାଜ ନସ୍‌ରି ଅହେମଦ୍ ସାହେବ୍‌ଙ୍କ ବାପାଙ୍କ ଏ ଇଚ୍ଛା ଥିଲା କି ତାଙ୍କର ଜଣେ ପୁଅ ୱକ୍‌ଫେ ଜିନ୍ଦେଗୀ ହେଉ । ସୁତରାଂ ତାଙ୍କ ମନଇଚ୍ଛାକୁ ପୂରଣ କରିବା ନିମନ୍ତେ ରାଜା ସାହେବ୍ ୧୯୫୮ରେ ୱକ୍‌ଫେ ଜିନ୍ଦେଗୀର ଫର୍ମ୍ ପୁରଣ କଲେ ଓ ନିଜର ବଡଭାଇ ରାଜା ନଜିର୍ ଅହେମଦ୍ ସାହେବ୍ ଜଫର୍ (ମରହୁମ୍)ଙ୍କ ପାଖକୁ ଗଲେ କି ଏଥବରେ ଦସ୍ତଖତ କରିଦିଅନ୍ତୁ । ତାଙ୍କ ଭାଇ ତାଙ୍କୁ କହିଲେ- ଚିନ୍ତା କର ଇଲ ୱକ୍‌ଫେ ଜିନ୍ଦେଗୀ ବହୁତ କଷ୍ଟକର କାର୍ଯ୍ୟ ଅଟେ ଓ ବହୁତ ପରିଶ୍ରମ କାର୍ଯ୍ୟ ଅଟେ ଓ ବହୁତ ଦାୟିତ୍ୱପୁର୍ଣ୍ଣ କାର୍ଯ୍ୟ ଅଟେ । କିନ୍ତୁ ସେ ନିଜ ଭାଇକୁ କହିଲେ ମୁଁ ଏ ବିଷୟରେ ବହୁତ ଚିନ୍ତା କରିସାରିଛି, ତେଣୁ ତୁମେ ଦସ୍ତଖତ କରିଦିଅ । ତାଙ୍କ ବାପା ସେତେବେଳକୁ ମୃତ୍ୟୁବରଣ କରିସାରିଥିଲେ । ଯେପରିକି ମୁଁ ବତାଇସାରିଛି ସେ ଜାମିଆରେ ନାମ ଲେଖାଇଲେ ଓ ପୁଣି ସେଠାରୁ ଉତୀର୍ଣ୍ଣ ହୋଇ କର୍ମକ୍ଷେତ୍ରରେ ଯୋଗଦେଲେ । ଜାମିଆରୁ ଉତୀର୍ଣ୍ଣ ହେବା ପରେ ୪୭ ବର୍ଷ ତାଙ୍କୁ ଜମାତ୍‌ର ସେବା କରିବାର ସୌଭାଗ୍ୟ ମିଳିଲା । ପାକିସ୍ତାନ୍‌ରେ ବିଭିନ୍ନ ସ୍ଥାନରେ ମୁରବୀ ରୂପେ ସେ ଖିଦ୍‌ମତ୍ କରିଛନ୍ତି । ଯେବେ ବଙ୍ଗଳାଦେଶ ଓ ପାକିସ୍ତାନ୍ ଏକ ଥିଲା, ପୂର୍ବ ପାକିସ୍ତାନ୍‌ରେ ବା ବଙ୍ଗଳାଦେଶରେ ମଧ୍ୟ ତାଙ୍କୁ ଜଣେ ମୁରବୀ ରୂପେ ସେବା କରିବାର ସୌଭାଗ୍ୟ ମିଳିଛି । ୟୁଗାଣ୍ଡା ଦେଶରେ ମଧ୍ୟ ସେ ମୁବଲିଗ୍ ରୂପେ କାର୍ଯ୍ୟ କରିଛନ୍ତି, ଜାଏରାରେ ରହିଛନ୍ତି, ଇଣ୍ଡୋନେସିଆରେ ରହିଛନ୍ତି । ଦୁଇବର୍ଷ ଜାମିଆ ଅହେମଦୀୟାରେ ଶିକ୍ଷକ ରୂପେ କାର୍ଯ୍ୟ କରିଛନ୍ତି । ପୁଣି ସଦର୍ ଅଞ୍ଜୁମନ୍ ଅହେମଦୀୟାରେ ନାଏବ୍ ନାଜିର୍ ମଧ୍ୟ ଥିଲେ । ଏହାପରେ ଦଶବର୍ଷ ନାଜେର୍ ଇସ୍‌ଲାହ୍ ଇର୍‌ସାଦ୍ ମର୍କଜିଆର ଖିଦ୍‌ମତ୍ କରିବାର ସୌଭାଗ୍ୟ ପାଇଛନ୍ତି । ଦୁଇବର୍ଷ ଆଡିଶିନାଲ୍ ନାଜିର୍ ରିସ୍ତାନାତା, ପୁଣି ଦୁଇବର୍ଷ ଆଡିଶିନାଲ୍ ନାଜିର୍ ଇଶାଅତ୍ ରୂପେ ସେବା କରିବାର ସୌଭାଗ୍ୟ ମିଳିଛି ଓ ୨୦୧୨ ମସିହାରେ ସେ ରିଟାର୍ଡ୍ ହୋଇଯାଇଥିଲେ । ତାଙ୍କ ସ୍ତ୍ରୀ ତାଙ୍କ ଚାଚାଙ୍କର ଝିଅ ଥିଲେ ଯିଏ ତାଙ୍କ ଜୀବଦଶା ଭିତରେ ମୃତ୍ୟୁବରଣ କରିସାରିଥିଲେ । ତାଙ୍କର ତିନିଜଣ ପୁତ୍ର ଅଛନ୍ତି । ରାଜା ମୁହମ୍ମଦ୍ ଅହେମଦ୍ ସାହେବ୍ ଏଠି ଲଣ୍ଡନ୍‌ରେ ରହୁଛନ୍ତି । ରାଜା ଅତାଉଲ୍ ମନାନ୍ ସାହେବ୍ ମୁରବୀ ସିଲ୍‌ସିଲା ୱକାଲତେ ତସ୍‌ନିଫ୍ ରବ୍‌ୱାରେ କାର୍ଯ୍ୟରତ ଏବଂ ରାଜା ମହମ୍ମଦ୍ ଅକ୍‌ବର୍ ମଧ୍ୟ ଏଠି ଇଂଲଣ୍ଡରେ ରହୁଛନ୍ତି । ସେ ଅତ୍ୟନ୍ତ ଇଶ୍ୱରବିଶ୍ୱାସୀ ଓ ପ୍ରାର୍ଥନାକାରୀ ବ୍ୟକ୍ତି ଥିଲେ । ତାଙ୍କ ପୁତ୍ର ଲେଖୁଛନ୍ତି କି ଯେତେବେଳେ ସେ ବଙ୍ଗଳାଦେଶରେ ଥିଲେ ଏକଦା ସେଠି ନିଆଁ ଲାଗିଲା ଓ ଅହେମଦୀମାନଙ୍କ ଘର ନିକଟରେ ନିଆଁ ପହଂଚିଗଲା । ଏହାଦେଖି ସେ ଦୁଆ କଲେ କି ହେ ଅଲ୍ଲାଃ ! ତୁମ ମସିହ୍ ମଉଦ୍ ତ ଏହା କହିଥିଲେ କି *ଆଗ୍ ହମାରି ଗୁଲାମ୍, ବଲ୍‌କେ ଗୁଲାମୋ କି ଗୁଲାମ୍ ହୈ* ଅର୍ଥାତ୍- ନିଆଁ ଆମର ଚାକର ବରଂ ଆମ ଚାକର ମାନଙ୍କର ଚାକର ଅଟେ । ତେଣୁ ଆମକୁ ସେହି ନିଆଁରୁ ବଂଚାଓ । କହୁଛନ୍ତି କି ନିଆଁ ତାଙ୍କ ଘରଆଡକୁ ଆସିଲା ଓ ତାଙ୍କ ଘରର ଗୋଟିଏ କୋଣକୁ ଛୁଇଁ ସେହିଠାରେ ହିଁ ବନ୍ଦ୍ ହୋଇଗଲା, ଆଗକୁ ବଢିଲା ନାହିଁ । ଏହିପରି ଅହେମଦୀମାନଙ୍କ ଘର କ୍ଷତି ହେବାରୁ ବଂଚିଗଲା ।

ସେ ଯେବେ ୟୁଗାଣ୍ଡା ଦେଶରେ ଥିଲେ ସେଠାରେ ଗୃହ ଯୁଦ୍ଧ ଯୋଗୁ ପରିସ୍ଥିତି ଖରାପ ହୋଇଯାଇଥିଲା । କିନ୍ତୁ ଏହା ସତ୍ୱେ ମଧ୍ୟ ସେ ତବ୍‌ଲିଗ୍ କରିବା ପାଇଁ ଯାଉଥିଲେ । ତବ୍‌ଲିଗ୍ କରିବା ନିମନ୍ତେ ସକାଳବେଳା ବାହାରୁଥିଲେ ଓ ସନ୍ଧ୍ୟାକୁ ଫେରୁଥିଲେ । ରହିବାପାଇଁ କୌଣସି ସ୍ଥାନ ନଥିଲା । ତେଣୁ ସେ ପାଖାପାଖି ଅଂଚଳକୁ ଯାଇପାରୁଥିଲେ । ସେଠିକାର ଗୋଟିଏ ଘଟଣା ଏପରି କି ଏକଦା ଜମାତ୍ ଇସ୍‌ଲାମୀର ଜଣେ ବ୍ୟକ୍ତି ଆପଣଙ୍କୁ କୌଣସି ତବ୍‌ଲିଗ୍ ଜମାତ୍‌ର ଜଣେ ମୌଲବୀ ରୂପେ ଭାବି ଆପଣଙ୍କୁ ନିକଟକୁ ଆସିଲା । ଓ କହିଲା କି ମୋ ପାଖରେ ଗୋଟିଏ ଗାଡ଼ି ଅଛି, ତାହାକୁ ଆପଣ କିଣିନିଅନ୍ତୁ ଓ ଏହାର ମୂଲ୍ୟ ୧୪୦୦ ଡଲାର ରଖିଲା । ଶେଷରେ ୧୫୦ କମ୍ ବେଶି କରାଯାଇ ଏହା ଧାର୍ଯ୍ୟ କରାଗଲା । ଜମାତ୍‌ର ଆର୍ଥିକ ଅବସ୍ଥା ଗାଡ଼ି କିଣିବା ପାଇଁ ସ୍ୱଚ୍ଛଳ ନଥିଲା । ନା ରାଜା ସାହେବ୍‌ଙ୍କର ଏପରି ଆର୍ଥିକ ଅବସ୍ଥା ଥିଲା କି ସେ ଗାଡ଼ି କିଣିପାରିବେ । କିନ୍ତୁ ସେ କହିଲେ ଠିକ୍ ଅଛି । ସୁତରାଂ ସଉଦା ଧାର୍ଯ୍ୟ ହୋଇଗଲା । ଏହାପରେ ସେ ଦୁଆ କଲେ କି ହେ ଅଲ୍ଲାଃ ଟଙ୍କାର ବ୍ୟବସ୍ଥା କରିଦିଅ, ଯଦ୍ୱାରା ମୁଁ ଗାଡ଼ିଟିକୁ କିଣିପାରିବି । ଓ ଏଇଥିପାଇଁ ଦୁଆ କଲେ କି ସେହି ଗାଡ଼ିରେ ନିଜର ଚୁଲି ଓ ବିଛଣା ରଖି ତବ୍‌ଲିଗ୍ ପାଇଁ ଯିବି ଓ ତବ୍‌ଲିଗ କରିବା ପାଇଁ ବହୁତ ସୁବିଧା ହେବ । କହୁଛନ୍ତି କି ସେ ବହୁତ ହଇରାଣ ହରକତ୍ ହେଉଥିଲେ । ସଉଦା ମଧ୍ୟ ଧାର୍ଯ୍ୟ ହୋଇଯାଇଥିଲା । ଟଙ୍କା ଦେବାପାଇଁ ଅଳ୍ପ ସମୟର ମହଲତ୍ ଥିଲା । ପୁଣି ସେ କହୁଛନ୍ତି ଦିନେ ମୁଁ ପୋଷ୍ଟ୍ ବକ୍‌ସ୍ ଖୋଲିଲି । ସେଥିରେ ଗୋଟିଏ ଚିଠି ବାହାରିଲା, ଯାହା ତାଙ୍କର ଜଣେ ଶାଳକ ଭାଇଙ୍କର ଥିଲା । ଚିଠିଟି କାନାଡାରୁ ଆସିଥିଲା । ସେଥିରେ ଲେଖାହୋଇଥିଲା ଯେ ମୁଁ ରାତିରେ ସ୍ୱପ୍ନ ଦେଖିଲି କି ଆପଣଙ୍କୁ ୧୧୫୦୦ ଡଲାରର ଆବଶ୍ୟକତା ଅଛି । ମୁଁ ଜାଣିନାହିଁ ଆପଣଙ୍କୁ କଣ ପାଇଁ ଏହା ଆବଶ୍ୟକ । କିନ୍ତୁ ସେ ଯାହା କିଛି ବି ହେଉ ଏହି ପଇସା ମୁଁ ଆପଣଙ୍କ ପାଖକୁ ପଠାଉଛି । ସେହି ଚିଠି ଭିତରେ ୧୧୫୦୦ ଡଲାରର ଚେକ୍ ମଧ୍ୟ ଥିଲା ।

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ.....*

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

ତରଫରୁ ତାଉନ୍ ମିଳୁନାହିଁ ତେବେ ଏହାର ଅର୍ଥ ନୁହେଁ କି ଥକ୍କା ମାରି ବସିଯିବା। ଖୁଦାତାଲା ତ ଏପରି କହିନାହାଁନ୍ତି କି ତୁମେ ଥକିକରି ବସିଯାଓ ବୋଲି। ଖୁଦାତାଲା ତ ଏହା କହିଛି କି ତୁମର କାମ ହେଉଛି ନସିହତ୍ (ଉପଦେଶ) କରିବା। ଏବଂ ନସିହତ୍ କରିଚାଲିବା। ଆପଣମାନଙ୍କର କାର୍ଯ୍ୟ ହେଉଛି କି ଅନବତର କାମ କରିଚାଲ। ଯଦି ଆପଣ ମାନଙ୍କ କାର୍ଯ୍ୟର ଫଳ ଏ ଦୁନିଆରେ ଭଲ ନ ବାହାରେ କିନ୍ତୁ ନିୟତ୍‌ର ଦରଦ ଅଛି କି ଜମାତ୍ କିପରି ଉନ୍ନତି କରୁ, ଆଗକୁ ବଢୁ, ତେବେ ଖୁଦାଙ୍କ ନିକଟରେ ଏହାର ଓଜନ ଅଛି। ଅର୍ଥାତ୍ ଆପଣମାନଙ୍କୁ ଖୁଦାଙ୍କ ନିକଟରେ ଏହାର ଫଳ ମିଳିବ। ତେଣୁ ନିଜର କାମ କରିଚାଲ। ଇତାଅତ୍ (ଆଜ୍ଞାବହତା)ର ପୁଣ୍ୟ ମିଳୁଅଛି। ନିୟତ୍‌ର ପୁଣ୍ୟ ମିଳୁଅଛି।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି କେବଳ ଓ୍ୱସିୟତ୍ କରିଦେବା ଓ ଧନ ଏକାଠି କରିବା ତ କୌଣସି କାର୍ଯ୍ୟ ନୁହେଁ। ମୁସି ମାନଙ୍କର ଆଧାତ୍ମିକ ସ୍ତରକୁ ଉପରକୁ ଉଠାଇବା ପାଇଁ ଏହା ଜରୁରୀ ଅଟେ କି ସେମାନଙ୍କୁ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଏବଂ ଖୋଲୋଫାଙ୍କର ନିର୍ଦ୍ଦେଶାବଳୀ ଗୁଡିକୁ ବତାଯାଉ। ଏହି ସିଲ୍‌ସିଲା ନିୟମିତ ରୂପେ ଗୋଟିଏ ନିଜାମ୍ ଅନ୍ତର୍ଗତ ଅନବରତ ଜାରି ରହିବା ଉଚିତ୍।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପୈଗାମୀ (ଜମାତ୍‌କୁ ଛାଡ଼ି ଯେଉଁ କିଛି ଲୋକେ ଚାଲିଯାଇଥିଲେ) ଯେବେ ଅଲଗା ହେଲେ ସେବେଠାରୁ ଓ୍ୱସିୟତ୍‌ର ନିଜାମ୍ ତାଙ୍କଠାରୁ ଶେଷ ହୋଇଗଲା। ଏବେ ସେମାନେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡିକୁ ପ୍ରକାଶ କରୁଛନ୍ତି, ଅଲ୍ ଓ୍ୱସିୟତ୍ ମାଗାଜିନ୍ ମଧ୍ୟ ପ୍ରକାଶ କରୁଛନ୍ତି। କିନ୍ତୁ ଏବେ ଏହା ଉପରେ କିପରି ଅମଲ କରିବେ। ତାଙ୍କ ନିକଟରେ ନା ତ କୌଣସି ଓ୍ୱସିୟତ୍‌ର ନିଜାମ୍ ଅଛି ଓ ନା ଖିଲାଫତ୍‌ର ନିଜାମ୍ ଅଛି। ଏବେ ଏହି ଶିକ୍ଷା ଉପରେ ସେମାନେ ଅମଲ କରିପାରିବେ ନାହିଁ। ତେଣୁ ଆପଣମାନେ କେବଳ ଅର୍ଥ ଏକତ୍ରିତ କରିବେ ନାହିଁ ବରଂ ମୁସିମାନଙ୍କର ଆଧାତ୍ମିକ ସ୍ତରକୁ ମଧ୍ୟ ଉଚ୍ଚ କରିବେ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ଓ୍ୱସାୟାଙ୍କୁ କହିଲେ କି ଆପଣ ମୋ ପାଖକୁ ଯେଉଁ ଚିଠି ଲେଖୁଛନ୍ତି ସେଥିରେ ଏହା ମଧ୍ୟ ଲେଖନ୍ତୁ କି ମୁଁ ଓ୍ୱସିୟତ୍ ସମ୍ବନ୍ଧରେ ଏହି ସବୁ କାର୍ଯ୍ୟ କରିଛି। ଆପଣଙ୍କ ଦ୍ୱାରା ଯାହା କିଛି ଭଲ ଫଳ ବାହାରିଛି ସେ ବାବଦରେ ମଧ୍ୟ ମୋତେ ଅବଗତ କରାନ୍ତୁ କି କଣ ଫଳ ବାହାରିଛି। ଯଦ୍ୱାରା ମୋତେ ମଧ୍ୟ ଖୁସି ଲାଗିବ କି ଭଲ କାମ ହେଉଅଛି ଓ ଭଲ ଫଳ ମଧ୍ୟ ବାହାରୁଛି।

ସେକ୍ରେଟାରୀ ଓ୍ୱସାୟା ବତାଇଲେ କି ମୁସି ମାନଙ୍କ ସଂଖ୍ୟାରେ ବିଗତ ବର୍ଷ ଗୁଡିକରେ ଚାରଟି ଅଧିକା ହୋଇଛନ୍ତି। ଏ କଥା ମଧ୍ୟ ଦେଖିବାକୁ ହେବ କି ମୁସି ମାନଙ୍କ ଆଧାତ୍ମିକତାରେ କେତେ ବୃଦ୍ଧି ଘଟିଛି। ସେମାନଙ୍କ ନମାଜରେ ଉପସ୍ଥିତି କେତେ ବଢ଼ିଛି। ଏହି ସବୁ କଥାଗୁଡିକ ଦେଖିବାକୁ ହେବ ଓ ଏହାର ନିରୀକ୍ଷଣ କରନ୍ତୁ।

ଏମ୍.ଟି.ଏରେ ପ୍ରସାରଣ କରାଯାଉଥିବା ଖୁତ୍‌ବା ଜୁମା ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏଠି ଜାପାନ୍‌ରେ ରାତି ଦଶ ରୁ ଏଗାର ପର୍ଯ୍ୟନ୍ତ ଖୁତ୍‌ବା ଜୁମା ଲାଇଭ୍ ଆସୁଛି। ତେଣୁ ସେ ସମୟରେ ସମସ୍ତେ ଶୁଣିନିଅ। ପୁଣି ପ୍ରତ୍ୟେକ ଖୁତ୍‌ବା ପରେ ଗୋଟିଏ ପ୍ରଶ୍ନପତ୍ର ବାହର କରି ସେଥିରୁ ପଏଁଟ୍‌ସ୍ ବତାଓ କି ଏହି ଖୁତ୍‌ବାରେ ଅମୁକୁ ଅମୁକ ବିଷୟ ଓ କଥା ବର୍ଣ୍ଣନା କରାଯାଇଛି। ଏହାକୁ ବାହାର କରି ଦିଅନ୍ତୁ ଓ ଜମାତ୍ ଗୁଡିକୁ ପଠାନ୍ତୁ। ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ କି ଏହା ସଦର୍/ମୁବଲିଗ୍ ଇନ୍‌ଚାର୍ଯ୍ୟଙ୍କର ମଧ୍ୟ କାର୍ଯ୍ୟ ଅଟେ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମୁଁ ସାକ୍ଷାତ୍‌କାର୍ କରିବା ସମୟରେ ଏଠାରେ ନିରୀକ୍ଷଣ କରିଛି କି ନାଗୋୟାରେ ମାସକୁ ଥରେ ଅଧେ ଖୁତ୍‌ବା ଶୁଣୁଛନ୍ତି। ଆମେ ଏମ୍.ଟି.ଏରେ ମିଲିୟନ୍ ମିଲିୟନ୍ ଡଲାର ଖର୍ଚ୍ଚ କରୁଛୁ। ଖୁଦାତାଲାଙ୍କ ଦୟାରୁ ଏମ୍.ଟି.ଏ ଜରିଆରେ ତବ୍‌ଲିଗ୍ କରିବାର ମାର୍ଗ ଖୋଲା ରହିଛି ଓ ଏହାଦ୍ୱାରା ଲୋକମାନେ ଅହେମଦୀୟତ୍‌ରେ ସାମିଲ୍ ହେଉଛନ୍ତି କିନ୍ତୁ ଏଠିକାର ଜମାତ୍‌ର ତରବିୟତ ହେଉନାହିଁ। ତେବେ ଆପଣମାନେ ଏଥିରୁ କଣ ଲାଭ ଉଠାଉଛନ୍ତି? ହଁ ଏଥିପ୍ରତି ଆପଣମାନେ ଧ୍ୟାନ ଦେବା ଉଚିତ୍।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀ କଥା ହେଉଛି କି ଆପଣମାନଙ୍କର ନିଜର ନମୁନା। ତବ୍‌ଲିଗ୍‌ର କ୍ଷେତ୍ର ସେତେବେଳେ ଉନ୍ମୁକ୍ତ ହୋଇଥାଏ, ଯେବେ ଆପଣମାନଙ୍କର ନିଜର ନମୁନା ଠିକ୍ ହେବ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏବେ ଏଠାରେ ମସ୍‌ଜିଦ୍ ନିର୍ମାଣ କରାଯାଇଛି। ନିର୍ମାଣ ହେବା ସମୟରେ ଅନେକ ସମସ୍ୟା ଉପୁଜିଥିବ। କିଛି ଠିକ୍ ଥିବା ଓ କିଛି ବଦ୍‌ଜନୀ ରେ ଆଧାରିତ ଥିବ। ଆପଣମାନେ ଲେଖିଦେଲେ, ରିପୋର୍ଟ୍ ପଠାଇଦେଲେ। ଏହାଦ୍ୱାରା ଆପଣଙ୍କର ଦାୟିତ୍ୱ ତୁଟିଗଲା। ଯଦି ଲେଖିବା ଓ ରିପୋର୍ଟ୍ ପଠାଇବା ପରେ ଆପଣମାନେ ଭଲ ନମୁନା ନ ଦେଖାଇଛନ୍ତି, ଇତାଅତ୍‌ର ପ୍ରକାଶ ନ କରିଛନ୍ତି ତେବେ ଆପଣମାନେ ଇତାଅତ୍‌ରୁ ବାହାରି ଯାଇଛନ୍ତି।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆପଣମାନେ ସମସ୍ତେ ନିଜ ଭିତରେ ଏ ମନୋଭାବ ସୃଷ୍ଟି କରିବା ଉଚିତ୍ କି ଆମେ ଯେଉଁ ଓ୍ୱହ୍‌ଦାଦ୍‌ମାନେ ଅଛୁ, ଖିଦ୍‌ମତ୍ (ସେବା) ପାଇଁ ଅଛୁ ଏବଂ ସହାନୁଭୁତି ଦେଖାଇବା ପାଇ ଅଛୁ। କିନ୍ତୁ ଯଦି କାହାର ଏ ଧାରଣା ସୃଷ୍ଟି ହୋଇଯାଏ କି ଆପଣ ହେଉଛନ୍ତି ତାର ଶୁଭଚିନ୍ତକ ବୋଲି ତେବେ କୌଣସ ପାଗଳ ତ ନୁହେଁ କି ସେ କହିବ ମୁଁ ଆପଣଙ୍କ କଥା ମାନିବି ନାହିଁ। ଯଦି ଆପଣ ଶୁଭଚିନ୍ତକ ନୁହଁନ୍ତି, ଓ ଆପଣଙ୍କ ଭିତରେ କରୁଣାର ଆବେଗ ନାହିଁ ତେବେ ପୁଣି ଅନ୍ୟମାନଙ୍କ ଠାରୁ ଆପଣ କଣ ଆଶା ରଖିବେ। ସେଥିପାଇଁ ସଦର୍ ଜମାତ୍ / ମିଶ୍‌ନାରୀ ଇସ୍‌ଚାର୍ଯ୍ୟଙ୍କ ସବୁଠାରୁ ବଡ଼ ଦାୟିତ୍ୱ ରହିଛି। ପୁଣି ସମସ୍ତ ଆମେଲାର ମେମ୍ବର୍ ମାନଙ୍କର ଓ ସମସ୍ତ ଜମାତ୍‌ର ଓ୍ୱହ୍‌ଦାଦାର୍ ମାନଙ୍କର ମଧ୍ୟ ଦାୟିତ୍ୱ ରହିଛି।

ସଦର୍ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ନିଜର ରିପୋର୍ଟ୍ ଉପସ୍ଥାପନ କରିବ ବତାଇଲେ କି ଅନ୍‌ସାର୍‌ଙ୍କର ସଂଖ୍ୟା ହେଉଛି ୩୪। କିଛି ଅନ୍‌ସାର୍ ଯୋଗାଯୋଗ ରଖିବାରେ ଦୁର୍ବଳ ଅଛନ୍ତି।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁମାନ ପଛକୁ ଅଛି ସେମାନଙ୍କ ସହିତ ଯୋ ଯାଗାଯୋଗ କରିବା ପାଇଁ ଚେଷ୍ଟା କରିଚାଲନ୍ତୁ। ସେମାନଙ୍କ ସହିତ ସହାନୁଭୁତି ଦେଖାଇବାର ଅର୍ଥ ହେଉଛି ସେମାନଙ୍କୁ ନିକଟକୁ ଆଣବା ପାଇଁ ଚେଷ୍ଟା କରାଯାଉ। ଯଦି କୌଣସି ପଛୁଆ ବ୍ୟକ୍ତିଙ୍କର ସମ୍ପର୍କ କୌଣସି ଓ୍ୱହ୍‌ଦାଦାରଙ୍କ ସହିତ ଅଛି ତେବେ ସେ ବା ଯାହା ସହିତ ତାର ସମ୍ପର୍କ ରହିଛି, କମା ସେ ଯୋଗଯୋଗ ରଖୁ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଘରେ ନେଜାମ୍ ଜମାତ୍‌ର ଅନୁଭବ ଯଦି ସୃଷ୍ଟି ହୋଇଯିବ ତେବେ ତର୍‌ବିୟତ୍‌ର ସମସ୍ୟା ସମାଧାନ ହୋଇଯିବ। ଘରେ ନେଜାମ୍ ଜମାତ୍‌ର ସମାଲୋଚନା କରିବା ଉଚିତ୍ ନୁହେଁ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ତର୍‌ବିୟତ୍ ବିଭାଗକୁ ବହୁତ କର୍ମଠ ହେବାକୁ ପଡ଼ିବ। ଯଦି ତର୍‌ବିୟତ୍ ବିଭାଗ କର୍ମଠ ହେବ ତେବେ ଓ୍ୱସିୟତ୍ ବଢ଼ିବ ଓ ଯେବେ ଓ୍ୱସିୟତ୍ ବଢ଼ିବ ଅର୍ଥାତ୍ ମୁସି ମାନଙ୍କର ସଂଖ୍ୟା ବଢ଼ିବ ତ ଆମଦାନୀ ମଧ୍ୟ ବଢ଼ିବ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ଜର୍ମାନୀର ଅହେମଦୀମାନଙ୍କୁ ଏ ନିର୍ଦ୍ଦେଶ ଦେଇଥିଲି କି ଯେଉଁ ଲୋକମାନେ ଏପରି ସ୍ଥାନରେ କାମ କରୁଛନ୍ତି ଯେଉଁଠି ଘୁଷୁରି, ମଦ ଇତ୍ୟାଦି କିଣାବିକା କରାଯାଉଛି ତେବେ ସେହିପରି ଲୋକମାନଙ୍କଠାରୁ ଚାନ୍ଦା ନେବନାହିଁ। ଯଦି କାମ କରିବାର କୌଣସି ବିବସତା ଅଛି ତେବେ ସେହି କାମ କରୁଥିବା ଲୋକମାନଙ୍କର ବିବଶତା, ଜମାତ୍‌ର ନୁହେଁ। ସୁତରାଂ ଏହିପରି ଲୋକମାନଙ୍କ ଠାରୁ ଜମାତ୍ ଚାନ୍ଦା ନେଲାନାହିଁ। ଏଥିରେ ସେମାନଙ୍କର ଏ ଧାରଣା ଥିଲା ଯଦି ଏହିପରି ସେମାନଙ୍କଠାରୁ ଚାନ୍ଦା ନ ନେବା ତେବେ ବଜେଟ୍ ପ୍ରଭାବିତ ହେବ ଓ ଆମଦାନୀ କମ୍ ହେବ କିନ୍ତୁ ସେମାନଙ୍କର ଏ ଧାରଣା ଭୁଲ୍ ହେଲା। କମ୍ ଆମଦାନୀ ହେବା ପରିବର୍ତ୍ତେ ଦୁଇଲକ୍ଷ ୟୁରୋ ଅଧିକ ଆମଦାନୀ ହେଲା।

ଟୋକିଓରେ ଜମାତ୍ ୧୯୯୧ ମସିହାରେ ଗୋଟିଏ ଜମି କିଣିଥିଲା। ସେହି ଜମି ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜାଏଜା ନେଲେ ଓ କହିଲେ କି ଏହି ଜମିକିଣା ପ୍ରସଙ୍ଗରେ ଯେଉଁ ସବୁ କାର୍ଯ୍ୟ କରାଯାଇଥିଲା ତାହା ଠିକ୍ ନଥିଲା। କୌଣସି ସମ୍ପତିକୁ କିଣିବା ବେଳେ ବିଭିନ୍ନ କଥା ଓ ପାର୍ଶ୍ୱକୁ ଆଖିଆଗରେ ରଖାଯାଏ। କିନ୍ତୁ ଏଠାରେ ତାହା ସବୁ ରଖାଯାଇନାହିଁ। ହଜୁର୍ ଅନୁଓ୍ୱର୍ ଅ:ବ:ଅ ହିଦାୟତ୍ ଦେଲେ କି ଏବେ ଏହି ଯାଗା ଉପରେ ଧ୍ୟାନ ରଖ। ଏହାକୁ ବିକ୍ରି କରିବେ ନାହିଁ। ହଜୁର୍ ଅନୁଓ୍ୱର୍ ସଦର୍ ସାହେବ୍ ଟୋକିଓଙ୍କୁ ହିଦାୟତ୍ ଦେଇ କହିଲେ କି ସେ ଉକ୍ତ ସ୍ଥାନଟିର ନିରୀକ୍ଷଣ କରନ୍ତୁ କି ବର୍ତମାନ ତାକୁ କିପରି ବ୍ୟବହାର କରାଯାଇପାରିବ।

ନାଗୋୟାର ପ୍ରଥମ ମିଶନ୍ ହାଉସ୍ ସମ୍ବନ୍ଧରେ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ବ୍ୟବସ୍ଥା ମୂଳକ ହିଦାୟତ୍ ପ୍ରଦାନ କଲେ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ସମଇ ଓ ବସରିଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହିଦାୟତ୍ ଦେଲେ କି ଜମାତି ପ୍ରୋଗ୍ରାମ୍ ବ୍ୟତୀତ ଡକ୍ୟୁମେଂଟାରୀ ପ୍ରୋଗ୍ରାମ୍ ମଧ୍ୟ ବନାନ୍ତୁ ଓ ଯୁବକମାନଙ୍କୁ ନିଜ ସହିତ କାମରେ ସାମିଲ୍ କରାନ୍ତୁ। ଯେଉଁ ଖୁଦାମ୍ ପିଲାମାନେ ପଛେଇ ଯାଇଛନ୍ତି ସେମାନଙ୍କୁ ନିଜ ସହି କାମରେ ଲଗାନ୍ତୁ। ସେମାନଙ୍କୁ ନିଜର ନିକଟତର କରାନ୍ତୁ। ସେମାନଙ୍କ ମନ ଭିତରେ ଯେଉଁ ସବୁ ଆପତି ଅଭିଯୋଗ ରହିଛି ତାହା ଦୂରେଇ ଯିବ। ପ୍ରଥମତଃ ଆପଣମାନେ ସେମାନଙ୍କର ସାମର୍ଥ୍ୟକୁ ବିନିଯୋଗ କରି ଲାଭ ଉଠାଇବେ। ଦ୍ୱିତୀୟତଃ ସେମାନଙ୍କର ତର୍‌ବୟତ୍ ମଧ୍ୟ ହୋଇଯିବ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏଠାରେ ଆପଣମାନଙ୍କର ବହୁତ ସୁନ୍ଦର ସ୍ଥାନ ରହିଛି। Fuji ପାହାଡ ରହିଛି। ବଡ଼ ବଡ଼ ହ୍ରଦ ଅଛି। ସୁନ୍ଦର ସ୍ଥାନ ସବୁ ରହିଛି। ଏଗୁଡିକର ଡକ୍ୟୁମେଂଟାରୀ ବନାନ୍ତୁ। ଯଦି ଆପଣ ଜାପାନୀ ଭାଷାରେ ଏହା ପ୍ରସ୍ତୁତ କରିବେ ତେବେ ସେଗୁଡିକୁ ଉର୍ଦ୍ଦୁ ଓ ଇଂରାଜୀରେ ଡବ୍ କରାଯାଇପାରିବ। ଏମ୍.ଟି.ଏ ରେ ପ୍ରଦର୍ଶନ କରାଯିବ। ସେହିପରି ପ୍ରଡ୍ୟୁସର୍, କ୍ୟାମେରାମ୍ୟାନ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଲାଗି ରହିଥିବା ଖୁଦାମ୍ ମାନଙ୍କର ନାମ ମଧ୍ୟ ଆସିବ। ଏହାଦ୍ୱାରା ସେମାନଙ୍କର ସାହସ ବଢ଼ିବ ଓ କାମ କରିବା ପାଇଁ ଆହୁରି ଅଧିକା ଆଗ୍ରହ ସୃଷ୍ଟି ହେବ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମୁଁ ମୋ ଖୁତ୍‌ବା ଜୁମାରେ ଉପଦେଶ ଦେଇଛି। ତା ଉପରେ ଅମଳ କରନ୍ତୁ। ନିଜ ମନକୁ କପଟତା ଓ ଦ୍ୱେଷଭାବରୁ ଦୂରେଇ ରଖନ୍ତୁ ଓ ଆପୋଷରେ ପ୍ରେମ ଓ ସ୍ନେହର ବ୍ୟବହାର ରଖନ୍ତୁ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ସଲାମତି ନେବାପାଇଁ ସଲାମତି ଦେବାକୁ ପଡ଼ିଥାଏ। କାଲି ଜଣେ ଜାପାନୀ ମୋତେ ପଚାରିଥିଲେ କି ସଲାମତି କିପରି ବଢ଼ିବ। ତେବେ ମୁଁ ତାଙ୍କୁ ଏହି ଉତର ଦେଇଥିଲି କି ଅଧିକାରକୁ ନେବା ଦ୍ୱାରା ନୁହେଁ, ଅଧିକାର ଦେବାକୁ ହେବ ଓ ଯଦି ଅନ୍ୟମାନଙ୍କର ଅଧିକାର ଦେବେ ତେବେ ପ୍ରେମ, ଭଲପାଇବା ଓ ଭାଇଚାରାର ପରିବେଶ କାଏମ୍ ହେବ। ଏହାଦ୍ୱାରା ସଲାମତି ବଢ଼ିବ।

ସୁତରାଂ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜର ଅଧିକାରକୁ ଛାଡ଼ନ୍ତୁ ଓ ଅନ୍ୟମାନଙ୍କର ଅଧିକାରକୁ ପ୍ରଦାନ କରନ୍ତୁ। ଏହାଦ୍ୱାରା ଆପଣମାନଙ୍କର ଆପୋଷ, ମନମାଳିନ୍ୟତା ଓ ଝଗଡ଼ା ଶେଷ ହୋଇଯିବ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜଣେ ସାହାବୀଙ୍କର ଘଟଣା ବିଷୟରେ ଚର୍ଚ୍ଚା କରି କହିଲେ କି ଯେବେ ସେହି ସାହାବୀ ଜଣକ ଜଣେ ବ୍ୟକ୍ତିଙ୍କ ଠାରୁ ଘୋଡା କିଣିବା ପାଇଁ ଗଲେ ସେତେବେଳେ ସେହି ଘୋଡାର ମାଲିକ ଜଣକ ଘୋଡାର ମୂଲ୍ୟ କମ୍ ବତାଇଥିଲେ। ଏଥିରେ ସେ ସାହାବୀ ଜଣକ କହିଲେ କି ଏହି ଘୋଡାର ତ ମୂଲ୍ୟ ଅଧିକା। ତେଣୁ ଏହିପରି ବାର୍ତାଳାପ ପରେ ସେହି ସାହାବୀ ଜଣକ ଉକ୍ତ ଘୋଡାଟିକୁ ଅଧିକ ମୂଲ୍ୟ ଦେଇ କିଣିଦେଲେ। ଯେବେକି ଘୋଡାର ମାଲିକ ଏହାର ମୂଲ୍ୟ କମ୍ ନେବାକୁ ଚାହୁଁଥିଲା। ଏଥିରେ ଯେବେ ସାହାବୀଙ୍କ ଏକଥା ପଚାରାଗଲା କି ଆପଣ ଅଧିକା ମୂଲ୍ୟ କାହିଁକି ପ୍ରଦାନ କଲେ? ସେ କହିଲେ କି ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଏକଥାରେ ବୟତ କରିଛି କି ମୁଁ ପ୍ରତ୍ୟେକ ମୁସଲ୍‌ମାନଙ୍କ ଭଲ ଚାହିଁବି।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ତେଣୁ ଯେବେ ପ୍ରତ୍ୟେକ ବ୍ୟକ୍ତି ନିଜର ହକ୍‌କୁ ଛାଡ଼ିବ ଓ ଅନ୍ୟର ହକ୍‌କୁ ପ୍ରଦାନ କରିବ ଓ ନିଜ ଦାୟିତ୍ୱ ବୋଧକୁ ଅନୁଭବ କରିବ ତେବେ ଆପଣମାନଙ୍କ ପଚାଶ ପ୍ରତିଶତ ଇସ୍‌ଲାହ୍ (ସୁଧାର) ହୋଇଯିବ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣମାନେ ସମସ୍ତେ ସଚାଇ ଉପରେ କାଏମ୍ ରହିବା ପାଇଁ ଚେଷ୍ଟା କରନ୍ତୁ। ଯୁବକମାନେ ଆପତି କରୁଛନ୍ତି କି ସଚାଇ କମ୍ ହୋଇଯାଇଛି। ପ୍ରତ୍ୟେକ ନିଜର ଲାଭ ପାଇଁ କଥାକୁ ଗୋଳମାଳିଆ କରି ଉପସ୍ଥାପନ କରିଛନ୍ତି। (ତେଣୁ) ନିଜର ଯଦି ଭୁଲ୍

ଅଛି ତାହାକୁ ସ୍ୱୀକାର କରନ୍ତୁ ଓ ଭୁଲ୍‌କୁ ମାନି ନିଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଜାପାନ୍‌କୁ ହିଦାୟତ୍ ଦେଇ କହିଲେ-ନିଜ ଖୁଦାମ୍‌ମାନଙ୍କ ଭିତରେ ଏ ଆତ୍ମା ସୃଷ୍ଟିକରନ୍ତୁ କି ସେମାନେ ଏହା ନଦେଖନ୍ତୁ କି ବଡମାନେ କଣ କରୁଛନ୍ତି ବରଂ ସେମାନେ ଏହା ଭାବନ୍ତୁ କି ଆମେ ହେଉଛୁ ଅହେମଦୀ ଓ ଆମେ ଅହେମଦୀୟତ୍‌କୁ ସଚ୍ଚା ଜାଣି ମାନିଛୁ । ଯଦି କେଉଁଠାରେ ଦୋଷ ଦୁର୍ବଳତା ଅଛି ସେଗୁଡିକୁ ଆମେ ଦୂର କରିବା ଓ ଜମାତ୍ ସହିତ ଦୃଢ଼ ସମ୍ପର୍କ ସୃଷ୍ଟି କରିବା । ଯଦି ଆପଣମାନେ କୌଣସି ଅଭାବ ଦେଖୁଛନ୍ତି ତେବେ ନିଜ ଭିତରେ ସଚାଇର ସ୍ତରକୁ ଉଚ୍ଚା କରି ସେହି ଅଭାବକୁ ଦୂର କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଖୁଦାତାଲା ପବିତ୍ର କୋରାନ୍‌ରେ ଉପଦେଶ ଦେବା ପାଇଁ ନିର୍ଦ୍ଦେଶ ଦେଇଛି ଓ ଉପଦେଶ ଧୈର୍ଯ୍ୟ ଓ ସହନଶୀଳତା ଦ୍ୱାରା ହୋଇଥାଏ । ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଖକୁ ବହୁତ ଶକ୍ତ ସ୍ୱଭାବର ଲୋକେ ମଧ୍ୟ ଆସୁଥିଲେ । ଆପଣ ସ:ଆ:ସ ସେମାନଙ୍କୁ ଧୈର୍ଯ୍ୟ, ସହନଶୀଳତା ଓ ସହିଷ୍ଣୁତାର ସହିତ ଉପଦେଶ ଦେଉଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେବେ ଏହା ଦେଖିଲେ କି ଲୋକମାନଙ୍କ ମଧରେ ଦୋଷ ଦୁର୍ବଳତା ରହିଛି ତେବେ ଆପଣ ଆ:ସ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ କି ଲୋକମାନେ ଏହିପରି ତ କାମ ସବୁ କିପରି ହେବ । ଏଥିରେ ଆପଣ ଆ:ସଙ୍କ ଉପରେ ଏଲ୍‌ହାମ୍ (ସ୍ୱର୍ଗବାଣୀ) ‘‘ବାହମେ ମର୍‌ଦେମା ବବାୟଦ୍ ସାଖତ୍’’ ଅର୍ଥାତ୍ ସେହି ଲୋକମାନଙ୍କ ଠାରୁ ହିଁ କାମ ନେବାକୁ ହେବ । ସେହି ଲୋକମାନଙ୍କ ସହିତ ଚଳିବାକୁ ହେବ । ଦୁଆ କର ଏବଂ କାମ ନେଇଚାଲ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆପଣମାନେ ନିଜେ ନିଜ ଭିତରକୁ ଦେଖନ୍ତୁ କି ଆପଣମାନଙ୍କ ଧୈର୍ଯ୍ୟ କେତେ ମାତ୍ରାରେ କାମ କରୁଛି ? ଯେଉଁ ବ୍ୟକ୍ତି କଥା ମାନୁନାହିଁ ଓ ସୁଧୁରୁନାହିଁ କଣ ଆପଣମାନେ ୪୦ ଦିନ ପର୍ଯ୍ୟନ୍ତ ତା ସୁଧାରପାଇଁ କାନ୍ଦି କାନ୍ଦି ଦୁଆ କରିଛନ୍ତି ? ଯଦି ନୁହେଁ ତେବେ ଆପଣଙ୍କ ତରଫରୁ ଇସ୍‌ଲାହ୍ କରିବାର କାରବାଇରେ କିଛି ଅଭାବ ରହିଯାଇଛି । (ତେଣୁ) ଆପଣମାନଙ୍କର ଦାୟିତ୍ୱ ହେଉଛି କି ଆପଣ କାମ କରି ଚାଲନ୍ତୁ ଓ ନିଜର ନିୟତ୍‌କୁ ଠିକ୍ ରଖନ୍ତୁ । ବାକି ସବୁ ଖୁଦାଙ୍କ ଉପରେ ଛାଡ଼ିଦିଅନ୍ତୁ ଓ ସତୁଆ ହୋଇ ମିଛୁଆଙ୍କ ପରି ବିନମ୍ରତା ଗ୍ରହଣ କର । କିଏ କେଉଁ ପର୍ଯ୍ୟନ୍ତ କଥା କହିବ । ପରିଶେଷରେ ଥକିଯାଇ ଚୁପ୍ ହୋଇଯିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଯେଉଁମାନେ ଆପଣଙ୍କ ସହିତ କଥା ହେଉନାହାଁନ୍ତି ସେମାନେ ଭଲ ବ୍ୟବହାର ପ୍ରକାଶ କରୁନାହାଁନ୍ତି । (ତେଣୁ) ଆପଣମାନେ ଯେବେ ମଧ୍ୟ ଏପରି ଲୋକମାନଙ୍କ ସହିତ ମିଶିବେ, ସଲାମ୍ କରିଦେବେ । ଯଦି ସେମାନେ ଉତର ନ ଦେବେ ତେବେ ତାହା ହେଉଛି ତାଙ୍କର କାର୍ଯ୍ୟ । ଯଦି ଗାଳି ଦେଉଛି ତେବେ ଏହା ହେଉଛି ତା କାମ । କିନ୍ତୁ ଆପଣଙ୍କର ବ୍ୟବହାର ଭଲ ରହିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମଜ୍‌ଲିସ୍ ଆମେଲାର ମେମ୍ୱର୍‌ମାନେ ନିଜ ନିଜର ନୀରିକ୍ଷଣ ନିଅନ୍ତୁ କି ସେମାନେ କେତେ ବିନମ୍ର ଓ ତାଙ୍କ ଭିତରେ କେତେ ମାତ୍ରାରେ ଧୈର୍ଯ୍ୟ ସହିବାର ଶକ୍ତି ଅଛି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ପଦରେ କହୁଛନ୍ତି -

*ବଦ୍‌ତର୍ ବନୋ ହର୍ ଏକ୍ ସେ*
*ଆପ୍‌ନେ ଖୟାଲ୍ ମେଁ*
*ଶାୟଦ୍ ଇସି ସେ ଦଖଲ୍ ହୋ*
*ଦାରୁଲ୍ ଓ୍ୱିସାଲ୍ ମେଁ*

ଆପଣମାନଙ୍କ ମଧ୍ୟରେ ବିନମ୍ରତା ଯଦି ସୃଷ୍ଟି ହେବ ତେବେ ଆପଣମାନେ ସଫଳ ହୋଇଯିବେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆପଣ ମନ ଭିତରୁ ଦୁଆ କରନ୍ତୁ କି ଖୁଦାତାଲା ଅନ୍ୟ ପକ୍ଷର ଲୋକମାନଙ୍କର ସୁଧାର କରିଦିଅନ୍ତୁ । ଯେଉଁଭଳି ନିଜ ପାଇଁ ଦୁଆ କରୁଛି ସେହିଭଳି ଅନ୍ୟମାନଙ୍କ ପାଇଁ ମଧ୍ୟ ଦୁଆ କର ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯୁବକ ମାନଙ୍କର ମନୋଭାବ ହେଉଛି ଏହା କି ଆମ ବଡମାନଙ୍କ ମଧ୍ୟରେ ସଚ୍ଚାଇ ନାହିଁ ତ ସେମାନେ କଣ ତର୍‌ବିୟତ୍ କରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏବେ ଏହା ହେଉଛି ଆପଣଙ୍କର ଦାୟିତ୍ୱ କି ଦେଖନ୍ତୁ ଯୁବପୀଢ଼ୀଙ୍କ ନିମନ୍ତେ କଣ କରାଯାଇପାରିବ । ଆସନ୍ତା ପିଢ଼ୀର ତର୍‌ବିୟତ୍ ହେଉଛି ବହୁତ ବଡ଼ ଦାୟିତ୍ୱ । ଏ ବାବଦରେ ଚିନ୍ତା କରନ୍ତୁ, ଭାବନ୍ତୁ କି ଯୁବପିଢ଼ୀ ପୁଅ ଓ ଝିଅମାନଙ୍କୁ କିପରି ସମ୍ଭାଳିବାକୁ ହେବ । ଏଠିକାର ସମାଜ ଓ ପରିବେଶରେ ମା’ ବାପାମାନଙ୍କର ମଧ୍ୟ ବହୁତ ବଡ଼ ଦାୟିତ୍ୱ କି ପିଲାମାନଙ୍କର ତର୍‌ବିୟତ୍ କରନ୍ତୁ ଓ ପୁଣି ସବୁଠାରୁ ବଳି ଏ ଦାୟିତ୍ୱ ହେଉଛି ଓ୍ୱହ୍‌ଦାଦାର୍‌ମାନଙ୍କର ।

ଏହି ଦେଶଗୁଡିକର ପରିବେଶର ପିଲାମାନେ ସତ କହୁଛନ୍ତି ଓ ଏକଥା ମଧ୍ୟ ବାସ୍ତବିକ୍ କି ସେମାନେ ସତ୍ୟ କହୁଅଛନ୍ତି । ତେଣୁ ଆପଣମାନେ ପିଲାମାନଙ୍କଠାରୁ ପ୍ରଶ୍ନ ବାହାର କରିବା ଉଚିତ୍ । ଯଦ୍ୱାରା ଆପଣମାନଙ୍କୁ ଜଣାପଡ଼ିବ କି ପିଲାମାନଙ୍କର ମନ ଭିତରେ କଣ ସବୁ ଅଛି ଓ ସେମାନେ କେଉଁ ଦୃଷ୍ଟିରେ ନିଜର ବଡ ଓ ଜମାତ୍‌ର ଓ୍ୱହ୍‌ଦାଦାର୍ ମାନଙ୍କୁ ଦେଖୁଛନ୍ତି । ପୁଣି ତା ମୁତାବକ ତାଲିମ୍ ଓ ତର୍‌ବିୟତ୍ ପ୍ରୋଗ୍ରାମ୍ ହେଉ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ବଡ଼ମାନେ ନିଜ ଘରେ ନେଜାମ୍ ସମ୍ବନ୍ଧରେ ଏପରି କଥା ନ ହୁଅନ୍ତୁ ଯାହା ସବୁ ପିଲାମାନଙ୍କର ମନରେ ଓ ତାଙ୍କ ତର୍‌ବିୟତ୍‌ରେ ଖରାପ ପ୍ରଭାବ ପକାଇବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପିଲାମାନଙ୍କୁ ବୁଝାନ୍ତୁ କି ସେମାନେ ପ୍ରକୃତ ଶିକ୍ଷାକୁ ଦେଖିବା ଉଚିତ୍ । ବଡ଼ମାନଙ୍କୁ ଦେଖନାହିଁ ଯେ ସେମାନେ କଣ କରୁଛନ୍ତି ଓ ଏହା ନ ଦେଖନ୍ତୁ କି ପାକିସ୍ତାନି ଲୋକମାନେ କଣ କରୁଛନ୍ତି । ଆପଣମାନେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ହାତରେ ବୟତ କରିଛନ୍ତି । ତେଣୁ ତାଙ୍କ ଶିକ୍ଷାକୁ ଅନୁସରଣ କରନ୍ତୁ । ବଡ଼ମାନଙ୍କ ଭିତରେ ଯେଉଁ ଦୋଷ ଦୁର୍ବଳତା ରହିଛି ସେଗୁଡିକୁ ନଦେଖନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପିଲାମାନେ ଯେଉଁ ପ୍ରଶ୍ନ କରୁଛନ୍ତି ସେ ବାବଦରେ ସେକ୍ରେଟାରୀ ତର୍‌ବିୟତ୍‌ଙ୍କର ଏହା ହେଉଛି କାମ କି ପିଲାମାନଙ୍କୁ ସେମାନଙ୍କ ପ୍ରଶ୍ନର ଉତର ଦିଅନ୍ତୁ ଓ ସେମାନଙ୍କୁ ସନ୍ତୁଷ୍ଟ କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ତର୍‌ବିୟତ୍ କରିବାର ଗୋଟିଏ ବଡ଼ ସାଧନ ହେଉଛି ଏମ୍.ଟି.ଏ । ଏମ୍.ଟି.ଏ ସହିତ ସବୁବେଳ ପାଇଁ ସମ୍ପର୍କ ଯୋଡ଼ିବା ଉଚିତ୍ । ତେଣୁ ଏମ୍.ଟି.ଏ ସହିତ ଯୋଗାଯୋଗ ରଖନ୍ତୁ ।

ଆମେଲାର କିଛି ସଦସ୍ୟମାନେ କହିଲେ କି ମର୍କଜରୁ ପ୍ରତିନିଧିମାନେ ଅଳ୍ପ ବ୍ୟବଧାନରେ ଜାପାନର ଗସ୍ତ କରିବା ଉଚିତ୍ । ଯଦ୍ୱାରା ଜମାତ୍‌ର ସମସ୍ୟା ମଧ୍ୟ କମ୍ ହେବ ଓ ଏକପ୍ରକାର ଶକ୍ତି ମିଳିବ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏବେ ମୋର ଯେଉଁ ଗସ୍ତ ହେଲା ଓ ଆପଣମାନଙ୍କୁ ବହୁତ ବ୍ୟାଖ୍ୟା କରି ବୁଝାଇଲି ମୁଁ ଦେଖିବାକୁ ଚାହୁଁଛି ଯେ ଆପଣମାନେ ତା ଉପରେ କେତେ ମାତ୍ରାରେ ଅମଳ କରୁଛନ୍ତି । ପ୍ରଥମେ ସେଗୁଡିକ ଉପରେ ତ ଅମଳ କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆଫ୍ରିକାକୁ ତ କୌଣସି ପ୍ରତିନିଧି ଯାଉନାହାଁନ୍ତି । କିନ୍ତୁ ଯଦି ସେମାନଙ୍କର ଏଖ୍‌ଲାସ୍ (ନିଷ୍ଠା) ଏବଂ ଭକ୍ତିକୁ ଦେଖାଯାଏ ତେବେ ପାକିସ୍ତାନ୍‌ରେ କିଛି ଏପରି ଲୋକେ ଅଛନ୍ତି ଯେଉଁମାନେ ନିଜକୁ ସାହାବାଙ୍କ ସହିତ ଯୋଡୁଛନ୍ତି, ସେମାନଙ୍କୁ ଲଜ୍ଜା ଲାଗିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆମେଲାର ସଦସ୍ୟମାନଙ୍କୁ ସବୁଠାରୁ ଅଧିକା ଇସ୍‌ତେଗ୍‌ଫାର୍ କରିବା ଉଚିତ୍ କି ଅଲ୍ଲାଃତାଲା ସେମାନଙ୍କୁ ସଠିକ୍ ମାର୍ଗଦର୍ଶନ ପ୍ରଦାନ କରନ୍ତୁ ଓ ସେମାନଙ୍କର ପୂର୍ବ ଭୁଲ୍ ଗୁଡିକୁ କ୍ଷମା ଦିଅନ୍ତୁ ଓ ଆସନ୍ତାକୁ ହେବାକୁ ଥିବା ଭୁଲ୍ ଗୁଡିକରୁ ବଂଚାନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆପଣଙ୍କ ଆମେଲାରେ ପ୍ରତ୍ୟେକ ମାସ ଯେଉଁ ମିଟିଂ ହେଉଛି ସେଥିରେ ତର୍‌ବିୟତି ବିଷୟ ଗୁଡିକ ଉପରେ ଜାଏଜା ନିଅନ୍ତୁ । ଆପଣଙ୍କର ଯେଉଁ କାର୍ଯ୍ୟ ପନ୍ଥାର ଅବସ୍ଥା ଅଛି ସେ ବିଷୟରେ ମଧ୍ୟ ଜାଏଜା ନିଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମୁଁ ପୂର୍ବରୁ ମଧ୍ୟ ନିଜର ଗୋଟିଏ ଚିଠିରେ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଥିଲି କି ଯେଉଁ ସବୁ ଛୋଟଛୋଟ ଦୋଷ ଦୁର୍ବଳତା ରହିଛି ସେଗୁଡିକ ଜାତିପାଇଁ ବଡ଼ ଦୋଷ ଦୁର୍ବଳତା ହେବା ପୂର୍ବରୁ ସେଗୁଡିକ ରୋକିବା ପାଇଁ ପଦକ୍ଷେପ ନେବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏବେ ପିଲାମାନେ ଏ ଅଭିଯୋଗ ଓ ଆପତି ମଧ୍ୟ କରୁଛନ୍ତି କି ମସ୍‌ଜିଦ୍ ବାହାରେ ଯେଉଁ ସବୁ ଜୋତା ଗୁଡିକୁ ବାହାର କରାଯାଉଛି ତାହା ସବୁ ଏଣେତେଣେ ପଡ଼ି ରହିଛି । ଯେବେ କି ଆମକୁ ସ୍କୁଲ୍‌ରେ ଏ ଶିକ୍ଷା ଦିଆଯାଉଛି ଯେ ଜୋତା ବାହାର କରି ସଜାଇ ରଖ । ତେଣୁ ସେଠାରେ ଆମେ ବହୁତ ଶୃଙ୍ଖଳାର ସହିତ ରଖୁଛୁ । ଏବେ ପିଲାମାନେ କହିବେ କି ଆମ ଏଖ୍‌ଲାକ୍ (ଚରିତ୍ର) ଭଲନାହିଁ । ଯେବେ କି ଜାପାନୀଙ୍କ ଏଖ୍‌ଲାକ୍ ଅଧିକ ଭଲ । ତେବେ ଧର୍ମର ଆବଶ୍ୟକତା କଣ ରହିଲା ?

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଜାପାନୀ ମାନଙ୍କର ଯେଉଁ ସବୁ ଭଲ ଏଖ୍‌ଲାକ୍ ଅଛି ସେଗୁଡିକୁ ଆପଣାନ୍ତୁ । ବୌଦ୍ଧିକ କଥା ଯେଉଁଠାରୁ ମଧ୍ୟ ମିଳୁଛି ସେଠାରୁ ନେଇନେବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପ୍ରତ୍ୟେକ ଓ୍ୱହ୍‌ଦାଦାର୍ ଯେଉଁମାନେ ମସ୍‌ଜିଦ୍‌କୁ ଆସୁଛନ୍ତି ଯଦି ସେମାନେ ଏହା ଦେଖୁଛନ୍ତି କି ଯୋତା ଗୁଡିକ ଏଣୁତେଣୁ ହୋଇ ପଡ଼ିରହିଛି ବୋଲି ସେଗୁଡିକୁ ଉଠାଇ ର୍‌ୟାକ୍ ଉପରେ ରଖନ୍ତୁ ଓ ସଜାଇ ରଖନ୍ତୁ । ଜୋତା ବାହାର କରିବା ଲୋକର ମଧ୍ୟ ଇସ୍‌ଲାହ୍ ହୋଇଯିବ ଓ ପିଲାମାନଙ୍କର ମଧ୍ୟ ଇସ୍‌ଲାହ୍ ହୋଇଯିବ । ଜାପାନ୍‌ର ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲାର ଏହି ମିଟିଂ ୧୨:୫୫ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ଦ୍ୱିତୀୟ ମହଲାରେ ନିର୍ମାଣ ହୋଇଥିବା ଦଫ୍‌ତର୍, ଲଜ୍‌ନା ହଲ୍, ଗେଷ୍ଟ୍ ରୁମ୍ ଓ ଆବାସସ୍ଥଳୀର ଭାଗକୁ ତଦାରଖ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ସମୟ ପାଇଁ ବହୁତ ସ୍ନେହର ସହିତ ମୁବଲିଗ୍ ଇନ୍‌ଚାର୍ଯ୍ୟଙ୍କ ଆବାସସ୍ଥଳୀକୁ ଗଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ୧:୦୫ ରେ ମସ୍‌ଜିଦ୍‌ରେ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ ।

ନମାଜ ପାଠ ପରେ ପ୍ରୋଗ୍ରାମ୍ ମୁତାବକ ନ୍ୟାସ୍‌ନାଲ୍ ଆମେଲାର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ମସ୍‌ଜିଦ୍‌ର ଉଦ୍‌ଘାଟନୀ ସମୟରେ ଉପସ୍ଥିତ ଥିଲା ମୁବଲିଗ୍‌ଗଣ ମଧ୍ୟ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ ଜମାତ ଅହେମଦୀୟା ନାଗୋୟାର ସଦସ୍ୟମାନେ ଓ ବାହାର ଦେଶରୁ ଆସିଥିବା ଅତିଥିମାନେ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ଏଠାରୁ ବାହାରି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ୧:୫୫ରେ ନିଜ ଆବାସସ୍ଥଳୀରେ ପହଂଚିଗଲେ ।

### ନାଗୋୟାରୁ ଟୋକିଓ ନିମନ୍ତେ ଯାତ୍ରା

ଆଜି ପ୍ରୋଗ୍ରାମ୍ ମୁତାବକ ନାଗୋୟାରୁ ଟ୍ରେନ୍ ଜରିଆରେ ଟୋକିଓ ଯିବାର କାର୍ଯ୍ୟକ୍ରମ ଥିଲା ।

ଠିକ୍ ୪ଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହୋଟେଲ୍‌ରୁ ବାହାରକୁ ବାହାରିଲେ । ହୋଲେଟ୍‌ର ଲବିରେ ମହିଳା ଓ ପିଲାମାନେ ନିଜ ପ୍ରିୟ ଆକାଙ୍କୁ ବିଦାୟ ଦେବାପାଇଁ ଉପସ୍ଥିତ ଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମେ ଆଲୈକୁମ୍ କହିଲେ ଓ ଇଜ୍‌ତିମାଇ ଦୁଆ କରାଇଲେ । ଏହାପରେ ନାଗୋୟା ରେଲ୍‌ଓ୍ୱେ ଷ୍ଟେସନ୍ ଆଡକୁ ଗସ୍ତ ଆରମ୍ଭ ହେଲା ।

୪:୧୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ରେଲ୍‌ଓ୍ୱେ ଷ୍ଟେସନ୍‌ରେ ପହଂଚିଲେ । ଏଠାରୁ ଟୋକିଓ ନିମନ୍ତେ ଟ୍ରେନ୍ ଛାଡ଼ିବା ସମୟ ୪:୩୨ ଥିଲା । ଗାଡ଼ି ଠିକ୍ ନିଜ ସମୟରେ ପ୍ଲାଟ୍‌ଫର୍ମ୍‌ରେ ପହଂଚିଲା ଓ ଠିକ୍ ୪:୩୫ରେ ଏଠାରୁ ଟୋକିଓ ପାଇଁ ଯାତ୍ରା ଆରମ୍ଭ କଲା ।

ନାଗୋୟାରୁ ଟୋକିଓର ଦୂରତା ହେଉଛି ୩୫୦କି.ମି. । ଏହି ବୁଲେଟ୍ ଟ୍ରେନ୍ Nozomi Super Express ର ଗତି କିଛି ସ୍ଥାନରେ ଘଂଟାପ୍ରତି ୨୮୦କି.ମି ଥାଏ ଓ ଆଉ କେତେକ ସ୍ଥାନରେ ଘଂଟା ପ୍ରତି ୩୦୦କି.ମି ହୋଇଥାଏ ।

ରାସ୍ତାରେ ଟ୍ରେନ୍ କେବଳ Yokohama Railway Station ଠାରେ ରୋକିଲା ଓ ୬:୦୮ରେ ଟୋକିଓର Shinagawa Railway Station ଠାରେ ପହଂଚିଲା ।

ରେଲ୍‌ଓ୍ୱେ ଷ୍ଟେସନ୍‌ଠାରେ ସଦର୍ ଜମାତ୍ ଟୋକିଓ କିଛି ଜମାତ୍‌ର ଓ୍ୱହ୍‌ଦାଦାର୍‌ମାନଙ୍କ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ । ରେଲ୍‌ଓ୍ୱେ ଷ୍ଟେସନ୍‌ରୁ ବାହାରି ହଜୁର୍ ଅନୁଓ୍ୱର୍ ଅ:ବ:ଅ ୬:୩୦ରେ ନିଜର ରହିବା ପାଇଁ ଧାର୍ଯ୍ୟ କରାଯାଇଥିବା ହିଲ୍‌ଟନ୍ ହୋଟେଲ୍ ଠାରେ

ପହଞ୍ଚିଲେ ।

୭:୫୦ ରେ ହୋଟେଲ୍‌ର ଗୋଟିଏ ହଲ୍‌ଠାରେ (ଯାହା ନମାଜ ପଢୁଥିବା ଲୋକମାନଙ୍କୁ ପାଇଁ ହାସଲ କରାଯାଇଥିଲା) ସେଠାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପହଂଚି ନମାଜ ମଗ୍ରିବ୍ ଓ ଇସା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୨୩ ନଭେମ୍ବର୍ ୨୦୧୫ (ସୋମବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୫:୩୦ରେ ମସ୍‌ଜିଦ୍ ବଇତୁଲ୍ ଅହଦ୍‌ଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠିପତ୍ର ଓ ରିପୋର୍ଟସ୍ ଇତ୍ୟାଦି ଦେଖିଲେ ଓ ସେଥିରେ ହିଦାୟତ୍ ପ୍ରଦାନ କଲେ ।

**ଟୋକିଓର ହିଲ୍‌ଟନ୍ ହୋଲେଟ୍‌ଠାରେ ସ୍ୱାଗତ ଉତ୍ସବ**

ଆଜି ହିଲ୍‌ଟନ୍ ହୋଟେଲ୍‌ଠାରେ ଗୋଟିଏ ସ୍ୱାଗତ ଉତ୍ସବ ଅନୁଷ୍ଠିତ କରାଯାଇଥିଲା । ୧୯୪୫ ମସିହାରେ ଜାପାନ୍ ଉପରେ ଆଟମ୍‌ବମ୍ ପକାଯାଇଥିଲା । ବର୍ତ୍ତମାନ ସେହି ଘଟଣାକୁ ୭୦ ବର୍ଷ ବିତିଗଲାଣି । ୭୦ ବର୍ଷ ବିତିଯିବା ପରିପ୍ରେକ୍ଷୀରେ ଜାପାନ୍‌ରେ ବିଭିନ୍ନ ପ୍ରକାରର ଉତ୍ସବ ପାଳନ କରାଯାଉଛି । ଆଜିକାର ଏହି ଉତ୍ସବ ମଧ ସେହି ପ୍ରସଙ୍ଗରେ ଥିଲା ।

ଆଜିକାର ଏହି ଉତ୍ସବରେ ୬୩ଜଣ ଜାପାନୀ ଅତିଥି ସାମିଲ୍ ହୋଇଥିଲେ । ଏହି ଅତିଥି ମାନଙ୍କ ମଧ୍ୟରେ Mr. Urano Tatsno chancler of nihon university, Mr. Martin Blackway (ପ୍ରସିଦ୍ଧ କବି ଏବଂ ବିଶିଷ୍ଟ ବାଣିଜ୍ୟ ଉପଦେଷ୍ଟା), Mr. Sato Royoki (ବୁଦ୍ଧିଷ୍ଟ ଫିର୍‌କାର ମୁଖ୍ୟ ପ୍ରିଏଷ୍ଟ ଓ ଧର୍ମଗୁରୁ), Mr. Serio Ito (ଗାଡ଼ି ବନାଉଥିବା ଗୋଟିଏ ବଡ଼ କମ୍ପାନୀର ସଭାପତି), Asahi ଖବରକାଗଜର ମୁଖ୍ୟ ରିପୋର୍ଟର ଓ ଜଣେ ପ୍ରସିଦ୍ଧ ରାଜନେତାଙ୍କ ଝିଅ Ohara Blackway ଏବଂ ଏତଦ୍‌ବ୍ୟତୀତ ଡାକ୍ତର, ଟିଚର, ଇଞ୍ଜିନିୟର, ଓକିଲ ଏବଂ ଜୀବନର ବିଭିନ୍ନ ବିଭାଗ ସହିତ ସମ୍ପର୍କ ରଖିଥିବା ଲୋକମାନେ ଆସି ସାମିଲ୍ ହୋଇଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଆଗମନ ପୂର୍ବରୁ ଉପସ୍ଥିତ ଥିବା ସମସ୍ତ ଅତିଥିଗଣ ନିଜ ନିଜ ଆସନକୁ ଅଳଙ୍କୃତ କରିସାରିଥିଲେ । ଏହି ଅତିଥିମାନଙ୍କ ବ୍ୟତୀତ ବିଭିନ୍ନ ଦେଶରୁ ଆସିଥିବା କିଛି ଜମାତି ଓ୍ୱହଦାଦାର୍ ମାନେ ମଧ ଆଜିକାର ଏହି ଉତ୍ସବରେ ସାମିଲ୍ ହୋଇଥିଲେ ।

ପ୍ରୋଗ୍ରାମ୍ ମୁତାବକ ଦିନ ୧୨ଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହି ଉତ୍ସବରେ ଯୋଗଦେବା ପାଇଁ ପହଂଚିଲେ ।

କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୋରାନ୍ ପାଠରୁ ହିଁ ହେଲା, ଯାହାକୁ ମୋକରମ୍ ହାଫିଜ୍ ଅମ୍‌ଜଦ୍ ଆରିଫ୍ ସାହେବ୍ ପାଠ କଲେ ଏବଂ ଅଜିଜମ୍ ସୟଦ୍ ଇବ୍ରାହିମ୍ ସାହେବ୍ (ଦର୍ଜା ରାବିୟା ଜାମିଆ କାନାଡାର ଶିକ୍ଷାର୍ଥୀ) ଏହାର ଜାପାନୀ ଭାଷାରେ ଅନୁବାଦ ଉପସ୍ଥାପନ କଲେ ।

ଏହାପରେ ଅଜିଜମ୍ ହିଜ୍‌କିଲ୍ ଅହେମଦ୍ (ଜାମିଆ କାନାଡାର ଦର୍ଜା ରାବିୟାର ଛାତ୍ର) ଜାପାନୀ ଭାଷାରେ ଏହି ଉତ୍ସବର ପରିଚୟ ପ୍ରଦାନ କଲେ ଓ ଜମାତ୍‌ର ସଂକ୍ଷିପ୍ତ ପରିଚୟ ମଧ ଉପସ୍ଥାପନ କଲେ । ଏହାପରେ ଅଜିଜମ୍ ନଜିବୁଲ୍ଲାଃ ଅୟାଜ୍ ଜଣ ଜଣ କରି ଗେଷ୍ଟ ସ୍ପିକରମାନଙ୍କୁ ନିମନ୍ତ୍ରଣ କଲେ କି ସେମାନେ ଆସି ନିଜର ଅଭିଭାଷଣ ଉପସ୍ଥାପନ କରନ୍ତୁ ।

**ଅତିଥିମାନଙ୍କ ଅଭିଭାଷଣ**

ସର୍ବପ୍ରଥମେ Dr. Sata Yasuhiko Sb (Chairman of Tokibo group of industries) ସାହେବ୍ ନିଜର ପରିଚୟ ମୂଳକ ଅଭିଭାଷଣ ଉପସ୍ଥାପନ କଲେ । ଏଥିରେ ସେ କହିଲେ ଏକଥା ଆମପାଇଁ ବହୁତ ଆନନ୍ଦ ଓ ସମ୍ମାନର ବିଷୟ ଅଟେ କି ହଜରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ, ଯିଏ ହେଉଛନ୍ତି ଜମାତ୍ ଅହେମଦୀୟାର ଆଧ୍ୟାତ୍ମିକ ଗୁରୁ, ସେ ଆମ ଗହଣରେ ଉପସ୍ଥିତ ଅଛନ୍ତି । ସେ ହଜରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅଙ୍କ ୧୯ ଏପ୍ରିଲ୍ ଦିନ ଦେହାନ୍ତ ହୋଇଯିବା ପରେ ୨୨ ଏପ୍ରିଲ୍ ୨୦୦୩କୁ ଲଣ୍ଡନ୍ ସମୟ ମୁତାବକ ରାତ୍ର ୧୧:୪୦ ଘଟିକାରେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ପଂଚମ ଉତରାଧିକାରୀ ରୂପେ ନିର୍ବାଚିତ ହେଲେ । ସେ ସେବେଠାରୁ ଆପଣ ନିଜକୁ ଏ ଦୁନିଆରେ ଶାନ୍ତି ପ୍ରତିଷ୍ଠା ଓ ପ୍ରେମର ବାର୍ତ୍ତାକୁ ପ୍ରସାର କରିବା ନିମନ୍ତେ ଉତ୍ସର୍ଗ କରିଛନ୍ତି ।

୨୦୦୯ ମସିହାରେ ମୋତେ ଏକ ବହୁତ ବଡ଼ ସମ୍ମାନ ପୁରସ୍କାର ମୂଳକ ମିଳିଲା କି ନା କେବଳ ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମୌକା ମିଳିଲା ବରଂ ମୋତେ ଓ ମୋ ଝିଅକୁ ହଜୁର୍ ଖାଇବା ପାଇଁ ନିମନ୍ତ୍ରଣ କରିଥିଲେ ଓ ଆମପାଇଁ ଆପଣଙ୍କ ତରଫରୁ କରାଯାଇଥିବା ଆତିଥ୍ୟତା ଅତ୍ୟନ୍ତ ଆଦରଣୀୟ ଓ ମୂଲ୍ୟବାନ୍ ସ୍ମୃତି ହୋଇ ରହିଛି । ଏହାପରେ ମୋତେ ଜଲ୍‌ସା ସାଲାନା ଇଂଲଣ୍ଡରେ ଯୋଗ ଦେବା ପାଇଁ ମୌକା ମିଳିଛି ଓ ଲୋକମାନଙ୍କୁ ସମ୍ବୋଧନ କରିବାର ସମ୍ମାନ ମଧ ମିଳିଛି ।

୧୧ ମାର୍ଚ୍ଚ ୨୦୧୧ର ଉତର ପୂର୍ବ ଜାପାନ୍‌ରେ ଆସିଥିବା ଭୂମିକମ୍ପ ଏବଂ ସୁନାମୀ ପରେ Ishinomaki ସହରର ହ୍ୟୁମାନିଟି ଫାର୍ଷ୍ଟ ଜାପାନ୍‌ର ସେବା ମୋତେ ପୁଣିଥରେ ଜମାତ୍ ସହିତ ଯୋଡ଼ିଦେଲା । ସେଠାରେ ମୋତେ ମଧ ପ୍ରଭାବିତ ହୋଇଥିବା ଲୋକମାନଙ୍କର ସେବା କରିବା ପାଇଁ ମୌକା ମିଳିଛି ଓ ଆମେ ନିଜର ଗୋଟିଏ ସଂଗଠନ ସ୍ଥାପନ କରି ଭୂମିକମ୍ପରେ ପ୍ରଭାବିତ ହୋଇଥିବା ଲୋକମାନଙ୍କର ସେବା ଆରମ୍ଭ କରିଦେଇଛୁ ।

ସେ ପୁଣି କହିଲେ ହଜୁର୍‌ଙ୍କର ଏକ ବିଶେଷ କିର୍ତୀ ହେଉଛି ଆନ୍ତର୍ଜାତୀୟ ବାର୍ତାଳାପକୁ ପ୍ରୋତ୍ସାହନ ଦେବା । ଧର୍ମଧର୍ମ ମଧ୍ୟରେ ଯେଉଁ ସମ୍ପର୍କ ରହିଛି ତାକୁ ଆଗକୁ ବଢ଼ାଇବା ପାଇଁ ହଜୁର୍ ଅନୁଓ୍ୱର୍‌ଙ୍କ ଏହି ମିଶନ୍‌କୁ ମୁଁ ବହୁତ ସମ୍ମାନୀୟ ଦୃଷ୍ଟିରେ ଦେଖୁଅଛି ।

ବିଗତ ଦିନ ନିଜ ଗସ୍ତର ପ୍ରାରମ୍ଭରେ ହଜୁର୍ ଅନୁଓ୍ୱର୍ ପ୍ରଥମଥର ପାଇଁ ଜାପାନ୍‌ର ମିଜି ଶ୍ରାଇନ୍‌ର ପରିଦର୍ଶନ କଲେ ଏବଂ ଶଂଟୋ ପ୍ରିଏଷ୍ଟ ମିଆଜାକି ସାହେବ୍ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଇଲେ ।

ମୁସଲମାନଙ୍କ ଖଲିଫା ଓ ଜଣେ ବହୁତ ବଡ଼ ନେତା ରୂପେ ହଜୁର୍ ଅନୁଓ୍ୱର୍‌ଙ୍କ ବୁଦ୍ଧିମତାର କାର୍ଯ୍ୟ ଶୈଳୀ ଆମ ସମସ୍ତଙ୍କୁ ବହୁତ ପ୍ରଭାବିତ କରିଛି । ବିଶେଷ ରୂପେ ପ୍ୟାରିସ୍ ଆକ୍ରମଣରେ ପ୍ରଭାବିତ ହୋଇଥିବା ଲୋକମାନଙ୍କ ନିମନ୍ତେ ଆପଣଙ୍କ ତରଫରୁ ସମବେଦନାର ପ୍ରକାଶ ଅସାଧାରଣ ଥିଲା ।

ଜାପାନ୍ ହେଉଛି ଦୁନିଆର ଶାନ୍ତିପ୍ରିୟ ଦେଶ ଅଟେ ଯିଏ ଧର୍ମୀୟ ବାଦବିବାଦରୁ ସମ୍ପୂର୍ଣ୍ଣ ରୂପେ ପବିତ୍ର । ମୋର ଏ ବିଶ୍ୱାସ ଅଛି କି ୨୦ ନଭେମ୍ବର ଦିନ ମସ୍‌ଜିଦ୍ ବଇତୁଲ୍ ଅହଦ୍‌ର ଉଦ୍‌ଘାଟନ ଦ୍ୱାରା ଜମାତ୍ ଅହେମଦୀୟାର ପ୍ରେମ ଓ ଭାଇଚାରାର ବାର୍ତାକୁ ଜାପାନ୍‌ରେ ପ୍ରସାର କରିବା ପାଇଁ ଏକ ରାସ୍ତା ମିଳିବ ।

ମୋର ଏ ସ୍ୱପ୍ନ ଅଛି କି ଯଦି ହଜୁର୍ ଜାପାନ୍ ଚାଲି ଆସନ୍ତେ ଓ ଏଠାରୁ ଗୋଟିଏ ଜବରଦସ୍ତ ସ୍ୱରୂପ ସାରା ସଂସାରକୁ ଶାନ୍ତି, ପ୍ରେମ ଓ ସନ୍ଧିର ବାର୍ତା ପ୍ରଦାନ କରନ୍ତେ ।

ଏବେ ଏ ଶେଷରେ ହଜୁର୍‌ଙ୍କ ଗୋଚରରେ ପ୍ରାର୍ଥନା କରିବା ପାଇଁ ନିବେଦନ କରି ଏହ କହିବାକୁ ଚାହୁଁଛୁ କି ମୁଁ ନଜ ଘର ବଗିଚାରୁ ଫ୍ରାନ୍‌ସ୍ ଇଲାକାର ବରଗଣ୍ଡିଠାରୁ ପ୍ରାପ୍ତ ହୋଇଥିବା ଗୋଟିଏ ଚାରା ଗଛ ଆଣିଛି । ଏହି ଗଛଟିକୁ Taneulsaum କୁହାଯାଏ । ମୋର ଏ ଆନ୍ତରିକ ଇଛା କି ହଜୁର୍ ଅନୁଓ୍ୱର୍ ଏହି ରିସିପ୍‌ସନ୍‌ଠାରେ ନିଜ ପବିତ୍ର ହସ୍ତରେ କୁଣ୍ଡରେ ଗଛଟିକୁ ଲଗାନ୍ତୁ ଓ ପରେ ଏହି ଚାରାଟି ମସ୍‌ଜିଦ୍ ବଇତୁଲ୍ ଅହଦ୍‌ଠାରେ ପ୍ରେମ ଓ ଭାଇଚାରାର ବୃକ୍ଷ ରୂପେ ଲଗାଇ ଦିଆଯାଉ ।

ଏହାପରେ Dr. Sata Sb. ଙ୍କ ଦରଖାସ୍ତରେ ହଜୁର୍ ଅନୁଓ୍ୱର୍ ଗୋଟିଏ ସୁନ୍ଦର କୁଣ୍ଡରେ ରଖାଯାଇଥିବା ଚାରାରେ ଖତ ପକାଇଲେ ଏବଂ ଏହାପରେ ତାକୁ ମସ୍‌ଜିଦ୍ ବଇତୁଲ୍ ଅହଦ୍‌ରେ ଲଗାଇବା ପାଇଁ ଅନୁମତି ପ୍ରଦାନ କଲେ ।

ଏହାପରେ ଜଣେ ବନ୍ଧୁ Endo Shinichi ସାହେବ୍ ନିଜର ଅଭିଭାଷଣ ପ୍ରଦାନ କଲେ ସେ ସୁନାମୀ ଦ୍ୱାରା ପ୍ରଭାବିତ ହୋଇଥିବା Tohoko ଇଲାକାରୁ କେବଳ ଓ କେବଳ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ଧନ୍ୟବାଦ ଦେବାପାଇଁ ଆସିଥିଲେ । ସେ ନିଜ ଅଭିଭାଷଣରେ କହିଲେ:-

ଜମାତ୍ ଅହେମଦୀୟାର ସର୍ବୋଚ୍ଚ ନେତାଙ୍କ ଜାପାନ୍ ଆଗମନ ଦ୍ୱାରା ମୁଁ ହୃଦୟର ଅନ୍ତରରୁ ଧନ୍ୟବାଦ ଜଣାଉଛି ଓ ଆପଣଙ୍କୁ ହୃଦୟର ଗଭୀରତାରୁ ସ୍ୱାଗତ ଜଣାଉଛି । ମୁଁ ଭୂମିକମ୍ପ ଏବଂ ସୁନାମୀ ଦ୍ୱାରା ପ୍ରଭାବିତ ହୋଇଥିବା Ishinomaki ଇଲାକାରୁ ଉପସ୍ଥିତ ହୋଇଛି ଓ ଏହା ବର୍ଣ୍ଣନା କରିବାକୁ ଚାହୁଁଛି କି ଯେବେ ଭୂମିକମ୍ପ, ସୁନାମୀ ପରେ ମୋର ତିନୋଟି ପିଲା ଶେଷ ହୋଇଗଲେ ତେବେ ସେହି ଦୁଃଖଦ ଘଟଣାକୁ ମୋ ବ୍ୟତୀତ ଆଉ କେହି ନାହିଁ ଯିଏ ଅନୁଭବ କରିପାରିବ । ମୋତେ ଜୀବନ ମୂଲ୍ୟହୀନ ଜଣାପଡୁଥିଲା । କିନ୍ତୁ ସେ ସମୟରେ ଜମାତ୍ ଅହେମଦୀୟାର ସ୍ୱଚ୍ଛାସେବକମାନେ ମୋ ପାଖକୁ ଆସିଲେ ଓ ଆସି ମୋତେ ଯେପରି ସମ୍ଭାଳିଲେ ଓ ଯେଉଁପରି ଆମକୁ ସାନ୍ତ୍ୱନା ଦେଲେ ଏହାଦ୍ୱାରା ଆମକୁ ବଂଚି ରହିବା ପାଇଁ ସାହସ ଓ ଶକ୍ତି ମିଳିଲା । ଜଣେ ମନୁଷ୍ୟ ଅନ୍ୟଜଣେ ମନୁଷ୍ୟର ଏକ ନିକଟତର ଆସିପରେ ଓ ଅନ୍ୟର ମନୋଭାବକୁ ଏତେ ସହଜରେ ବୁଝିପାରେ ଏହାର ଆକଳନ ମୋତେ ହ୍ୟୁମାନିଟି ଫାର୍ଷ୍ଟର ସେବାରୁ ହିଁ ହେଲା ।

ଏହି ପୃଥିବୀରେ ବହୁତ ଗୁଡ଼ିକ ସମସ୍ୟା ମଣିଷ ଦ୍ୱାରା ହିଁ ସୃଷ୍ଟି ହୋଇଛି । କିନ୍ତୁ ମନୁଷ୍ୟ ହିଁ ଏହାକୁ ଶାନ୍ତି ଓ ପ୍ରେମ ମାଧ୍ୟମରେ ସମ୍ଭାଳି ପାରିବ । ଯଦି ମନୁଷ୍ୟ ସ୍ୱାର୍ଥପରତା ଏବଂ ଲୋଭକୁ ପରିତ୍ୟାଗ କରିଦେବ ଓ ଅନ୍ୟମାନଙ୍କ ପାଇଁ କୁର୍ବାନୀ (ଉତ୍ସର୍ଗ) ହେବା ଶିଖିନେବ ତେବେ ଏ ଦୁନିଆ ଶାନ୍ତି ଓ ପ୍ରେମର ପ୍ରତୀକ ହୋଇପାରିବ ।

ପୁନର୍ବାର ହଜୁର୍ ଅନୁଓ୍ୱର୍‌ଙ୍କ ଏଠାକୁ ଆଗମନ ଓ ଏ ଅଧମକୁ ଏଠାରେ ନିମନ୍ତ୍ରଣ କରାଯିବା ଯୋଗୁ ବହୁତ ବହୁତ ଧନ୍ୟବାଦନ ଅର୍ପଣ କରୁଛି ।

ଏହାପରେ ୧୨:୨୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଇଂରାଜୀ ଭାଷାରେ ଅଭିଭାଷଣ ପ୍ରଦାନ କଲେ ।

**ସ୍ୱାଗତ ଉତ୍ସବରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣ**

ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍ ରହିମ୍ ଅଲ୍ଲାଃତାଲାଙ୍କ ନାମ ସହିତ (ଆରମ୍ଭ କରୁଛି) ଯିଏ ହେଉଛନ୍ତି ବହୁତ ଦୟାଳୁ ଓ ବଡ କୃପାଳୁ । ସମସ୍ତ ସମ୍ମାନୀୟ ଅତିଥିବୃନ୍ଦ ! ଅସ୍‌ସଲାମେ ଆଲୈକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବରକାତୁହୁ । ଆପଣ ସମସ୍ତଙ୍କ ଉପରେ ଅଲ୍ଲାଃତାଲାଙ୍କ ତରଫରୁ ସଲାମତି (ଶାନ୍ତି), କରୁଣା ଏବଂ ବର୍କତ୍ ଅବତୀର୍ଣ୍ଣ ହେଉ । ମୁଁ ସର୍ବପ୍ରଥମେ ଏ ଅବସରରେ ଆମ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଛି, ଯେଉଁମାନେ ଆଜି ଆମର ଏହି ଉତ୍ସବର ନିମନ୍ତ୍ରଣକୁ ଗ୍ରହଣ କରିଛନ୍ତି ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମେ ଏକ ଅତ୍ୟନ୍ତ ଜଟିଳ ଓ ବିପଦପୂର୍ଣ୍ଣ ଯୁଗରେ ଅତିବାହିତ କରୁଅଛେ । ଯେବେ କି ଦୁନିଆର ଅବସ୍ଥା ବହୁତ ସାଙ୍ଘାତିକ୍ ହୋଇଚାଲିଛି । ଅବ୍ୟବସ୍ଥା ଓ ବିଭ୍ରାଟ ଏ ଦୁନିଆକୁ ନିଜ ଆୟତରେ ନେଇଚାଲିଛି । ଯାହା ସବୁ ଶାନ୍ତି ଓ ସଲାମତି ପାଇଁ ଅତ୍ୟନ୍ତ ବିପଦର କାରଣ । ଯଦି ମୁସଲମାନ୍ ଦେଶଗୁଡିକ ପ୍ରତି ଦୃଷ୍ଟିନିକ୍ଷେପ କରାଯାଏ ତେବେ ଆମେ ଦେଖିବାକୁ ପାଇବା କି ଅନେକ ଦେଶର ସରକାର ନିଜ ଲୋକମାନଙ୍କ ବିରୁଦ୍ଧରେ ଭୟଙ୍କର ଯୁଦ୍ଧରେ ମାତିଛି ଏବଂ ଏହି ରକ୍ତପାତ ଓ ବ୍ୟର୍ଥ ବିଭ୍ରାଟ ସବୁଆଡୁ ସେହି ଜାତିକୁ ନିଃଶେଷ କରୁଅଛି ଓ ସନ୍ତ୍ରାସବାଦ ଏହି ବିଭ୍ରାଟ ଫଳରେ ଦେଶ ଭିତରେ ସୃଷ୍ଟି ହୋଇଥିବା ଅଭାବର ଭରପୁର୍ ଲାଭ ଉଠାଉଛନ୍ତି । କିଛି ଇଲାକା ଉପରେ କବ୍‌ଜା କରୁଛନ୍ତି ଏବଂ ସେଠାରେ ନିଜର ତଥାକଥିତ ସରକାର ଓ କାନୁନ୍ ଲାଗୁ କରୁଛନ୍ତି । ଏହି ଲୋକମାନେ ପାଶବିକ କାର୍ଯ୍ୟ କରୁଛନ୍ତି ଓ ଏପରି ଅତ୍ୟାଚାର କରୁଛନ୍ତି ଯାହାର ଆକଳନ କରାଯାଇପାରେନା ଓ ଏମାନେ କେବଳ ନିଜ ଦେଶରେ ହିଁ ନୁହେଁ ବରଂ ଏବେ ୟୁରୋପରେ ମଧ ପହଂଚି ସାରିଲେଣି ଓ ସେମାନଙ୍କର ଏହି ଅତ୍ୟାଚାର ବର୍ବରକାଣ୍ଡର ଉଦାହରଣ ହେଉଛି ଏବେ ପ୍ୟାରିସ୍‌ଠାରେ ଘଟିଥିବା ସଦ୍ୟ ଆକ୍ରମଣ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପୁଣି ପୂର୍ବ ୟୁରୋପରେ ରୁଷ, ୟୁକ୍ରେନ୍ ଏବଂ ଅନ୍ୟାନ୍ୟ ୟୁରୋପୀୟ ଦେଶଗୁଡିକ ମଧ୍ୟରେ ଶତ୍ରୁତାର ନିଆଁ କୁହୁଳି ଚାଲିଛି । ଏତଦ୍‌ବ୍ୟତୀତ ଏବେ ଏବେ ଆମେରିକାର ଯୁଦ୍ଧ ପୋତ ଦକ୍ଷିଣ ଚିନ୍‌ର ସମୁଦ୍ର ଭିତରେ ପ୍ରବେଶ କରିବା ଯୋଗୁ ଆମେରିକା ଓ ଚୀନ୍ ମଧ୍ୟରେ ଥିବା ଦ୍ୱନ୍ଦ ଓ ବିବାଦ ବଢ଼ିଯାଇଛି । ପୁଣି ଯେପରିକି ଆପଣମାନେ ଜାଣିଛନ୍ତି କିଛି ବିବାଦୀୟ ଦୀପ ଯୋଗୁ ଜାପାନ୍ ଓ ଚୀନ୍ ମଧ୍ୟରେ ମଧ ବହୁତ ସମୟରୁ ବିବାଦ ଚାଲି ଆସିଛି । ପୁଣି ପାକିସ୍ତାନ୍ ଓ ଭାରତ ମଧ୍ୟରେ କଶ୍ମୀର୍ ପ୍ରସଙ୍ଗଟି ଏକ ସ୍ଥାୟୀ ଶତ୍ରୁତାର କାରଣ ହୋଇଛି ଓ ଏହି ଶତ୍ରୁତା କମିବାର କୌଣସି ଚିହ୍ନ ଦୃଷ୍ଟିଗୋଚର ହେଉନାହିଁ । ସେହିପରି ଇସ୍‌ରାଇଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ଦ୍ୱନ୍ଦ ଲାଗି ରହି ସେ ଇଲାକାରେ ଶାନ୍ତି ନଷ୍ଟ କରୁଛି । ଆଫ୍ରିକାରେ ମଧ

ସନ୍ତ୍ରାସବାଦ ଗୋଷ୍ଠୀ କିଛି ଇଲାକାରେ ଶକ୍ତିଶାଳୀ ହୋଇଯାଇଛନ୍ତି ଓ ବହୁତ ବଡ଼ ଧରଣର ବିନିଷ୍ଟର କାରଣ ସାଜୁଛନ୍ତି । ମୁଁ କେବଳ କିଛି ସମସ୍ୟା ବିଷୟରେ ଚର୍ଚ୍ଚା କଲି, ଯାହାର ସମ୍ମୁଖୀନ ବର୍ତମାନ ଏ ସଂସାର କରୁଛି । କିନ୍ତୁ ବାସ୍ତବରେ ଏହି ଅଶାନ୍ତ ଓ ବିଭ୍ରାଟର ଅନେକ ଉଦାହରଣ ରହିଛି । ତେଣୁ ଏଥିରୁ କେବଳ ଏ ଫଳ ବାହାରୁଛି କି ଏ ଦୁନିଆ ବର୍ତମାନ ବିଭ୍ରାଟ ଓ ଧ୍ୱଂସାଭିମୁଖୀ ହୋଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବର୍ତମାନ ଯୁଗରେ ଯୁଦ୍ଧର ପରିସୀମା ବିଗତ ଯୁଗ ଗୁଡିକ ଠାରୁ ବହୁତ ଅଧିକ । ଦୁନିଆର କୌଣସି ଏକ ଭାଗରେ ଉପୁଜୁଥିବା ବାଦ ବିବାଦ କେବଳ ସେହି ଇଲାକା ଭିତରେ ହିଁ ସିମୀତ ରହୁନାହିଁ ବରଂ ଏହାର ଫଳ ଓ ପ୍ରଭାବ ବହୁତ ଦୂର ପର୍ଯ୍ୟନ୍ତ ବ୍ୟାପି ଯାଉଛି । ବ୍ୟାପକ ଗଣ ମାଧ୍ୟମ ଏ ଦୁନିଆକୁ ଗୋଟିଏ ଗ୍ଲୋବାଲ୍ ଭିଲେଜ୍ ରୂପେ ପରିବର୍ତନ କରିସାରିଛି । ପ୍ରଥମତଃ ଏହା ସମ୍ଭବ ଥିଲା କି ଯୁଦ୍ଧ କେବଳ ସେହି ଲୋକମାନଙ୍କ ମଧ୍ୟରେ ସୀମିତ ରହୁ ଯେଉଁମାନେ ପ୍ରତ୍ୟକ୍ଷ ରୂପେ ସେଥିରେ ସାମିଲ୍ ହୋଇଛନ୍ତି । କିନ୍ତୁ ଏବେ ପ୍ରତ୍ୟେକ ଯୁଦ୍ଧ ଓ ପ୍ରତ୍ୟେକ ବିବାଦର ପ୍ରଭାବ ନିଶ୍ଚିତ ରୂପେ ସମଗ୍ର ସଂସାର ଉପରେ ପଡୁଛି । ବାସ୍ତବିକ ମୁଁ ଅନେକ ବର୍ଷ ହେବ ସତର୍କ କରାଇ ଆସୁଛି କି ଏ ସଂସାର ଏଥିପ୍ରତି ଚିନ୍ତା କରିବା ଉଚିତ୍ କି ପୃଥିବୀର ଗୋଟିଏ ଭାଗରେ ହେଉଥିବା ଯୁଦ୍ଧର ପ୍ରଭାବ ଅନ୍ୟ ଭାଗରେ ମଧ୍ୟ ପ୍ରକାଶ ହୋଇପାରେ ବରଂ ପ୍ରକାଶ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯଦି ଆମେ ବିଂଶ ଶତାବ୍ଦିରେ ହୋଇଥିବା ବିଗତ ବିଶ୍ୱଯୁଦ୍ଧର ଇତିହାସକୁ ଦେଖିବା ତେବେ ଆମେ ସମସ୍ତେ ଜାଣିଛେ କି ସେ ସମୟର ଅସ୍ତ୍ରଶସ୍ତ୍ର ନିଜ ବିଧ୍ୱଂସକାରୀତାରେ ଆଜିକାଲିର ବିଧ୍ୱଂସକାରୀ ନୂତନ ଅସ୍ତ୍ରଶସ୍ତ୍ରର ମୁକାବିଲାରେ ତିଷ୍ଠି ପାରିବ ନାହିଁ । କିନ୍ତୁ ଏହା ସତ୍ୱେ ମଧ୍ୟ କୁହାଯାଉଛି କି କେବଳ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ହିଁ ପାଖାପାଖି ୭୦ ମିଲିୟନ୍ ଲୋକେ ମରିଥିଲେ ଓ ଏହି ନିଃଶେଷ ହୋଇଥିବା ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ନାଗରିକ ଥିଲେ । ତେଣୁ ଏବେ ଆସନ୍ତାକୁ ହେବାକୁ ଥିବା ସମ୍ଭାବ୍ୟ ଯୁଦ୍ଧର କ୍ଷୟକ୍ଷତିର ରୂପ ଅବର୍ଣ୍ଣନୀୟ ହେବ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କେବଳ ଆମେରିକା ନିକଟରେ ନୂତନ ଅସ୍ତ୍ରଶସ୍ତ୍ର ଥିଲା । ଯଦିଚ ତାହା ମଧ୍ୟ ବହୁତ ମାତ୍ରାଧିକ ଧ୍ୱଂସକାରୀ ଥିଲା କିନ୍ତୁ ବର୍ତମାନ ସମୟର ବିପଦପୂର୍ଣ୍ଣ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ରର ମୁକାବିଲା କରିବାରେ ତାର ସ୍ଥାନ କିଛି ନାହିଁ । ପୁଣି ଏବେ କେବଳ ବଡ ବଡ ଶକ୍ତି ସମ୍ପନ୍ନ ଦେଶଗୁଡିକ ନିକଟରେ ନ୍ୟୁକ୍ଲିୟତ୍ ବମ୍ ନାହିଁ ବରଂ ବହୁତ ଛୋଟ ଛୋଟ ଦେଗୁଡିକ ନିକଟରେ ମଧ୍ୟ ଏହା ଅଛି । ଯେଉଁଠି ବଡ ଶକ୍ତି ରାଷ୍ଟ୍ରଗୁଡିକ ବୋଧହୁଏ ଏହି ସବୁ ଅସ୍ତ୍ରଶସ୍ତ୍ରକୁ ପ୍ରତିରକ୍ଷା ନିମନ୍ତେ ରଖିଛନ୍ତି ସେଠି ଏକଥାରେ କୌଣସି ଜମାନତ୍ ନାହିଁ କି ଛୋଟଛୋଟ ଦେଶଗୁଡିକ ସେହି ଅସ୍ତ୍ରଶସ୍ତ୍ରଗୁଡିକୁ ରୋକି ରଖିବେ । ଆମେ ଏକଥାକୁ ମାମୁଲି ବିବେଚନା କରିପାରିବା ନାହିଁ ବୋଲି କି ସେମାନେ କେବେ ମଧ୍ୟ ନ୍ୟୁକ୍ଲିୟର୍ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବେ ନାହିଁ । ତେଣୁ ଏଥିରୁ ଏହା ସ୍ୱଷ୍ଟ ହୋଇଯାଉଛି ଏ ଦୁନିଆ ବର୍ତମାନ ବିଧ୍ୱଂସର ମୁଖଶାଳାରେ ପହଂଚି ସାରିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତିରେ ଆପଣମାନଙ୍କ କୌମ୍‌କୁ ଗୋଟିଏ ଭୟାନକ୍ ଓ କଷ୍ଟଦାୟକ ବିଧ୍ୱଂସତାର ସମ୍ମୁଖୀନ ହେବାକୁ ପଡ଼ିଛି । ଯେବେ ଲକ୍ଷ ଲକ୍ଷ ନାଗରିକଙ୍କୁ ଅତ୍ୟନ୍ତ ବର୍ବରତାର ସହିତ ମାରି ଦିଆଗଲା ଓ ଆପଣଙ୍କ ଦେଶର ଦୁଇଟି ସହରରେ ଆଟମିକ୍ ଆକ୍ରମଣ ଯୋଗୁ ତାହା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଗଲା । ଯଦ୍ୱାରା ମାନବତାର ମୁଣ୍ଡ ଲଜ୍ଜାରେ ନଇଁଗଲା । ଏହି ହୃଦୟ ବିଦାରକ ଘଟଣାକୁ ଦେଖି ଜାପାନି ଲୋକମାନେ କଦାପି ଏହା ଚାହିଁବେ ନାହିଁ କି ଏଠି ଜାପାନ୍‌ରେ ବା ଦୁନିଆର ଆଉ କୌଣସି ସ୍ଥାନରେ ଏହିପରି ଆକ୍ରମଣ ପୁନର୍ବାର ହେଉ ବୋଲି । ଆପଣମାନେ ହେଉଛନ୍ତି ସେହି ଲୋକେ ଯେଉଁମାନେ ନ୍ୟୁକ୍ଲିୟର୍ ଅସ୍ତ୍ରର ଭୟାନକ ଏବଂ ବିଧ୍ୱଂସକାରୀ ଫଳାଫଳକୁ ସଠିକ୍ ରୂପେ ବୁଝୁଛନ୍ତି । ଆପଣମାନେ ହେଉଛି ସେହି ଲୋକେ ଯେଉଁମାନେ ଜାଣୁଛନ୍ତି କି ଏହି ଅସ୍ତ୍ରଶସ୍ତ୍ରର ପ୍ରଭାବ ଗୋଟିଏ ପିଢ଼ୀ ପର୍ଯ୍ୟନ୍ତ ସୀମିତ ରହୁନାହିଁ ବରଂ ଏହାର ପ୍ରଭାବ ଆସନ୍ତା ପିଢ଼ୀ ଉପରେ ମଧ୍ୟ ପଡିଚାଲିଛି । ଆପଣମାନେ ହେଉଛନ୍ତି ସେହି ଲୋକେ ଯେଉଁମାନେ ନ୍ୟୁକ୍ଲିୟର୍ ଯୁଦ୍ଧର ସାକ୍ଷୀ ଦେଇପାରିବେ । ସେଇଥିପାଇଁ ଜାପାନ୍‌ଠାରୁ ଅଧିକା ଶାନ୍ତି ଏବଂ ସୁରକ୍ଷାର ଗୁରୁତ୍ୱ ବିଷୟରେ ଅନ୍ୟ କୌଣସି ଦେଶ ବୁଝି ପାରିବ ନାହିଁ । (ଇଶ୍ୱରଙ୍କୁ) ଧନ୍ୟବାଦ୍ କି ଜାପାନ୍ ନିଜକୁ ସମ୍ଭାଳି ନେବା ଓ ଏବେ ବହୁତ ଉନ୍ନତି ହାସଲ କରିସାରିଛି । ତେଣୁ ନିଜ ପୂର୍ବ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଜାପାନ୍ ପାଇଁ ଏହା ଜରୁରୀ କି ସେ ଦୁନିଆର ଶାନ୍ତି ସ୍ଥାପନ ନିମନ୍ତେ ନିଜର ଦାୟିତ୍ୱ ତୁଲାଉ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବଡ଼ ଦୁଃଖର କଥା କି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାପାନ୍ ଉପରେ କିଛି ପ୍ରତିବନ୍ଧକ ଲଗାଯାଇଥିଲା । ସେଥିପାଇଁ ଜାପାନୀମାନଙ୍କ ନିମନ୍ତେ ବୋଧ ହୁଏ ଏହା କଷ୍ଟକର ହୋଇପଡ଼ିବ କି, ସେ କୌଣସି ପ୍ରକାର ପଦକ୍ଷେପ ଉଠାଇବେ ବା ଦୁନିଆର ଅବସ୍ଥାକୁ ଏକ ନୂଆ ରୂପ ଦେଇପାରିବେ । କିନ୍ତୁ ପୁଣି ମଧ୍ୟ ଆପଣଙ୍କ ଦେଶ ଆନ୍ତର୍ଜାତିୟ ଓ ରାଜନୈତିକ ମାମଲାରେ ଏକ ଗୁରୁ ଦାୟିତ୍ୱ ତୁଲାଉଅଛି । ତେଣୁ ଆପଣମାନଙ୍କୁ ନିଜର ଅଭିଜ୍ଞତାକୁ ବ୍ୟବହାର କରିବା ଉଚିତ୍ ଓ ଦେଶ ଓ ଜାତି ଗୁଡିକ ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଏବର୍ଷ ଇତିହାସର ସେହି ଅନ୍ଧକାରମୟ ସମୟଟିକୁ ୭୦ ବର୍ଷ ହୋଇସାରିଛି । ଯେବେ ହିରୋସୀମା ଏବଂ ନାଗାସାକି ଉପରେ ପରମାଣୁ ବୋମା ପଡ଼ିଲା ଯାହା ଆପଣମାନଙ୍କ ଜାତି ପାଇଁ ବିପଦ, ଆପଦ, ଖରାପ ସମସ୍ୟା ଏବଂ ଏକ ବଡ଼ ବିଧ୍ୱଂସକାରୀ ରୂପେ ପ୍ରମାଣିତ ହେଲା । ସେଇଥିପାଇଁ ଆପଣମାନେ ଏପରି ମ୍ୟୁଜିୟମ୍ ବନାଇଛନ୍ତି ଯାହା ଏହି ବିଧ୍ୱଂସକାରୀ ରକ୍ତପାତର ବାସ୍ତବିକ ଛବି ପ୍ରକାଶ କରୁଛି । ଏବଂ ସେହି କାରଣ ଯୋଗୁ ଉକ୍ତ ପରମାଣୁ ବୋମାର କିଛି ପ୍ରଭାବ ଆଜି ମଧ୍ୟ ଜାରି ଅଛି । ଜାପାନୀ ଲୋକେ ଆଜି ମଧ୍ୟ ଏହା ବୁଜିପାରିବେ କି ଯୁଦ୍ଧ କରିବା କେତେ ବିପଦ ଓ ଭୟଙ୍କର ପ୍ରମାଣିତ ହୋଇପାରେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେପରିକି ମୁଁ ପୂର୍ବରୁ ମଧ୍ୟ ଚର୍ଚ୍ଚା କରିସାରିଛି କି ଯେଉଁ ପରିସ୍ଥିତି ଦେଇ ଆପଣମାନେ ଅତିବାହିତ କରିଛନ୍ତି ତାହାର ଗୋଟିଏ ଅଂଶ ଏହା ମଧ୍ୟ ଥିଲା କି ବିଶ୍ୱଯୁଦ୍ଧପରେ ଜାପାନ୍ ଉପରେ ଅତ୍ୟନ୍ତ ଅତ୍ୟାଚାରିତା ଓ ଅନାବଶ୍ୟକ ପ୍ରତିବନ୍ଧକ ଲଗାଗଲା ଓ ଯୁଦ୍ଧ ସରିବାର ଅନେକ ଦଶକ ପରେ ମଧ୍ୟ ଏହି ପ୍ରତିବନ୍ଧକ ଯୁଦ୍ଧର ଭୟଙ୍କର ଫଳାଫଳକୁ ଲଗାତାର ମନେପକାଇ ଦେଉଥିବ । ଯେବେ ଜାପାନ୍ ବିରୋଧରେ ପରମାଣୁ ଅସ୍ତ୍ର ବ୍ୟବହାର କରାଗଲା ସେତେବେଳେ ଜମାତ୍ ଅହେମଦୀୟା ମୁସ୍‌ଲିମାର ସେ ସମୟର ସର୍ବୋଚ୍ଚ ଆଧ୍ୟାତ୍ମିକ ଗୁରୁ ଯିଏ ଆମର ଖଲିଫା ଥିଲେ, ସେ ଏହି ଆକ୍ରମଣକୁ ଭୀଷଣ ନିନ୍ଦା କରିଥିଲେ । ସେ କହିଥିଲେ କି ଆମର ଧର୍ମୀୟ ଓ ଚାରିତ୍ରିକ ଦାୟିତ୍ୱ ହେଉଛି ଏହା କି ଆମେ ଏ ଦୁନିଆ ସମ୍ମୁଖରେ ଘୋଷଣା କରୁଅଛୁ କି ଆମେ ଏହି ପ୍ରକାରର ରକ୍ତପାତକୁ ଉଚିତ୍ ମଣୁନାହୁଁ । ସରକାରଙ୍କୁ ଆମର ଏ ଘୋଷଣା ଭଲ ଲାଗୁ ବା ଖରାପ ଲାଗୁ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ପୁଣି ଆହୁରି କହିଲେ କି ‘ଏହି ସବୁ କଥା ଯୋଗୁ ମୋତେ ଏହ ଦୃଷ୍ଟିଗୋଚର ହେଉଛି କି ଆସନ୍ତା ସମୟରେ ଯୁଦ୍ଧ କମିବ ନାହିଁ’ ଓ ଆଜି ତାଙ୍କର ଏହି ସତର୍କମୂଳକ ଶବ୍ଦ ସମ୍ପୂର୍ଣ୍ଣ ରୂପେ ସତ୍ୟ ପ୍ରମାଣିତ ହେଉଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦିଚ ତୃତୀୟ ବିଶ୍ୱଯୁଦ୍ଧ ନିୟମିତ ରୂପେ ଘୋଷଣା ହୋଇନାହିଁ କିନ୍ତୁ ବାସ୍ତବିକ୍ ବିଶ୍ୱଯୁଦ୍ଧ ତ ଆରମ୍ଭ ହୋଇସାରିଛି । ଏ ସାରା ସଂସାରରେ ପୁରୁଷ, ମହିଳା, ଛୋଟ ପିଲା ମାନଙ୍କୁ ମାରି ଦିଆଯାଉଛି । ସେମାନଙ୍କ ଉପରେ ଅତ୍ୟାଚାର କରାଯାଉଛି ଓ ସେମାନଙ୍କୁ ଅତ୍ୟନ୍ତ ବର୍ବରତାପୂର୍ଣ୍ଣ ଅତ୍ୟାଚାରର ଲକ୍ଷ୍ୟ ବନାଯାଉଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେଉଁଠି ଆମର ଅର୍ଥାତ୍ ଜମାତ୍ ଅହେମଦୀୟା ମୁସ୍‌ଲିମାର ସମ୍ପର୍କ ରହିଛି ତେବେ ଦୁନିଆରେ ଯେଉଁଠାରେ ମଧ୍ୟ ଅତ୍ୟାଚାର ହେଉଛି, ଆମେ ସର୍ବଦା ଏହି ଅତ୍ୟାଚାର ଓ ବର୍ବରକାଣ୍ଡକୁ ଉଚ୍ଚ ସ୍ୱରରେ ନିନ୍ଦା କରୁଛୁ । କାରଣ ଇସ୍‌ଲାମୀୟ ଶିକ୍ଷା ଏହା ଚାହୁଁଛି କି ଆମେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତଳନ କରୁ ଏବଂ ସେହି ଅସହାୟ ବ୍ୟକ୍ତିମାନେ, ଯାହାଙ୍କ ଉପରେ ଅତ୍ୟାଚାର କରାଯାଉଅଛି, ସେମାନଙ୍କୁ ସାହାଯ୍ୟ କରିବୁ । ମୁଁ ପୂର୍ବରୁ ମଧ୍ୟ ଏକଥା କହିସାରିଛି କି କେଉଁଭଳି ଜମାତ୍ ଅହେମଦୀୟା ମୁସ୍‌ଲିମାର ଆଧ୍ୟାତ୍ମିକ ଗୁରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ୍ ବିରୋଧରେ ହୋଇଥିବା ପରମାଣୁ ବୋମାର ବ୍ୟବହାରକୁ ନିନ୍ଦା କରିଥିଲେ । ଏତଦ୍‌ବ୍ୟତୀତ ଜମାତ୍ ଅହେମଦୀୟାର ଜଣେ ବହୁତ ପ୍ରସିଦ୍ଧ ବ୍ୟକ୍ତି ବିଶେଷ ଯାହାଙ୍କର ଏ ଦୁନିଆରେ ଏକ ପଦମର୍ଯ୍ୟାଦା ଓ ପ୍ରଭାବ ଥିଲା, ସେ ମଧ୍ୟ ଜାପାନ୍ ଏବଂ ତା ଲୋକମାନଙ୍କର ପ୍ରତିରକ୍ଷା କଲେ । ମୋର କହିବାର ଅର୍ଥ ହେଉଛି- ସାର୍ ଚୌଧୁରୀ ମହମ୍ମଦ୍ ଜଫ଼୍‌ରୁଲ୍ଲାଃ ଖାନ୍ ସାହେବ୍ । ଯିଏ ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ପ୍ରକାର ବଡ଼ ବଡ଼ ପଦବୀ ରଖିବା ସହିତ ପାକିସ୍ତାନ୍‌ର ପ୍ରଥମ ବୈଦେଶିକ ମନ୍ତ୍ରୀ ମଧ୍ୟ ଥିଲେ ଓ ପରେ ଜାତିସଂଘର ଜେନେରାଲ ଆସେମ୍ଭଲିର ସଭାପତି ମଧ୍ୟ ହେଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସେ କିଛି ବଡ଼ ବଡ଼ ଶକ୍ତି ରାଷ୍ଟ୍ରଙ୍କ ନିନ୍ଦା କରି ଏ ସ୍ୱର ଉତଳନ କରିଥିଲେ କି ସେମାନେ ଜାପାନ୍ ଉପରେ ଅନୁଚିତ୍ ପ୍ରତିବନ୍ଧକ ଲଗାଇଛନ୍ତି । ୧୯୫୧ ମସିହାରେ ହୋଇଥିବା ଶାନ୍ତି କନ୍‌ଫରେନ୍‌ସରେ ଅଭିଭାଷଣ ପ୍ରଦାନ କରି ଚୌଧୁରୀ ସାର୍ ଜଫ଼୍‌ରୁଲ୍ଲାଃ ଖାନ୍ ସାହେବ୍ ପାକିସ୍ତାନ୍ ପ୍ରତିନିଧି ମଣ୍ଡଳର ମୁଖ୍ୟ ରୂପେ ଏହା କହିଲେ କି ଜାପାନ୍ ସହିତ ଶାନ୍ତି ଚୁକ୍ତି କୌଣସି ପ୍ରକାର ପ୍ରତିଶୋଧ ବା ଅତ୍ୟାଚାର ଆଧାରରେ ନୁହେଁ ବରଂ ନ୍ୟାୟ ଓ ଆପୋଷ ବୁଝାମଣାର ଆଧାରରେ ହେବା ଉଚିତ୍ । ‘ଜାପାନ୍‌ର ରାଜନୈତିକ ଓ ସାମାଜିକ ଢ଼ାଂଚାରେ ସୁଧାର ଆଣିବା ପାଇଁ ଯେଉଁ କାର୍ଯ୍ୟ ଆରମ୍ଭ ହୋଇଛି ତାହା ଜାପାନ୍‌ର ଉଜ୍ଜଳ ଭବିଷ୍ୟତର ଆଶା ନିମନ୍ତେ କରାଯାଇଛି, ଯେଉଁଥିପାଇଁ ଜାପାନ୍‌ର ଗଣନା ଦୁନିଆର ଅନ୍ୟାନ୍ୟ ଶାନ୍ତିପ୍ରିୟ ଦେଶମାନଙ୍କ ସହିତ କରାଯିବ ଓ ଆସବାକୁ ଥିବା ସମୟରେ ଜାପାନ୍ ଏକ ଗୁରୁତ୍ୱପୁର୍ଣ୍ଣ ଦାୟିତ୍ୱ ତୁଲାଇବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ତାଙ୍କର ଏହି ଅଭିଭାଷଣର ଆଧାର ପବିତ୍ର କୋରାନ୍‌ର ଶିକ୍ଷା ଓ ରସୁଲେ କରିମ୍ ସ:ଆ:ସଙ୍କ ପବିତ୍ର ଜୀବନୀ ଉପରେ ଆଧାରିତ ଥିଲା । ବାସ୍ତବିକ୍ ଇସ୍‌ଲାମୀୟ ଶିକ୍ଷାକୁ ଆଧାର କରି ସେ କହିଲେ:- କୌଣସି ଯୁଦ୍ଧରେ ବିଜୟୀ ହୋଇଥିବା ଦେଶକୁ ଅନ୍ୟାୟର ହାତଧରିବା ଉଚିତ୍ ନୁହେଁ ଓ ହାରିଯାଇଥିବା ଜାତି ଉପରେ ଅନାବଶ୍ୟକ ପ୍ରତିବନ୍ଧକ ଲଗାଇବା ଉଚିତ୍ ନୁହେଁ, ଯାହା ସେମାନଙ୍କର ଭବିଷ୍ୟତ ଓ ଉନ୍ନତିକୁ ସିମୀତ କରିଦେବ । ଚୌଧୁରୀ ଜଫ଼୍‌ରୁଲ୍ଲାଃ ଖାନ୍ ସାହେବ୍ ଏହି ଐତିହାସିକ ଭାଷଣଟିକୁ ଜାପାନ୍‌ର ପ୍ରତିରକ୍ଷା ନିମନ୍ତେ ପ୍ରଦାନ କରିଥିଲେ । କାରଣ ଜଣେ ଅହେମଦୀ ମୁସଲ୍‌ମାନ୍ ହୋଇଥିବା ଯୋଗୁ ସେ ନା କେବଳ ପାକିସ୍ତାନୀ ସରକାରଙ୍କ ପ୍ରତିନିଧିତ୍ୱ କରୁଥିଲେ ବରଂ ସବୁଠାରୁ ପ୍ରଥମେ ସେ ଇସ୍‌ଲାମ୍‌ର ଉଚ୍ଚ ଶିକ୍ଷା ଗୁଡିକର ପ୍ରତିନିଧିତ୍ୱ କରୁଥିଲେ ।

ତେଣୁ ଯେପରିକି ମୁଁ ପୂର୍ବରୁ ବର୍ଣ୍ଣନା କରିସାରିଛି ଯେ ଆପଣମାନେ ହେଉଛନ୍ତି ସେହି ଲୋକେ, ଯେଉଁମାନେ ଅନ୍ୟମାନଙ୍କ ଅପେକ୍ଷା ଭଲ ରୂପେ ଯୁଦ୍ଧ ଓ ଅତ୍ୟାଚାରର ପ୍ରଭାବକୁ ବୁଝୁଛନ୍ତି । ସେଥିପାଇଁ ଜାପାନ ସରକାରଙ୍କୁ ପ୍ରତ୍ୟେକ ସ୍ତରରେ ଓ ଯଥା ସମ୍ଭବ ମାର୍ଗ ଆପଣାଇ ଅତ୍ୟାଚାର, ବର୍ବରତା ଏବଂ ଅନ୍ୟାୟ ଅନୀତିର ମୁକାବିଲା କରି ସେଗୁଡିକୁ ରୋକିବା ପାଇଁ ଚେଷ୍ଟା କରିବା ଉଚିତ୍ । ସେମାନଙ୍କୁ ଏକଥା ନିଶ୍ଚିତ କରିବାକୁ ହେବ କି ଯେଉଁ ପ୍ରକାର ଆକ୍ରମଣର ସମ୍ମୁଖୀନ ସେ କରିଛନ୍ତି ଆସନ୍ତାକୁ ଏ ଦୁନିଆରେ କୌଣସି ମଧ୍ୟ ଭାଗରେ ତାହା ପୁନର୍ବାର ନହେଉ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେବେ ମଧ୍ୟ ଯୁଦ୍ଧର ବହ୍ନି କୁହୁଳୁଛି ସେତେବେଳେ ଜାପାନୀ କୌମ୍‌କୁ ଓ ଜାପାନୀ ସରକାରଙ୍କୁ ଆପୋଷ ମନୋମାଳିନ୍ୟକୁ ଦୂର କରିବା ଏବଂ ଶାନ୍ତି ସ୍ଥାପନ କରିବା ପାଇଁ ନିଜର ଦାୟିତ୍ୱ ତୁଲାଇବା ଉଚିତ୍ ଯେଉଁଠି ଇସ୍‌ଲାମ୍‌ର ସମ୍ବନ୍ଧ ଏଥିରେ କୌଣସି ସନ୍ଦେହ ନାହିଁ କି କିଛି ଲୋକ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ଇସ୍‌ଲାମ୍‌କୁ ବର୍ବରତାପୂର୍ଣ୍ଣ ଓ ସନ୍ତ୍ରାସବାଦ ଧର୍ମ ବୋଲି ଭାବୁଛନ୍ତି । ସେମାନେ ନିଜର ଏହି ଦୃଷ୍ଟିକୋଣ ପାଇଁ ଏ ଦଲିଲ୍ ଦେଉଛନ୍ତି କି ମୁସଲ୍‌ମାନ୍ ରାଷ୍ଟ୍ରଗୁଡିକ ବର୍ତମାନ ସନ୍ତ୍ରାସବାଦ କାର୍ଯ୍ୟକଳାପ ଓ ବାଦ ବିବାଦ ଓ ବିଭ୍ରାଟରେ ଭରିପଡ଼ିଛି । ଯେବେକି ତାଙ୍କ ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ରୂପେ ଭୁଲ୍ ଅଟେ । ପ୍ରକୃତରେ ବିଶ୍ୱ ଇତିହାସରେ ଶାନ୍ତି ସମ୍ବନ୍ଧରେ ଇସ୍‌ଲାମୀୟ ଶିକ୍ଷାର ସମକକ୍ଷ କେହି ନାହାନ୍ତି । ସେଇଥିପାଇଁ ଆମର ଦ୍ୱିତୀୟ ଖଲିଫା ର:ଅ ଏବଂ ଚୌଧୁରୀ ଜଫ଼୍‌ରୁଲ୍ଲାଃ ଖାନ୍ ସାହେବ ଆପଣମାନଙ୍କ ଉପରେ ହୋଇଥିବା ଆକ୍ରମଣ ଓ ଅତ୍ୟାଚାର ବିରୋଧରେ ସବିଶେଷ ସ୍ୱର ଉତୋଳନ କରିଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏବେ ମୁଁ ସଂକ୍ଷେପରେ ବର୍ଣ୍ଣନା କରିବି କି ଶାନ୍ତି ସ୍ଥାପନା ପ୍ରସଙ୍ଗରେ ଅସଲ ଇସ୍‌ଲାମୀୟ ଶିକ୍ଷା ହେଉଛି କଣ । ଇସ୍‌ଲାମ୍ ଗୋଟିଏ ମୂଳ ସିଦ୍ଧାନ୍ତକୁ ବର୍ଣ୍ଣନା କରିଛି ଅର୍ଥାତ୍ ଏପରି ଯୁଦ୍ଧ ଯାହା ଆର୍ଥିକ ବା ଭୌଗଳିକ ସତା ହାସଲ କରିବା ପାଇଁ ବା ଅନ୍ୟ ଜାତିର ପ୍ରାକୃତିକ ଧନସମ୍ପତି ଉପରେ କବ୍‌ଜା କରିବା ପାଇଁ

ଲଢ଼ାଯାଏ, ତାକୁ କଦାପି ଉଚିତ୍ ଅଭିହିତ କରାଯାଇପାରେନା ।

ପୁଣି ପବିତ୍ର କୋରାନ୍‌ରେ ସୁରା ନହଲ୍‌ର ଆୟତ ନଂ-୧୨୭ରେ ଅଲ୍ଲାଃତାଲା କହୁଛନ୍ତି କି ଯୁଦ୍ଧ ସମୟରେ ଯାହା କିଛି ଦଣ୍ଡ ଦେବାକୁ ହୁଏ ତାହା ଅପରାଧ ମୁତାବକ ହେବା ଉଚିତ୍ ଓ ଉଚିତ୍ ସୀମାଠାରୁ ଆଗକୁ ବଢ଼ିବା ଠିକ୍ ନୁହେଁ । ପବିତ୍ର କୋରାନ୍ କହୁଛି କି ଯେବେ ଯୁଦ୍ଧ ଶେଷ ହୋଇଯିବ ତେବେ ଏହା ଉତମ ହେବ କି ତୁମେ (ସେମାନଙ୍କୁ) କ୍ଷମା କରିଦିଅ ଓ ଧୈର୍ଯ୍ୟ ପ୍ରଦର୍ଶନ କର ।

ଏହିପରି ପବିତ୍ର କୋରାନ୍‌ର ସୁରା ଅନ୍‌ଫାଲ୍‌ର ଆୟତ ନଂ-୬୨ରେ ଅଲ୍ଲାଃତାଲା କହୁଛନ୍ତି କି ଯେବେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସମ୍ପର୍କ ଛିନ୍ନ ହୁଏ ଓ ଯୁଦ୍ଧର ପ୍ରସ୍ତୁତି ଆରମ୍ଭ ହୋଇଯାଏ ତେବେ ଯଦି ଗୋଟିଏ ଗୋଷ୍ଠୀ ସୁଲ୍‌ହା (ମିମାଂସା) କରିବା ପାଇଁ ଚାହେଁ ତ ଅନ୍ୟ ଗୋଷ୍ଠୀଙ୍କ ଉପରେ ମଧ୍ୟ ଏହା ଧାର୍ଯ୍ୟ ଅଟେ କି ସେ ତାକୁ ଗ୍ରହଣ କରୁ ଓ ଅଲ୍ଲାଃଙ୍କ ଉପରେ ଭରଷା ରଖୁ । ପବିତ୍ର କୋରାନ୍ କହୁଛି କି ବିରୋଧି ଗୋଷ୍ଠୀଙ୍କ ନିୟତ ଏବଂ ନିଷ୍ଠା ଉପରେ କାହାକୁ ସନ୍ଦେହ କରିବା ଉଚିତ୍ ନୁହେଁ ବରଂ ସର୍ବଦା ଶାନ୍ତିପୁର୍ଣ୍ଣ ସମାଧାନ ପାଇଁ ପଦକ୍ଷେପ ନେବା ଉଚିତ୍ । ପବିତ୍ର କୋରାନ୍‌ର ଏହି ଶିକ୍ଷା ଆନ୍ତର୍ଜାତିୟ ଶାନ୍ତି ଓ ସୁରକ୍ଷା ପ୍ରତିଷ୍ଠା ନିମନ୍ତେ ହେଉଛି ଏକ ମୂଳ ସିଦ୍ଧାନ୍ତ ।

ପବିତ୍ର କୋରାନ୍‌ର ସୁରା ଅଲ୍‌ମାଇଦାର ଆୟତ ନଂ-୯ରେ ଅଲ୍ଲାଃତାଲା କହୁଛନ୍ତି କି କୌଣସି ସମ୍ପ୍ରଦାୟର ଶତୃତା ତୁମମାନଙ୍କୁ ନ୍ୟାୟଭିନ୍ନ ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତାଉ । ତୁମେମାନେ ନ୍ୟାୟକର ବରଂ ଇସ୍‌ଲାମ୍‌ର ଶିକ୍ଷା ହେଉଛି ଏହା କି ପରିସ୍ଥିତି ଯେତେ ଜଟିଳ ହୋଇଥିଲେ ମଧ୍ୟ ପ୍ରତ୍ୟେକ ଅବସ୍ଥାରେ ନ୍ୟାୟ ଓ ସତ୍ୟର ସିଦ୍ଧାନ୍ତ ଉପରେ ଦୃଢ଼ତାର ସହିତ କାଏମ୍ ରୁହ । ବାସ୍ତବରେ ନ୍ୟାୟ ହିଁ ସମ୍ପର୍କକୁ ଉତମ ବନାଇଥାଏ । ବ୍ୟତିବ୍ୟସ୍ତତାକୁ ଶେଷ କରିବା ଓ ଯୁଦ୍ଧର କାରଣ ଗୁଡିକୁ ତାହା ଶେଷ କରିବାର ମାଧ୍ୟମ ହୋଇଥାଏ ।

ପବିତ୍ର କୋରାନ୍‌ରେ ସୁରା ନୁର୍ ଆୟତ ନଂ-୩୪ରେ ଅଲ୍ଲାଃତାଲା କହୁଛନ୍ତି କି ଯଦି ଯୁଦ୍ଧରେ ସଫଳତା ଲାଭ କରିବା ପରେ ତୁମେ ବନ୍ଦି ହୋଇଥିବା କଏଦୀଙ୍କ ସହିତ ମୁକାତିବତ୍ (ଅର୍ଥ ଓ କାର୍ଯ୍ୟର ସର୍ତରଖି ମୁକ୍ତ କରିବା) କରୁଅଛ ତେବେ ଜରୁରୀ ଅଟେ କି ସେହି ସର୍ତ ଗୁଡିକ ଉଚିତ୍ ହେଉ । ଯଦ୍ଦ୍ୱାରା ସେମାନେ ତା ଉପରେ ସହଜତାର ସହିତ କାର୍ଯ୍ୟ କରିପାରିବେ ଓ ତାଠାରୁ ମଧ୍ୟ ଉତମ ହେଉଛି ଏହା କି ତୁମେ ସେମାନଙ୍କୁ କିସ୍ତିରେ ପ୍ରଦାନ କରିବାର ଅନୁମତି ଦେଇଦିଅ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଶାନ୍ତି ପ୍ରତିଷ୍ଠା ନିମନ୍ତେ ପବିତ୍ର କୋରାନ୍‌ର ସୁରା ହୁଜୁରାତ୍‌ର ଆୟତ ନଂ-୧୦ରେ ଗୋଟିଏ ସ୍ୱର୍ଣ୍ଣିମ ସିଦ୍ଧାନ୍ତ ବର୍ଣ୍ଣନା କରାଯାଇଛି, ଯେଉଁଠି ଅଲ୍ଲାଃତାଲା କହୁଛନ୍ତି କି ଯେବେ ଦୁଇଟି ଜାତି ବା ଦୁଇଟି ଗୋଷ୍ଠୀ ମଧ୍ୟରେ କୌଣସି ପ୍ରକାରର ବାଦବିବାଦ ଉପୁଜେ ତେବେ ତୃତୀୟ ପକ୍ଷକୁ ସୁଧାର ନିମନ୍ତେ ମଧ୍ୟସ୍ତିର କାର୍ଯ୍ୟ କରିବା ଉଚିତ୍ ଓ ପୁଣି ମିମାଂସା ହୋଇଯିବା ପରେ ଯଦି ଗୋଟିଏ ଗୋଷ୍ଠୀ ଧାର୍ଯ୍ୟ ହୋଇଥିବା ଚୁକ୍ତିର ବିରୋଧରେ କାର୍ଯ୍ୟ କରେ ତେବେବେ ଅନ୍ୟ ସମସ୍ତ ଦେଶଗୁଡିକୁ ଏକାଠି ହୋଇ ସେହି ଅତ୍ୟାଚାରୀଙ୍କ ହାତକୁ ରୋକିବାକୁ ହେବ ଓ ଆବଶ୍ୟକ ସ୍ଥଳେ ଶକ୍ତିର ବ୍ୟବହାର ମଧ୍ୟ କରିବା ଉଚିତ୍ । କିନ୍ତୁ ଯେବେ ସେହି ଅମାନ୍ୟକାରୀ ଗୋଷ୍ଠୀ ପଛଘୁଂଚା ଦିଏ ତେବେ ତା ଉପରେ ଅନାବଶ୍ୟକ ପ୍ରତିବନ୍ଧକ ଲଗାଇବା ଉଚିତ୍ ନୁହେଁ ବରଂ ତାକୁ ଗୋଟିଏ ସ୍ୱାଧୀନ ରାଷ୍ଟ୍ର ଓ ସମାଜ ରୂପେ ଆଗକୁ ବଢ଼ିବା ପାଇଁ ଅନୁମତି ଦେବା ଉଚିତ୍ । ଏହି ସିଦ୍ଧାନ୍ତ ବର୍ତମାନ ଯୁଗରେ ବିଶେଷ ରୂପେ ବଡ଼ ବଡ଼ ଶକ୍ତି ଏବଂ ଜାତିସଂଘ ପରି ଆନ୍ତର୍ଜାତିକ ସଂସ୍ଥାପାଇଁ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଅଟେ । ଯଦି ଏମାନେ ଏହି ସିଦ୍ଧାନ୍ତ ଉପରେ କାର୍ଯ୍ୟ କରିବେ ତେବେ ଦୁନିଆରେ ପ୍ରକୃତ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ହୋଇଯିବ ଓ ବ୍ୟର୍ଥ ନିରାଶା ସ୍ୱତଃପ୍ରୃତଭାବେ ଶେଷ ହୋଇଯିବ । ଏହିପରି କୋରାନ୍‌ରେ ଆହୁରି ମଧ୍ୟ ବହୁତ ନିୟମାବଳୀ ରହିଛି ଯାହା ବତାଉଛନ୍ତି କି କିପରି ଦୁନିଆରେ ଶାନ୍ତି ପ୍ରତିଷ୍ଠା କରାଯାଇପାରିବ ଓ କିପରି ପ୍ରତ୍ୟେକ ପ୍ରକାର ଯୁଦ୍ଧକୁ ଶେଷ କରିଦିଆଯାଇପାରିବ । ଆମର ରହ୍‌ମାନ୍ ଏବଂ ରହିମ୍ (ଦୟାଳୁ ଓ କୃପାଳୁ) ଇଶ୍ୱର ଆମକୁ ଶାନ୍ତି ନିମନ୍ତେ ଏହି ସିଦ୍ଧାନ୍ତ ଏଇଥିପାଇଁ ବତାଇଛନ୍ତି କି ସେ ଚାହୁଁଛନ୍ତି ଯେ ତାର ସୃଷ୍ଟଜ ପ୍ରତ୍ୟେକ ପ୍ରକାରର ବିଭ୍ରାଟରୁ ସ୍ୱାଧୀନ ହୋଇ ଶାନ୍ତି ଓ ଭାଇଚାରା ସହିତ ମିଳିମିଶି ରୁହନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ତେଣୁ ଏତିକି କଥା ସହିତ ମୁଁ ଆପଣ ସମସ୍ତଙ୍କୁ ନିବେଦନ କରୁଛି କି ଏ ଦୁନିଆରେ ଶାନ୍ତି ଓ ଭାଇଚାରାକୁ ବଢ଼ାଇବା ପାଇଁ ନିଜର ସାମର୍ଥ୍ୟକୁ ବ୍ୟବହାର କରନ୍ତୁ । ଏ ଦୁନିଆରେ ଯେଉଁଠି ମଧ୍ୟ ମନୋମାଳିନ୍ୟତା ବା ସଂଘର୍ଷ ଘଟୁଛି ସେଠାରେ ଆମ ସମସ୍ତଙ୍କର ଦାୟିତ୍ୱ ହେଉଛି କି ଆମେ ନ୍ୟାୟ ପାଇଁ ଛିଡ଼ା ହେବା ଓ ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟା କରିବା, ଯଦ୍ଦ୍ୱାରା ଆମେ ସମସ୍ତେ ଏହି ଭୟଙ୍କର ଯୁଦ୍ଧଠାରୁ ସୁରକ୍ଷିତ ରହିପାରିବା, ଯାହା ୭୦ବର୍ଷ ପୂର୍ବେ ହୋଇଥିଲା ଓ ଯାହାର ବିଧ୍ୱଂସକାରୀ ପ୍ରଭାବ ଅନେକ ଦଶକ ପର୍ଯ୍ୟନ୍ତ ରହିଲା ଓ ବୋଧ ହୁଏ ଆଜି ପର୍ଯ୍ୟନ୍ତ ମଧ୍ୟ ଜାରି ରହିଛି । ଯେଉଁଭଳି ଗୋଟିଏ ଛୋଟ ଆକାରର ତୃତୀୟ ବିଶ୍ୱଯୁଦ୍ଧର ପ୍ରାରମ୍ଭ ହୋଇସାରିଛି ତେଣୁ ଏହା ଜରୁରୀ ଅଟେ କି ଆମେ ଆମର ଦାୟିତ୍ୱକୁ ତୁଲାଇବା । ଅବସ୍ଥା ଆଗକୁ ସଂଗୀନ ହେବା ପୂର୍ବରୁ, ଯାହା ସାରା ସଂସାରକୁ ନିଜ ପରିଧି ଭିତରେ ନେଇଯିବ ଏବଂ ବିପଦପୂର୍ଣ୍ଣ ଓ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ବ୍ୟବହାର ହୋଇ ଆମ ଆସନ୍ତା ପିଢ଼ୀ ନିଃଶେଷ ହୋଇଯିବା ପୂର୍ବରୁ ଆମକୁ ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟା କରିବାକୁ ହେବ । ତେଣୁ ଆସନ୍ତୁ ଆମେ ସମସ୍ତେ ମିଳିମିଶି ନିଜର କର୍ତବ୍ୟ ସମ୍ପାଦନ କରିବା । ଗୋଷ୍ଠୀ ଗୋଷ୍ଠୀ ହୋଇ ଓ ନିଜ ନିଜର ବ୍ଲକ୍ ବନାଇବା ପରିବର୍ତେ ଆମ ସମସ୍ତଙ୍କୁ ଏକାଠି ହୋଇ ଜଣେ ଅନ୍ୟଜଣଙ୍କୁ ସହଯୋଗ କରିବାକୁ ହେବ । ଆମ ନିକଟରେ ଏହା ବ୍ୟତୀତ ଆଉ କୌଣସି ଦ୍ୱିତୀୟ ରାସ୍ତା ନାହିଁ । କାରଣ ଯଦି ବଡ଼ ଆକାରରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବ ତ ଏହା ଫଳରେ ଯେଉଁ ଧ୍ୱଂସ ହେବ ତାହା ଆମ କଳ୍ପନାର ବାହାରେ । ଏଥିରେ କୌଣସି ସନ୍ଦେହ ନାହିଁ କି ବର୍ତମାନ ଆମେ ଏହା କହିବା କି ପୂର୍ବରୁ ହୋଇଥିବା ଯୁଦ୍ଧ ଗୁଡିକୁ ଏହା ତୁଳନାରେ ବହୁତ ଛୋଟ ଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୋର ପ୍ରାର୍ଥନା ଏହା କି ବହତୁ ବିଳମ୍ବ ହୋଇଯିବା ପୂର୍ବରୁ ଏ ସଂସାରକୁ ଏପରି ସଂଗୀନ ପରିସ୍ଥିତି ଅନୁଭବ ହେଉ ଓ ମନୁଷ୍ୟ ନିଜ ଇଶ୍ୱରଙ୍କ ନିକଟରେ ନତମସ୍ତକ ହେଉ ଏବଂ ତାର ଅଧିକାରକୁ ପ୍ରଦାନ କରୁ ଓ ଜଣେ ଅନ୍ୟ ଜଣକର ଅଧିକାରକୁ ପ୍ରଦାନ କରୁ । ଯେଉଁମାନେ ଧର୍ମ ନାମରେ ଯୁଦ୍ଧ କରୁଛନ୍ତି ବା ଯେଉଁ ଲୋକମାନେ ଭୌଗଳିକ ସୀମା ଉପରେ କବ୍‌ଜା କରିବା ପାଇଁ ଓ ଆର୍ଥିକ ଲାଭ ହାସଲ କରିବା ପାଇଁ ଯୁଦ୍ଧ କରୁଛନ୍ତି । ଇଶ୍ୱର ଏହି ସମସ୍ତଙ୍କୁ ବୁଦ୍ଧି ଓ ଜ୍ଞାନ ପ୍ରଦାନ କରନ୍ତୁ । ଇଶ୍ୱର କରନ୍ତୁ କି ସେମାନଙ୍କୁ ଏ ଅନୁଭବ ହେଉ କି ସେମାନଙ୍କର କାର୍ଯ୍ୟ ଓ ଚେଷ୍ଟା କେତେ ମୁର୍ଖତାପୁର୍ଣ୍ଣ ଓ ବିଧ୍ୱଂସକାରୀ ଅଟେ । ଇଶ୍ୱର କରନ୍ତୁ କି ଏ ସଂସାରର ପ୍ରତ୍ୟେକ ଭାଗରେ ବାସ୍ତବିକ ଓ ଲମ୍ବା ସମୟ ପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠା ହୋଇଯାଉ । ଆମିନ୍ । ଏହି କଥା ସହିତ ମୁଁ ଆଉଥରେ ପୁଣି ଆପଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି, ଯେଉଁମାନେ ଆଜିକାର ଏହି ଉତ୍ସବରେ ଯୋଗ ଦେଇଛନ୍ତି । ଆପଣ ସମସ୍ତଙ୍କୁ ଧନ୍ୟବାଦ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଉକ୍ତ ଅଭିଭାଷଣଟି ୧୨:୫୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ ।

**ଅତିଥିମାନଙ୍କ ତରଫରୁ ହୋଇଥିବା ପ୍ରଶ୍ନର ଉତର**

ଏହାପରେ କିଛି ଅତିଥିମାନେ ପ୍ରଶ୍ନ ପଚାରିଲେ । ଜଣେ ଅତିଥି ପଚାରିଲେ କି ହ୍ୟୁମାନିଟି ଫାଷ୍ଟ୍ ଅନ୍ତର୍ଗତ ଆମେ ଯେଉଁ ସେବା କରୁଛୁ କଣ ଏହା କୌଣସି ବିଶେଷ କାରଣ ଯୋଗୁ ବା ଇସ୍‌ଲାମୀୟ ଶିକ୍ଷା ଯୋଗୁ କରାଯାଉଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହିସବୁ ସେବା ଇସ୍‌ଲାମୀୟ ଶିକ୍ଷା ଯୋଗୁ କରାଯାଉଛି । ଇସ୍‌ଲାମ୍‌ରେ ଏ ଶିକ୍ଷା ଅଛି କି ମାନବଜାତିର ସେବା କର, ନିରାଶ୍ରୟ ଲୋକମାନଙ୍କୁ ସାହାଯ୍ୟ କର ଏବଂ ଦୁଃଖ କଷ୍ଟ ସମୟରେ ଅନ୍ୟମାନଙ୍କର କାର୍ଯ୍ୟରେ ଆସ । ଆମେ ତ ସାରା ଦୁନିଆରେ ମାନବଜାତିର ସେବା କରୁଅଛୁ ଓ ସେପର୍ଯ୍ୟନ୍ତ ଆମେ ଏ ସେବା କରିଚାଲିବୁ ଯେପର୍ଯ୍ୟନ୍ତ ଏ ସେବାର ଆବଶ୍ୟକ ରହିବ ।

ଆଉଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପିତୁଳା ପୂଜା ତ ମନା ଅଛି କିନ୍ତୁ ଯେଉଁ ସବୁ ଧାର୍ମିକ ପୀଠ ଅଛି ଓ ଯେଉଁ ସବୁ ଧର୍ମ ସମ୍ବନ୍ଧୀୟ ଐତିହାସି ସ୍ଥାନ ରହିଛି, ସେଗୁଡିକୁ ଭାଙ୍ଗିଦେବା ଓ ଧ୍ୱଂସ କରିଦେବା ଭୁଲ୍ ଅଟେ । ଯଦି କୌଣସି ଧର୍ମ ନିଜ ପ୍ରଥା ମୁତାବକ ଉପାସନା କରୁଅଛି ତେବେ ସେହି ସ୍ଥାନକୁ ଧ୍ୱଂସ କରିଦେବା କଦାପି ଉଚିତ୍ ନୁହେଁ । ଏହା ଭୁଲ୍ କାର୍ଯ୍ୟ ଅଟେ । ଯଦି ଏହା ଉଚିତ୍ ହୋଇଥାଆନ୍ତା ତେବେ ଇସ୍‌ଲାମ୍‌ର ପ୍ରାରମ୍ଭିକ ସମୟରେ ଏଗୁଡିକ ନିଃଶେଷ କରିଦିଆଯାଇଥାଆନ୍ତା । କିନ୍ତୁ ଇସ୍‌ଲାମ୍‌ରେ କଦାପି ଏଭଳି କରାଯାଇନାହିଁ ବରଂ ସେହି ସ୍ଥାନ ଗୁଡିକର ସୁରକ୍ଷା କରାଯାଇଛି ।

ଆଉଜଣେ ଛାତ୍ର ପଚାରିଲେ କି ଆମକୁ ସ୍କୁଲ୍‌ରେ ଏକଥା ଶିକ୍ଷାଯାଉଛି ଯେ ବୁଦ୍ଧିଜିମ୍ (ବୌଦ୍ଧମତ)ର ଶିକ୍ଷା ଶାନ୍ତିପୁର୍ଣ୍ଣ ଶିକ୍ଷା ଅଟେ । ଏବେ ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣ ଶୁଣି ମୁଁ ଏହା ଜାଣିବାକୁ ପାଇଲି କି ଇସ୍‌ଲାମ୍‌ର ଶିକ୍ଷା ମଧ୍ୟ ଶାନ୍ତିପୁର୍ଣ୍ଣ ଶିକ୍ଷା ଅଟେ । ବୁଦ୍ଧିଜିମ୍ କୌଣସି ଧର୍ମକୁ ଖରାପ କହୁନାହିଁ । ତେବେ କଣ ଇସ୍‌ଲାମ୍ ମଧ୍ୟ କୌଣସି ଧର୍ମକୁ ଖରାପ କହୁନାହିଁ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଇସ୍‌ଲାମ୍ କହୁଛି ଯେ ପ୍ରତ୍ୟେକ ଜାତିରେ ଓ ପ୍ରତ୍ୟେକ ଇଲାକାରେ ଇଶ୍ୱରଙ୍କ ଅମ୍ବେୟା (ଦୂତ) ଆସିଛନ୍ତି ଓ ପ୍ରତ୍ୟେକ ନବୀ ଇଶ୍ୱରଙ୍କ ସହିତ ସାକ୍ଷାତ୍ କରାଇବା ଓ ନିଜ ପାଳନକର୍ତାଙ୍କୁ ଚିହ୍ନାଇବା ଓ ଶାନ୍ତି ଓ ସୌହାର୍ଦ୍ଦ୍ୟର ଶିକ୍ଷାକୁ ନେଇ ଆସିଛନ୍ତି । ଆମର ଏ ବିଶ୍ୱାସ କି ପ୍ରତ୍ୟେକ ଧର୍ମ ହେଉଛି ଇଶ୍ୱରଙ୍କ ତରଫରୁ ସୃଷ୍ଟି । ପବିତ୍ର କୋରାନ୍ ଏହା କହୁଛି କି କୌଣସି ଜାତି ସହିତ ଶତୃତା ତୁମକୁ ଏକଥାରେ ବିବଶ ନ କରିଦେଉ କି ତୁମେ ତା ସହିତ ନ୍ୟାୟ ନକର ବୋଲି (ବରଂ) ନ୍ୟାୟ କର । ଏହା ତକ୍‌ଓ୍ୱାର ଅଧିକ ନିକଟତର । ପୁଣି ପବିତ୍ର କୋରାନ୍ କହୁଛି କି ତୁମେ ଅନ୍ୟମାନଙ୍କ ପିତୁଳା (ଠାକୁର) କୁ କିଛି ଖରାପ କଥା କୁହନାହିଁ । ନଚେତ୍ ସେମାନେ ତୁମ ଇଶ୍ୱରଙ୍କ ସମ୍ବନ୍ଧରେ କଥା ହେବେ ଓ ତୁମ ଇଶ୍ୱରଙ୍କୁ ଖରାପ ବୋଲି କହିବେ । ଏହାଦ୍ୱାରା ଏ ଦୁନିଆର ଶାନ୍ତି ନଷ୍ଟ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପବିତ୍ର କୋରାନ୍‌ରେ ଏପରି ବହୁତ ଆୟତ ରହିଛି, ଯେଉଁଥିରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ଶିକ୍ଷା ଦିଆଯାଇଛି । ଜଣେ ଅନ୍ୟଜଣକୁ ସମ୍ମାନ, ଭାଇଚାରା ଏବଂ ସହିଷ୍ଣୁତାର ଶିକ୍ଷା ଦିଆଯାଇଛି । ହଜ୍‌ରତ୍ ବୁଦ୍ ଆ:ସ ଇଶ୍ୱରଙ୍କ ତରଫରୁ ନବୀ ହୋଇ ଆସିଥିଲେ । ଆମ ଶିକ୍ଷା ମୁତାବକ ସେ ଇଶ୍ୱରଙ୍କର ଜଣେ ଦୂତ ଥିଲେ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ଅତିଥିମାନଙ୍କ ସେବାରେ ଖାଦ୍ୟ ପରିବେଷଣ କରାଗଲା । ସମସ୍ତ ଅତିଥିବୃନ୍ଦ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସାଥିରେ ଖାଦ୍ୟ ଗ୍ରହଣ କଲେ ।

ଭୋଜନ କରିବା ପରେ ଅତିଥିମାନେ ଜଣ ଜଣ ହୋଇ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ନିକଟରେ ହାଜର ହୋଇ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ପ୍ରତ୍ୟେକଙ୍କ ସହିତ ବାର୍ତାଳାପ କଲେ ଓ ସେ ସମସ୍ତେ ଅନୁରୋଧ କରି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଆସିଥିବା ସମସ୍ତ ଅତିଥି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ବାବର୍‌କତ୍ ଅସ୍ତିତ୍ୱରୁ ଲାଭାନ୍ୱିତ ହେଲେ ଓ ପ୍ରତ୍ୟେକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ବ୍ୟକ୍ତିତ୍ୱ ଏବଂ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ହେଲେ । (କ୍ରମଶଃ...)

(ବହଓ୍ୱାଲା ଅଖ୍‌ବାର୍ ବଦର୍ ୨୧ ଜାନୁଆରୀ ୨୦୧୬)

**ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା**

ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.3 Thursday 16 August 2018 Issue No.33**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)


# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜାପାନ ଗସ୍ତ - ନଭେମ୍ବର ୨୦୧୫ ର କାର୍ଯ୍ୟବ୍ୟସ୍ତତା

**୨୨ ନଭେମ୍ବର୍ ୨୦୧୫ (ରବିବାର)**

ହଜୁର୍ ଅନୁୱର୍ ଅ:ବ:ଅ ସକାଳ ୫:୩୦ ସମୟରେ ''ମସ୍‌ଜିଦ୍ ବଇତୁଲ୍ ଅହଦ୍''ରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁୱର୍ ଅ:ବ:ଅ ଦଫ୍‌ତରି ଡାକ ଚିଠି ପତ୍ର ଓ ରିପୋର୍ଟ୍‌ସ୍ ଇତ୍ୟାଦି ଦେଖିଲେ ଓ ସେଥିରେ ରିମାର୍କ୍‌ସ୍ ଦେଲେ ।

ହଜୁର୍ ଅନୁୱର୍ ଅ:ବ:ଅ ୧୦:୪୫ ରେ ନିଜ ଆବାସ ସ୍ଥଳୀରୁ ବାହାରକୁ ବାହାରି ମସ୍‌ଜିଦ୍ ବଇତୁଲ୍ ଅହଦ୍ ନିମନ୍ତେ ଯାତ୍ରା କଲେ । ୧୧:୧୫ ରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ଅହଦ୍‌ଠାରେ ପହଂଚିଲେ ।

**ଜମାତ୍ ଅହେମଦୀୟା ଜାପାନ୍‌ର ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲାଙ୍କ ସହିତ ମିଟିଂ**

ହଜୁର୍ ଅନୁୱର୍ ଅ:ବ:ଅ ନିଜ ଦଫତର୍‌ଠାରେ ପହଂଚିଲେ ଯେଉଁଠି ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ପ୍ରୋଗ୍ରାମ୍ ମୁତାବକ ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଜମାତ୍ ଅହେମଦୀୟା ଜାପାନ୍‌ର ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ମିଟିଂ ଆରମ୍ଭ ହେଲା । ହଜୁର୍ ଅନୁୱର୍ ଦୁଆ କରାଇଲେ ।

ହଜୁର୍ ଅନୁୱର୍ ଜେନେରାଲ୍ ସେକ୍ରେଟାରୀ ସାହେବଙ୍କ ଠାରୁ ଜମାତ୍‌ର ସଂଖ୍ୟା ଓ ତଜନିଦ୍ ପ୍ରସଙ୍ଗରେ ପଚାରି ବୁଝିଲେ । ଏଥିରେ ଜେନେରାଲ୍ ସେକ୍ରେଟାରୀ ସାହେବ୍ ବତାଇଲେ କି ଆମର ଦୁଇଟି ଜମାତ୍ ଅଛି । ଗୋଟିଏ ହେଉଛି ନାଗୋୟା ଓ ଆଉ ଗୋଟିଏ ହେଉଛି ଟୋକିଓ । ଏହାର ସଭ୍ୟ ସଂଖ୍ୟା ହେଉଛି ୧୮୯ । ଏହି ଦୁଇଟି ଜମାତ୍‌ରେ ସଦର୍ ଅଛନ୍ତି ଓ ସେମାନଙ୍କର ନିଜର ଆମେଲା ମଧ୍ୟ ଅଛନ୍ତି ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନ୍ୟାସ୍‌ନାଲ୍ ସେକ୍ରେଟାରୀ ମାଲ୍‌ଙ୍କ ଠାରୁ ଚାନ୍ଦା ଦେଉଥିବା ସଦସ୍ୟମାନଙ୍କର ସଂଖ୍ୟା ଓ ରୋଜଗାର କରୁଥିବା ସଦସ୍ୟମାନଙ୍କର ସଂଖ୍ୟା ସମ୍ବନ୍ଧରେ ପଚାରି ବୁଝିଲେ । ଏଥିରେ ସେକ୍ରେଟାରୀ ମାଲ୍ ସାହେବ୍ ବତାଇଲେ କି ଚାନ୍ଦା ଦେଉଥିବା ସଦସ୍ୟଙ୍କ ସଂଖ୍ୟା ହେଉଛି ୭୨ । ଯେବେକି ରୋଜଗାର୍ କରୁଥିବା ଲୋକମାନଙ୍କର ସଂଖ୍ୟା ହେଉଛି ପାଖାପାଖି ୫୦ ।

ଏଥିରେ ହଜୁର୍ ଅନୁୱର ନିର୍ଦ୍ଦେଶ ଦେଲେ କି ଆପଣଙ୍କ ନିକଟରେ ସଠିକ୍ ଡାଟା ରହିବା ଉଚିତ୍ । ପାଖାପାଖି କହିବା ଠିକ୍ ନୁହେଁ । ନିର୍ଦ୍ଧାରିତ ସଂଖ୍ୟା ବତାଇବା ଉଚିତ୍ । ଏବେ ତ କମ୍ପ୍ୟୁଟର୍ ସିଷ୍ଟମ୍ ହୋଇଗଲାଣି । ଆପଣ ନାମ ଅନୁସାରେ ସମ୍ପୂର୍ଣ୍ଣ ଡାଟା ଫିଡ୍ କରିପାରିବେ ଅର୍ଥାତ୍ କେତେଜଣ ରୋଜଗାର କରୁଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେଜଣ ଚାନ୍ଦା ଦେଉଛନ୍ତି ଓ କେତେଜଣ ମୁସି ଅଛନ୍ତି ଓ କେତେଜଣ ଗଏର୍ ମୁସି ଅଛନ୍ତି ଓ ମହିଳା ମୁସିମାନଙ୍କ ସଂଖ୍ୟା କେତେ । ୱସିୟତ୍ କରିଥିବା ଛାତ୍ରଛାତ୍ରୀମାନଙ୍କର ସଂଖ୍ୟା କେତେ ପୁଣି ଶର୍‌ହା (ମାପ) ମୁତାବକ କେତେଜଣ ଚାନ୍ଦା ଦେଉଛନ୍ତି ଓ ଗଏର୍ ଶର୍‌ହାରେ ଚାନ୍ଦା ଦେଉଥିବା ଲୋକଙ୍କର ସଂଖ୍ୟା କେତେ । ଏହି ସମସ୍ତ ରେକର୍ଡ୍ ଆପଣଙ୍କ ନିକଟରେ ରହିବା ଉଚିତ୍ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଜମାତ୍‌ର ସଦସ୍ୟମାନଙ୍କୁ ଏହା ବତାଇବା ଉଚିତ୍ ହେବ କି ଚାନ୍ଦା କୌଣସି ପ୍ରକାର ଟ୍ୟାକ୍‌ସ୍ ନୁହେଁ । ଯଦି ଆପଣମାନେ ଶର୍‌ହାର ସହିତ ଚାନ୍ଦା ଦେଇପାରୁନାହାଁନ୍ତି ତେବେ କମ୍ ଶର୍‌ହାରେ ଚାନ୍ଦା ଦେବା ପାଇଁ ନିୟମିତ ରୂପେ ଅନୁମତି ନିଅନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଲୋକମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇବାର ଆବଶ୍ୟକତା ରହିଛି । ଅର୍ଥାତ୍ ଚାନ୍ଦା ହେଉଛି ଗୋଟିଏ ଏପରି ଜିନିଷ ଯାହାପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହା ନିଜକୁ ପବିତ୍ର କରିବା ପାଇଁ ଅତ୍ୟାବଶ୍ୟକ । ଇଶ୍ୱର କହୁଛନ୍ତି କି ମୁଁ ତୁମକୁ ପ୍ରଦାନ କରୁଛି । ସେଥି ମଧ୍ୟରୁ କିଛି ଇଶ୍ୱରଙ୍କ ମାର୍ଗରେ ଖର୍ଚ୍ଚ କର । ତେବେ ଏହି ଚାନ୍ଦା ଇଶ୍ୱରଙ୍କ ସାନିଧ ହାସଲ କରିବା ପାଇଁ ଅଟେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଆପଣଙ୍କ ନିକଟରେ ଏହି ସବୁ ରେକର୍ଡ୍ ରହିବା ଉଚିତ୍ କି ଚାନ୍ଦା ଆମ୍ କେତେଜଣ ଦେଉଛନ୍ତି ଓ ଚାନ୍ଦା ୱସିୟତ୍ ଦେଉଥିବା ଲୋକଙ୍କର ସଂଖ୍ୟା କଣ । ପୁଣି ଏହ କି ଚାନ୍ଦା ଆମ୍ କେତେ ଆଦାୟ କରାଯାଉଛି । ଏହାର କଣ ବଜେଟ୍ ଅଛି ଓ ଚାନ୍ଦା ୱସିୟତ୍ କେତେ ଆଦାୟ କରାଯାଉଛି । ଏଗୁଡିକୁ ଅଲଗା ଅଲଗା ହିସାବ୍ ରଖିବା ଉଚିତ୍ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ତର୍‌ବିୟତ୍ ସାହେବ୍‌ଙ୍କୁ ହଜୁର୍ ଅନୁୱର୍ ଅ:ବ:ଅ ସମ୍ବୋଧନ କରି କହିଲେ ଯଦି ତର୍‌ବିୟତି ନିଜାମ୍ ସଠିକ୍ ରୂପେ କାର୍ଯ୍ୟ କରୁଅଛି ଓ ସଠିକ୍ ତର୍‌ବିୟତ୍ କରାଯାଉଅଛି ତେବେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଇମାନ୍ (ବିଶ୍ୱାସ)ରେ ଓ ନିଜ ଆସ୍ଥାରେ ବଢ଼ିବା ଉଚିତ୍ । ଉପାସନା, ନମାଜ ପ୍ରତି ପୂର୍ବ ଠାରୁ ଅଧିକା ଧ୍ୟାନ ଦେବା ଉଚିତ୍ । ଉପାସନା ପ୍ରତି ଧ୍ୟାନ ସୃଷ୍ଟି ହେବ ତେବେ ତା ଫଳରେ ମାଲି କୁର୍‌ବାନୀ ପ୍ରତି ସ୍ୱତଃପ୍ରୃତ ଆଗ୍ରହ ସୃଷ୍ଟି ହେବ । ଏହି କ୍ରମନୁସାରେ ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଛନ୍ତି । ଅର୍ଥାତ୍ ପ୍ରଥମେ ଉପାସନାକୁ ରଖିଛନ୍ତି ଓ ପୁଣି ମାଲି କୁର୍‌ବାନୀକୁ ରଖିଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଯଦି ଉପାସନା ପ୍ରତି ଧ୍ୟାନ ଆକର୍ଷଣ ହେବ ତେବେ ମାଲି କୁର୍‌ବାନୀ ପ୍ରତି ମଧ୍ୟ ରହିବ । ଏହିପରି ଆପଣମାନଙ୍କ ସମସ୍ୟା ଗୁଡିକ ସମାଧାନ ହୋଇଯିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁଁ ଯେବେ ବି ଏଠାକୁ ଆସୁଛି ଆପଣମାନଙ୍କୁ ବତାଇ ଓ ବୁଝାଇ ଯାଉଛି । ଯିବାର ଏକମାସ ପରେ ଆପଣମାନେ ପୁଣି ଭୁଲି ଯାଉଛନ୍ତି ଓ ସେହି ସମସ୍ୟା ଗଡିକ ପୁନର୍ବାର ସୃଷ୍ଟି ହୋଇଯାଉଛି ଓ ଜଣେ ଅନ୍ୟଜଣକ ବିଷୟରେ ଆପତି ଅଭିଯୋଗ କରିବା ଆରମ୍ଭ କରିଦେଉଛନ୍ତି ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ତବ୍‌ଲିଗ୍ ସାହେବଙ୍କୁ ହଜୁର୍ ଅନୁୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ କି ଆପଣମାନେ ତବ୍‌ଲିଗ୍ ଯେବେ କରିବେ ତ ଲୋକମାନେ ଶୁଣିବେ କି ଆପଣଙ୍କର ବାର୍ତା ବହୁତ ଭଲ ଥିଲା । କିନ୍ତୁ ଯେବେ ପାଖକୁ ଓ ଭିତରକୁ ଆସି ଆପଣମାନଙ୍କ କାର୍ଯ୍ୟକଳାପକୁ ଦେଖିବେ ତ କଣ କହିବେ କି ଆପଣମାନଙ୍କର ନମୁନା ଠିକ୍ ନାହିଁ ବୋଲି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ପ୍ରଥମେ ଅନେକ ଲୋକ ଆସିଲେ ଓ ଜମାତ୍‌ରେ ସାମିଲ୍ ହେଲେ । ପୁଣି ଆପଣମାନଙ୍କ କାର୍ଯ୍ୟକଳାପକୁ ଦେଖି ପଛକୁ ଫେରିଗଲେ ଓ କିଛିଲୋକ ଜମାତ୍‌କୁ ଛାଡ଼ି ଚାଲିଗଲେ । ଏବେ ମଧ ଯେଉଁମାନେ ଟିକ୍ଷି ରହିଛନ୍ତି ସେମାନଙ୍କର ଅଭିଯୋଗ ଆପଣଙ୍କ ଉପରେ ଏହା ହୋଇଛି କି ଆପଣମାନଙ୍କର କାର୍ଯ୍ୟ ଓ କଥାରେ ସମାନତା ନାହିଁ । ତେଣୁ ଜରୁରୀ ଅଟେ କି ଆପଣମାନେ ନିଜର ଭଲ ନମୁନାକୁ ଦେଖାନ୍ତୁ ଓ ଆପଣମାନଙ୍କର କଥା ଓ କାର୍ଯ୍ୟ ଏକ ରହିବା ଉଚିତ୍ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଏବେ ସାରା ସଂସାରର ଦୃଷ୍ଟି ଆପଣମାନଙ୍କ ଉପରେ ରହିଛି । ବିଗତ ଦିନ ମୁଁ ହଲାଣ୍ଡ ଦେଶକୁ ଯାଇଥିଲି । ସେଠାରେ ସାକ୍ଷାତ୍ କରିବାକୁ ଆସିଥିବା ଜଣେ ଅତିଥି ଏହା ବତାଇଲେ କି ଆପଣଙ୍କ ଶିକ୍ଷା ବହୁତ ଭଲ, ଆପଣମାନଙ୍କର କଥା ଆମର ମନକୁ ଛୁଇଁ ଯାଉଛି ଓ ଆମକୁ ବହୁତ ପ୍ରଭାବିତ ମଧ୍ୟ କରିଛି । ଏବେ ଏହା ଦେଖିବାକୁ ବାକି ଅଛି କି ଅହେମଦୀମାନେ ଏହା ଉପରେ କିପରି ଅମଳ କରୁଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି କାଲି ସନ୍ଧ୍ୟାର ଉତ୍ସବରେ ଜଣେ ଡାକ୍ତର ଆସିଥିଲେ । ସେ କହିଲେ କି ଆପଣମାନଙ୍କର ପ୍ରୋଗ୍ରାମ୍ ବହୁତ ଭଲ ଥିଲା । ଏହାକୁ ମାନିବା ପାଇଁ କୌଣସି ଶଂଟୋଙ୍କ ଅନୁଗାମୀ ହେବା, ଇସାଇ ଓ ବୁଦ୍ଧିଷ୍ଟ୍ ବା ଆଉ କୌଣସି ଧର୍ମବଲମ୍ବିକୁ କୌଣସି ପ୍ରକାରର ଅଭିଯୋଗ ରହିବନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କିନ୍ତୁ ଯେବେ ସେମାନେ ଏ ନମୁନାକୁ ଦେଖିବେ ତେବେ ଯାଇ ସେମାନେ ଆପତି ଅଭିଯୋଗ ମଧ କରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ତର୍‌ବିୟତ୍ ବିଭାଗକୁ ବହୁତ ଅଧିକା କାମ କରିବାର ଆବଶ୍ୟକ ରହିଛି । ସେକ୍ରେଟାରୀ ତର୍‌ବିୟତ୍ ନିଜେ, ସଦର୍ ଜମାତ୍, ମୁବଲିଗ୍ ଇନ୍‌ଚାର୍ଯ୍ ଏବଂ ଆମେଲାର ସଦସ୍ୟମାନେ ଏବଂ ପୁଣି ଜମାତ୍‌ର ଲୋକମାନେ ସମସ୍ତଙ୍କୁ ନିଜର ନମୁନା ଦେଖାଇବାକୁ ପଡ଼ିବ । ନିଜର ସ୍ତରକୁ ଉନ୍ନତ କରିବାକୁ ପଡ଼ିବ । ତେବେ ଏହିପରି ଚାନ୍ଦାର ସ୍ତର ଉତମ ହେବ । ଏହା ବତାଇବାକୁ ହେବ କି ଚାନ୍ଦା ହେଉଛି ଇଶ୍ୱରଙ୍କ ନିର୍ଦ୍ଦେଶାବଳୀ ଗୁଡିକ ମଧ୍ୟରୁ ଗୋଟିଏ ନିର୍ଦ୍ଦେଶ ଓ ଏହା କୌଣସି ପ୍ରକାର ଟ୍ୟାକ୍‌ସ୍ ନୁହେଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ୱସିୟତ୍‌ର ସ୍ତରକୁ ଉତମ କରିବାକୁ ହେବ । ଏହା କୌଣସି ସାଧାରଣ ନିଜାମ୍ ନୁହେଁ ''ଅଲ୍ ୱସିୟତ୍'' ପତ୍ରିକାକୁ ପଢ଼ନ୍ତୁ । ୱସିୟତ୍ ନିଜାମ୍‌କୁ ଖିଲାଫତ୍ ନିଜାମ୍ ସହିତ ଯୋଡ଼ା ଯାଇଛି । ଖିଲାଫତ୍‌ର ପୁରଷ୍କାରକୁ ପ୍ରାପ୍ତ କରିବା ପାଇଁ କଣ ସବୁ ସର୍ତାବଳୀ ରହିଛି ? ଏହା କି ବିଶ୍ୱାସର ଉଚ୍ଚ ସ୍ତରରେ ରହିବା ଓ ଉଚିତ୍ କର୍ମ ଅର୍ଥାତ୍ ସଠିକ୍ କର୍ମ କରିବା ଏବଂ ଉପାସନାର ଉଚ୍ଚତମ ସ୍ତରକୁ ପ୍ରତିଷ୍ଠା କରିବା । ତେବେ ଏହାର ଅର୍ଥ ହେଉଛି ୱସିୟତ୍ କରୁଥିବା ବ୍ୟକ୍ତିଙ୍କର ସ୍ତର ବହୁତ ଅଧିକ ଉଚ୍ଚ ହେବା ଉଚିତ୍ । ଯଦି ଏହି ସ୍ତର ଉଚ୍ଚ ରହିବ ତେବେ ଖିଲାଫତ୍‌ର ପୁରଷ୍କାର ମିଳିଚାଲିବ ।

ହଜୁର୍ ଅନୁୱର୍ ଅ:ବ:ଅ ସେକ୍ରେଟାରୀ ୱସାୟାଙ୍କ ଠାରୁ ମୁସିମାନଙ୍କର ସଂଖ୍ୟା ପ୍ରସଙ୍ଗରେ ରିପୋର୍ଟ୍ ମାଗିଲେ । ସେକ୍ରେଟାରୀ ୱସାୟା ରିପୋର୍ଟ ଉପସ୍ଥାପନ କରି ବତାଇଲେ କି ମୁସି ମାନଙ୍କର ମୋଟ ସଂଖ୍ୟା ହେଉଛି ୪୬ । ପୁରୁଷ ହେଉଛନ୍ତି ୨୭ ଓ ବାକି ୧୯ ଜଣ ହେଉଛନ୍ତି ମହିଳା, ଯେଉଁମାନେ ନିଜର ପକେଟ୍ ଖର୍ଚ୍ଚରୁ ଚାନ୍ଦା ଆଦାୟ କରୁଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ରୋଜଗାର କରୁଥିବା ମାନଙ୍କ ମଧ୍ୟରୁ ଅଧା ହେବା ଉଚିତ୍ । ମୁଁ ଅଧାର ଯେଉଁ ଟାର୍ଗେଟ୍ ଦେଇଥିଲି ତାହା ହେଉଛି ରୋଜଗାର କରୁଥିବା ଲୋକମାନଙ୍କ ଅଧା ଯଦି ଆପଣମାନଙ୍କର ଏଠି ୭୨ ଜଣ ରୋଜଗାର କରୁଛନ୍ତି ତେବେ ଟାର୍ଗେଟ୍ ମୁତାବକ ୩୬ ଜଣ ମୁସି ହେବା ଉଚିତ୍ । ଏବେ ୨୭ ଜଣ ଅଛନ୍ତି । ଏହାର ଅର୍ଥ ହେଉଛି କି ଆଉ ୯ ଜଣଙ୍କର ଅଭାବ ଅଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ମୁସି ମାନଙ୍କର ତକ୍‌ୱାର ସ୍ତର ଉତମ ହୋଇଥାଏ । ସେଥିଯୋଗୁ ସେମାନଙ୍କର ଚାନ୍ଦା ମଧ୍ୟ ଉତମ ହୋଇଥାଏ । ଏହା ଅନୁମାନ କରାଯାଇଛି କି ଯଦି ମୁସି ଓ ଅଣମୁସିମାନେ ଗୋଟିଏ ସ୍ଥାନରେ କାମ କରୁଛନ୍ତି ତେବେ ମୁସି ମାନଙ୍କର ଆମଦାନୀ ଅଧିକା ବୋଲି ଜଣାପଡୁଛି ଓ ଅନ୍ୟମାନଙ୍କର କମ୍ ବୋଲି ପ୍ରକାଶ ହେଉଛି । ତେଣୁ ଯଦି ଆପଣମାନଙ୍କର ତର୍‌ବିୟତ୍‌ର ସ୍ତରରେ ଉନ୍ନତି ହେବ ତେବେ ଚାନ୍ଦାର ସ୍ତର ମଧ୍ୟ ଠିକ୍ ରହିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି କେବଳ ୱସିୟତ୍ କରାଇଦେବା ଯଥେଷ୍ଟ ନୁହେଁ । ୱସିୟତ୍ ସମ୍ପର୍କରେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଲେଖନୀ, ଇକ୍‌ତେବାସାତ୍ ଏବଂ ଖୋଲୋଫା ମାନଙ୍କର ବାଣୀଗୁଡିକୁ ଗୋଟିଏ ସର୍କୁଲାର୍ ରୂପେ ୱସିୟତ୍ କରିଥିବା ଲୋକମାନଙ୍କୁ ପଠାଇ ଚାଲନ୍ତୁ । ବିଭିନ୍ନ ସମୟରେ ଏହି ସର୍କୁଲାର୍ ଯିବା ଉଚିତ୍ ।

ହଜୁର୍ ଅନୁୱର୍ ଅ:ବ:ଅ ନ୍ୟାସ୍‌ନାଲ୍ ସେକ୍ରେଟାରୀ ୱସାୟାଙ୍କୁ ସମ୍ବୋଧନ କରି କହିଲେ କି ଯଦି ଆପଣଙ୍କୁ ଜମାତି ୱହ୍‌ଦାଦାର୍ ଓ ଆମେଲାଙ୍କ

*ଅବଶିଷ୍ଟାଂଶ ପୃଷ୍ଠା-୦୭ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**